# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଏପ୍ରିଲ ୨୮/୨୦୨୨ (୧୪ ପୃଷ୍ଠା) Rayagada, Thursday, April 28/2022 Page 14 ₹ 7.00 ★

୧୨ଶ ଭାଗ ୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




### ପ୍ୟାରୀ ଖାଖାଙ୍କ ହ୍ୟାଟ୍ରିକ

ପ୍ୟାରୀ ଖାଖାଙ୍କ ହ୍ୟାଟ୍ରିକ ଗୋଲ ବଳରେ ସ୍ପୋର୍ଟ୍ସ ଓଡ଼ିଶା ଇଣ୍ଡିଆନ ଓମେନ୍ସ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ସିର୍ଭୋଡେମ୍ ସ୍ପୋର୍ଟ୍ସ କ୍ଲବକୁ ୯-୧ ଗୋଲରେ ପରାସ୍ତ କରିଛି।

୧୪

୧୦

### କାନ୍ସରେ ଜୁରି ହେବେ ଦୀପିକା

ଚଳିତ ବର୍ଷ କାନ୍ସ ଫେଷ୍ଟିଭାଲର ଜୁରି ଦାୟିତ୍ୱରେ ରହିବେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ।





ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଏବଂ ପାଇକ ରେଜିମେଣ୍ଟ ଗଠନ ଦାବିରେ ବୁଧବାର ପାଇକ ସଂଘ ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍‌ରୁ ବାହାରିଥିବା ଶୋଭାଯାତ୍ରାରେ ଆଖଡ଼ା ପ୍ରଦର୍ଶନ।

# ବିରୋଧୀଙ୍କ ମୁଣ୍ଡରେ 'ତେଲ' ଅଠା

**ସାରା ଦେଶରେ ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧିକୁ ନେଇ ବିରୋଧୀ ଦଳଗୁଡ଼ିକ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଉଦ୍ୟମ କରିଛନ୍ତି। ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଉପରୁ ଭାଟ୍ ହ୍ରାସ କରୁ ନ ଥିବାରୁ ଏହାର ମୂଲ୍ୟ ବଢ଼ିବାରେ ଲାଗିଛି ବୋଲି ସେ ପାଲଟା ଅଠା ବୋଳିବାକୁ ଉଦ୍ୟମ କରିଛନ୍ତି। ମୋଦି କୋଭିଡ୍ ସମୀକ୍ଷା ବୈଠକ ଡାକି ରାଜନୀତି କରିଥିବା ବିରୋଧୀ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ନିନ୍ଦା କରିଛନ୍ତି।**



## କୋଭିଡ୍ ବୈଠକରେ ରାଜନୀତି

- ପେଟ୍ରୋଲ, ଡିଜେଲ ମୂଲ୍ୟ ବୃଦ୍ଧି ପାଇଁ ଅଣଭାଜପା ଶାସିତ ରାଜ୍ୟ ଦାୟୀ: ମୋଦି
- ପ୍ରଧାନମନ୍ତ୍ରୀ ଏକତରଫା କହିଚାଲିଲେ, କାହାକୁ ସୁଯୋଗ ଦେଲେ ନାହିଁ : ମମତା
- କେନ୍ଦ୍ର ଉପରେ ଜିଏସ୍‌ଟି ବାବଦକୁ ୨୬,୫୦୦ କୋଟି ବକେୟା ଅଛି: ଉଦ୍ଧବ

ନୂଆଦିଲ୍ଲୀ,୨୭।୪

ବିରୋଧୀ ଶାସିତ ଅନେକ ରାଜ୍ୟରେ ଆକାଶଛୁଆଁ ତେଲ ଦରକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଜାତୀୟ ସ୍ୱାର୍ଥ ପାଇଁ ପେଟ୍ରୋଲ ଓ ଡିଜେଲ ଉପରୁ ମୂଲ୍ୟଯୁକ୍ତ ଟିକସ (ଭାଟ୍) ହ୍ରାସ କରିବାକୁ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ସାଧାରଣ ଜନତା ଉପକୃତ ହେବେ। ତେଣୁ ସାମ୍ପ୍ରତିକ ବୈଶ୍ୱିକ ସଙ୍କଟ ସମୟରେ ସଂଘୀୟ ସହଯୋଗିତା ଆଧାରରେ କାର୍ଯ୍ୟ କରନ୍ତୁ ବୋଲି ସେ ମୁଖ୍ୟମନ୍ତ୍ରୀମାନଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ କୋଭିଡ୍ ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକ ବେଳେ ତେଲ ଦର ବୃଦ୍ଧି ପ୍ରସଙ୍ଗ ଉଠାଇବା ସହ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ଉପରେ ଦୋଷ ଲଦି ରାଜନୀତି କରିଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଛନ୍ତି।

ଦେଶରେ ଦୁଇ ସପ୍ତାହ ଧରି ବୃଦ୍ଧି ପାଉଥିବା କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ମୋଦି ବୁଧବାର ମଧ୍ୟାହ୍ନ ୧୨ଟାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ଏଥିରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଡ଼ିହୋଇଥିଲେ। ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ ଉଭୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ତେବେ କୋଭିଡ୍-୧୯ ସ୍ଥିତି ଉପରେ ଆଲୋଚନା ବାହାନାରେ ପ୍ରଧାନମନ୍ତ୍ରୀ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଁ ବିରୋଧୀ ଦଳ ☞ପୃଷ୍ଠା-୪

## ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ସମୟ ବଦଳିଲା

କଟକ ଅଫିସ,୨୭।୪

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଆସନ୍ତା ୨୯ ତାରିଖରୁ ମାଟ୍ରିକ ପରୀକ୍ଷା (ସମେଟିଭ ଆସେସମେଣ୍ଟ-୨) ଆରମ୍ଭ ହେବାକୁ ଯାଉଛି । ତେବେ ରାଜ୍ୟରେ ବୃଦ୍ଧି ପାଉଥିବା ତାପମାତ୍ରା କାରଣରୁ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ସମୟରେ ବୋର୍ଡ ପକ୍ଷରୁ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଦ୍ୱିତୀୟ ସିଟିଂରେ ହେବାକୁ ଥିବା ପରୀକ୍ଷା ତାରିଖ ଓ ସମୟକୁ ପରିବର୍ତ୍ତନ କରାଯାଇଛି। ମେ' ୨ ଓ ୪ ତାରିଖରେ ହେବାକୁ ଥିବା ଦ୍ୱିତୀୟ ☞ପୃଷ୍ଠା-୪

### ମାଟ୍ରିକ ପରୀକ୍ଷା

- ୫ ଲକ୍ଷ ୮୫ ହଜାର ୭୩୦ ପରୀକ୍ଷାର୍ଥୀ
- ୩ ହଜାର ୫୪୦ ପରୀକ୍ଷା କେନ୍ଦ୍ର, ୩୧୫ ନୋଡାଲ ସେଣ୍ଟର
- ୨୧ ପୋଲିସ ଷ୍ଟେଶନ ନୋଡାଲ ସେଣ୍ଟର

# ନୀଳମାଧବ ପୀଠକୁ ୧୦୦ କୋଟି

## ବିକାଶ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ



- ୧୮ ମାସରେ ସମ୍ପୂର୍ଣ୍ଣ ହେବ
- କଣ୍ଟିଲୋବାସୀଙ୍କ ସହଯୋଗ କାମନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

କଣ୍ଟିଲୋ ନୀଳମାଧବ ପୀଠର ପାରିପାର୍ଶ୍ୱିକ ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ ଲାଭ କରିଛି। ଏଥି ନିମନ୍ତେ ୧୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ୧୮ ମାସ ମଧ୍ୟରେ ପ୍ରକଳ୍ପ କାମ ଶେଷ ହେବ। ସମନ୍ୱିତ ଐତିହ୍ୟ ଓ କୀର୍ତ୍ତିରାଜି ବିକାଶ ଯୋଜନାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ।

ପ୍ରକଳ୍ପର ସଫଳ କାର୍ଯ୍ୟକାରିତା ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଜନସାଧାରଣ ଓ ସେବାୟତମାନଙ୍କ ସହଯୋଗ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ନୀଳମାଧବ ପୀଠର ବିକାଶ ପାଇଁ ପ୍ରସ୍ତୁତ ମାଷ୍ଟରପ୍ଲାନ ଉପରେ ବିଚାରବିମର୍ଶ ପରେ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଗତ ସପ୍ତାହରେ ନୀଳମାଧବ ପୀଠ ପରିଦର୍ଶନ କରି ବିକାଶ ଯୋଜନା ସମ୍ପର୍କରେ ସେବାୟତ ତଥା ସ୍ଥାନୀୟ ଜନସାଧାରଣ ଓ ଜିଲା ପ୍ରଶାସନ ସହ ବିସ୍ତୃତ ଆଲୋଚନା କରି ମାଷ୍ଟରପ୍ଲାନ ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ମାଷ୍ଟରପ୍ଲାନରେ ମୁଖ୍ୟତଃ ମନ୍ଦିରର ପୁନରୁଦ୍ଧାର, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ପରିକ୍ରମା ପଥ, ଚନ୍ଦନ ପୁଷ୍କରିଣୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ସହିତ ଚତୁଃପାର୍ଶ୍ୱ ରାସ୍ତାର ଉନ୍ନତୀକରଣ, ଛାୟାପ୍ରଦ ବୃକ୍ଷ, ଉଦ୍ୟାନ,ପାର୍କିଂ, ମହାନଦୀର କୂଳ ସୁରକ୍ଷା ଓ ନଦୀପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ଆଦି ବିଷୟରେ ଗୁରୁତ୍ୱ ଦିଆଯାଇଛି। ମନ୍ଦିରକୁ ଯାଇଥିବା ତିଖା ପାହାଚର ପୁନରୁଦ୍ଧାର କରାଯାଇ ଭକ୍ତମାନେ ଯେପରି ସୁବିଧାରେ ଯାଇପାରିବେ ତଦନୁଯାୟୀ ☞ପୃଷ୍ଠା-୪

## ଆଜିଠୁ ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ମେ' ୩୧ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପରୀକ୍ଷା ପାଇଁ ସବୁ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଦୁଇବର୍ଷ ପରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଗତ ଦୁଇବର୍ଷ କାରୋନା ପାଇଁ ପରୀକ୍ଷା କରା ନ ଯାଇ ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ ହୋଇଥିଲା। ଏବେ କରୋନା ସ୍ଥିତିରେ ସୁଧାର ଆସିଯାଇଥିବାରୁ ଅଫ୍‌ଲାଇନ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଚଳିତବର୍ଷ ୩ ଲକ୍ଷ ୨୧ ହଜାର ୫୦୮ଜଣ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେବେ। ଏମାନଙ୍କ ମଧ୍ୟରୁ ୨,୧୩,୪୩୨ଜଣ କଳା, ୭୮,୦୭୭ଜଣ ବିଜ୍ଞାନ, ୨୪,୧୩୬ଜଣ ବାଣିଜ୍ୟ ଏବଂ ୫,୮୬୩ଜଣ ଧନ୍ଦାମୂଳକ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

### କ୍ୱାଡ୍‌ର ଲକ୍ଷ୍ୟ

# ୧୭୬ ଦେଶରେ ବ୍ୟବହାର ହେଉଛି ଓଡ଼ିଆ ଛାତ୍ରଙ୍କ ଆପ୍

- 'ଫଂଜବି' ଆପ୍ ପ୍ରସ୍ତୁତ କରି ଚର୍ଚ୍ଚାରେ ଦେବାଶିଷ
- ଏକକାଳୀନ ୭୦ଜଣ ଭିଡିଓ କନ୍‌ଫରେନ୍ସିଂ କରିପାରିବେ

ମାନସ ମହାନ୍ତି

ଯୋଡ଼ା,୨୭।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରର ଛାତ୍ର ଦେବାଶିଷ ବେହେରା ଫିଂଜବି ମୋବାଇଲ ଆପ୍ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଛନ୍ତି। ଏହି ଆପ୍ ଜରିଆରେ ଫ୍ରି ଆଣ୍ଡ ସିକ୍ୟୁର ଭାବେ ଭିଡିଓ କନଫରେନ୍ସିଂ ସେବା ଉପଲବ୍ଧ ରହିଛି। ଏକକାଳୀନ ୭୦ ଜଣ ଏହି ଆପ୍ଲିକେଶନ ମାଧ୍ୟମରେ ଭିଡିଓ କନଫରେନ୍ସରେ ଅଂଶଗ୍ରହଣ କରିପାରିବେ। ୧୭୬ଟି ଦେଶରେ ଏହି ଆପ୍ ବ୍ୟବହାର ଉପଯୋଗୀ ହୋଇପାରିଛି। ଏହା ଗୁଗଲ ପ୍ଲେ ଷ୍ଟୋରରେ ଗତ ଫେବୃୟାରୀରେ ସ୍ଥାନ ପାଇଛି। ତେବେ ଏହି ଆପ୍‌ର ଏକ ସ୍ୱତନ୍ତ୍ର ଫିଚର୍ ରହିଛି। ତାହା ହେଲା ଭିଡିଓ କନଫରେନ୍ସିଂ ସମୟରେ ଇମୋଜିରେ ସ୍ପେଶିଆଲ ଇଫେକ୍ଟର ବ୍ୟବହାର କରାଯାଇପାରିବ, ଯାହାକି ଅନ୍ୟ ଆପ୍ଲିକେଶନ ଠାରୁ ଭିନ୍ନ। ଏଭଳି ଆପ୍ ପ୍ରସ୍ତୁତ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ଦେବାଶିଷ।

ଯୋଡ଼ା ସହରର ୫ନଂ. ୱାର୍ଡ ଆଜାଦବସ୍ତିରେ ରହୁଥିବା ବାହାଦୁର ବେହେରା ଓ ରେଣୁକାଙ୍କ ପୁଅ ଦେବାଶିଷ ☞ପୃଷ୍ଠା-୪



ଯୋଡ଼ାର ଆପ୍ଲିକେଶନ ଡେଭଲପର ଦେବାଶିଷ ବେହେରା।

## ପୃଥିବୀକୁ ଜୀବସତ୍ତା ଆଣିଛି ଉଲ୍‌କାପିଣ୍ଡ

### ଗବେଷଣାରେ ଦାବି



ଟୋକିଓ, ୨୭।୪

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ଉପରୁ ଏ ଯାଏ ପରଦା ହଟିପାରି ନ ଥିବାବେଳେ ନୀଳଗ୍ରହରେ ଜୀବସତ୍ତାର ଅନେକ ଥିଓରି ଉପଲବ୍ଧ। ତଥାପି ପୃଥିବୀରେ ଜୀବନ ସୃଷ୍ଟିର କାରଣ ବିଷୟରେ ଅଧିକ ତଥ୍ୟଭିତ୍ତିକ ପ୍ରମାଣ ଯୋଗାଡ଼ ପାଇଁ ଏବେ ବି ବୈଜ୍ଞାନିକମାନେ ଅଧ୍ୟୟନରେ ବ୍ୟସ୍ତ। କେବଳ ପୃଥିବୀ ନୁହେଁ ମହାକାଶରେ ବି ଜୀବନ ସନ୍ଧାନ ପାଇଁ ଦିନରାତି ଗବେଷଣା ଜାରି ରହିଛି। ତେବେ ସଦ୍ୟ ଏକ ଅଧ୍ୟୟନରୁ ପୃଥିବୀରେ ଜୀବନ ସୃଷ୍ଟି ଉପରେ ଆଶ୍ଚର୍ଯ୍ୟ କଲା ଭଳି ତଥ୍ୟ ସାମ୍ନାକୁ ଆସିଛି। ନେଚର କମ୍ୟୁନିକେଶନ୍ସ ଜର୍ନାଲରେ ପ୍ରକାଶିତ ଏହି ☞ପୃଷ୍ଠା-୪


DSPL - 12

ଓଡ଼ିଶା ସରକାର

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା



ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ (+2) ବାର୍ଷିକ ପରୀକ୍ଷା ଚଳିତ ବର୍ଷ ଅପ୍ରେଲ ୨୮ ତାରିଖଠାରୁ ମଇ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି ।

ଏହି ପରୀକ୍ଷା ଛାତ୍ରଛାତ୍ରୀଙ୍କ କ୍ୟାରିୟର ଗଠନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସବୁ ପରୀକ୍ଷାର୍ଥୀ ଯେପରି ଚାପମୁକ୍ତ ହେବା ସହିତ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବେ, ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ଶାନ୍ତିପୂର୍ଣ୍ଣ ଓ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ମୁଁ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ତଥା ଜନସାଧାରଣ, ସମସ୍ତଙ୍କ ସହଯୋଗ କାମନା କରୁଛି ।

ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)

ଓଡ଼ିଶା ସରକାର

ବାର୍ତ୍ତା



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ (+2) ପରୀକ୍ଷା ଅପ୍ରେଲ ୨୮ ତାରିଖରୁ ମଇ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେଉଛି ।

ଏହି ଅବସରରେ ମୁଁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ସେମାନଙ୍କୁ ଇପ୍‌ସିତ ସଫଳତା କାମନା କରୁଛି । ଉଚ୍ଚତର ଶିକ୍ଷା ପୂର୍ବରୁ ଛାତ୍ର ଜୀବନରେ +2 ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରୀକ୍ଷାର ଇପ୍‌ସିତ ସଫଳତା ଭବିଷ୍ୟତ ଶିକ୍ଷା ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଚାପର ବଶବର୍ତ୍ତୀ ନ ହୋଇ ଅଧ୍ୟୟନ, ପରିଶ୍ରମ ଏବଂ ଆତ୍ମବିଶ୍ୱାସକୁ ନେଇ ଛାତ୍ରଛାତ୍ରୀମାନେ ପରୀକ୍ଷାର ସମ୍ମୁଖୀନ ହୁଅନ୍ତୁ । ସେମାନେ ଏ କ୍ଷେତ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତା ବଜାୟ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ ।

ପରୀକ୍ଷା ପ୍ରକ୍ରିୟାକୁ ସଫଳତାର ସହ ପରିଚାଳନା କରିବା ନିମନ୍ତେ ସମ୍ପୃକ୍ତ ପଦାଧିକାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ଓ ପ୍ରଶାସନର ସହଯୋଗ କାମନା କରୁଛି ।

(ସମୀର ରଞ୍ଜନ ଦାଶ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା

OIPR-27001/13/0001/2223

ଧରିତ୍ରୀ
DHARITRI
ଗୁରୁବାର, ୨୮ ଏପ୍ରିଲ, ୨୦୨୨

**ବିଜୟ୍ ସାମ୍ପଲା ପୁଣି ଏନ୍‌ସିଏସ୍‌ସି ଅଧ୍ୟକ୍ଷ**

ଭାଜପା ନେତା ବିଜୟ୍ ସାମ୍ପଲାଙ୍କୁ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଜାତୀୟ ତଫସିଲଭୁକ୍ତ ଜାତି କମିଶନ (ଏନ୍‌ସିଏସ୍‌ସି) ଅଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ପୂର୍ବରୁ ମଧ୍ୟ ସେ ଏହି ପଦବୀରେ ଥିଲେ। ପଞ୍ଜାବ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ସେ ଇସ୍ତଫା ଦେଇଥିଲେ। ପରାଜିତ ହେବା ପରେ ତାଙ୍କୁ ଏନ୍‌ସିଏସ୍‌ସି ଭାବେ ପୁନଃ ନିଯୁକ୍ତି କରାଯାଇଛି। ୧୯୯୮ରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ସାମ୍ପଲା ପଞ୍ଜାବରେ ଭାଜପାର ଜଣେ ପ୍ରମୁଖ ଚେହେରା।



## ସଂକ୍ଷେପରେ

### ୨ରୁ ୪ ମୋଦିଙ୍କ ୟୁରୋପ ଗସ୍ତ

ନୂଆଦିଲ୍ଲୀ,୨୭।୪: ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେ' ୨ ତାରିଖରେ ୩ଦିନିଆ ୟୁରୋପ ଗସ୍ତରେ ଯିବେ। ସେ ଜର୍ମାନୀ, ଡେନ୍ମାର୍କ ଓ ଫ୍ରାନ୍ସ ଗସ୍ତ କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସୂଚୀ ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ବର୍ଲିନରେ ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜଙ୍କ ସହ ମୋଦି ଭାରତ-ଜର୍ମାନୀ ଇଣ୍ଟର-ଗଭର୍ନମେଣ୍ଟାଲ କନ୍‌ସଲ୍‌ଟେଶନ୍ସ (ଆଇଜିସି)ର ଷଷ୍ଠ ସଂସ୍କରଣରେ ମିଳିତ ଭାବେ ଅଧ୍ୟକ୍ଷତା କରିବେ। ଡେନ୍ମାର୍କରେ ଭାରତ-ନୋର୍ଡିକ୍ ସମିଟ୍‌ରେ ମଧ୍ୟ ସାମିଲ ହେବେ। ପ୍ରଧାନମନ୍ତ୍ରୀ ୪ ତାରିଖରେ ପ୍ରତ୍ୟାବର୍ତ୍ତନ ପୂର୍ବରୁ ପ୍ୟାରିସରେ ଫ୍ରାନ୍ସର ପୁନଃ ନିର୍ବାଚିତ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁଙ୍କ ସହ ଆଲୋଚନା କରିବେ।

### ବିଜୟ୍‌ଙ୍କ ନାଁରେ ବଳାତ୍କାର ମାମଲା



ଥିରୁଭାନନ୍ତପୁରମ୍, ୨୭।୪ : ଜଣାଶୁଣା ମାଲୟାଲମ ଫିଲ୍ମ ପ୍ରଯୋଜକ ତଥା ଅଭିନେତା ବିଜୟ୍ ବାବୁଙ୍କ ନାଁରେ ଜଣେ ଅଭିନେତ୍ରୀଙ୍କୁ ବଳାତ୍କାର ଓ ଫେସ୍‌ବୁକ୍‌ରେ ତାଙ୍କ ପରିଚୟ ପ୍ରଘଟ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି। ଗତ ୧୦ ତାରିଖରେ ଥାନାରେ ଅଭିଯୋଗ ହେବା ପରଠାରୁ ବିଜୟ୍‌ଙ୍କ ପତ୍ତା ମିଳୁନାହିଁ। ନିକଟରେ ଫ୍ରାଇଡେ ଫିଲ୍ମ ହାଉସ୍‌ର ପ୍ରତିଷ୍ଠାତା ବିଜୟ୍ ଫେସ୍‌ବୁକ୍ ଲାଇଭ୍‌ରେ ସାମ୍ନାକୁ ଆସି ବାସ୍ତବରେ ସେ ହିଁ ପୀଡ଼ିତ ବୋଲି କହିବା ସହ ସମ୍ପୃକ୍ତା ଅଭିନେତ୍ରୀଙ୍କ ପରିଚୟ ପ୍ରଘଟ କରିଥିଲେ। ବଳାତ୍କାର ପୀଡ଼ିତାଙ୍କ ପରିଚୟ ସର୍ବସାଧାରଣରେ ପ୍ରକାଶ କରିବା ଏକ ଅପରାଧ। ଏ ନେଇ ତାଙ୍କ ବିରୋଧରେ ମାମଲା ହୋଇଥିବା ବେଳେ ସେ ଫେରାର ଥିବା ପୋଲିସ କହିଛି।

### ଜାଲ୍ ଆଧାରକାର୍ଡରେ ୧୧ କୋଟି ଠକେଇ

ମୁମ୍ବାଇ,୨୭।୪: ମହାରାଷ୍ଟ୍ର ଠାଣେ ଜିଲାରେ ଜାଲ ଆଧାରକାର୍ଡ ଦାଖଲ କରି ଦୁର୍ବୃତ୍ତ ଠକି ନେଇଛନ୍ତି ୧୧.୬୬ କୋଟି। ଠାଣେରେ ଭଦୋଦରା-ମୁମ୍ବାଇ ଏକ୍ସପ୍ରେସ୍ ୱେ' ନିର୍ମାଣ ପାଇଁ ରାଜସ୍ୱ ଅଧିକାରୀ ନନ୍ଦିଥାନେ ଗ୍ରାମର ୮ ବ୍ୟକ୍ତିଙ୍କଠାରୁ ୧୧.୬୬ କୋଟି ଟଙ୍କାରେ ଜମି ଅଧିଗ୍ରହଣ କରିଥିଲେ। ପ୍ରମାଣପତ୍ର ଦାଖଲ କରିଥିବା ଲୋକଙ୍କ ବିରୋଧରେ ଭିୱାନ୍ଦି ସବ୍-ଡିଭିଜନଲାନ ଅଫିସ ତରଫରୁ କ୍ଷତିପୂରଣ ନୋଟିସ୍ ଜାରି କରାଗଲା। ପରେ ଅଧିକାରୀ ଜାଣିବାକୁ ପାଇଥିଲେ ଯେ, ଜମି ଅଧିଗ୍ରହଣରେ ସମ୍ପୃକ୍ତ ବ୍ୟକ୍ତି ଜାଲ ଆଧାରକାର୍ଡ, ପ୍ୟାନ୍ କାର୍ଡ ଜରିଆରେ ସେମାନଙ୍କୁ ଠକିଛନ୍ତି। ଏ ନେଇ ରାଜସ୍ୱ ଅଧିକାରୀ ଥାନାରେ ଅଭିଯୋଗ କରିଛନ୍ତି।



କିଭ୍‌ସ୍ଥିତ ରୁଷିଆ-ୟୁକ୍ରେନ୍ ବନ୍ଧୁତ୍ୱର ନିଦର୍ଶନ ଏକ ସ୍ଥାପତ୍ୟକୁ କ୍ରେନ୍ ଜରିଆରେ ହଟାଇ ଦିଆଯାଉଛି।

## ସେନାକୁ ଭିକ ମାଗିଥିଲେ ଇମ୍ରାନ୍

### ମରିୟମଙ୍କ ଚାଞ୍ଚଲ୍ୟକର ପ୍ରଘଟ



ଇସ୍‌ଲାମାବାଦ, ୨୭।୪: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କ୍ଷମତା ପାଇଁ ଏତେ ପାଗଳ ଥିଲେ ଯେ ସେ ନିଜ ସରକାର ବଞ୍ଚାଇବା ପାଇଁ ଶେଷ ପର୍ଯ୍ୟନ୍ତ ସେନାକୁ ଭିକ ମାଗିଥିଲେ ବୋଲି ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ(ପିଏମ୍‌ଏଲ୍-ଏନ୍) ଉପାଧ୍ୟକ୍ଷା ମରିୟମ ନୱାଜ୍ କହିଛନ୍ତି। ଏପରିକି ଇମ୍ରାନ୍ ଅନାସ୍ଥାରୁ ବର୍ତ୍ତିବା ପାଇଁ ପୂର୍ବତନ ରାଷ୍ଟ୍ରପତି ତଥା ପିପିପି ସହ-ଅଧ୍ୟକ୍ଷ ଆସିଫ୍ ଅଲି ଜର୍ଦ୍ଦାରିଙ୍କୁ ସାହାଯ୍ୟ ମାଗିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ (ମରିୟମ୍‌ଙ୍କ ବାପା) ଲଣ୍ଡନରେ ଥାଇ ଇମ୍ରାନ୍‌ଙ୍କୁ ଶାସନରୁ ହଟାଇଥିବା ପିଟିଆଇ ଅଧ୍ୟକ୍ଷ କହୁଛନ୍ତି। ଯଦି ନୱାଜ୍ ଲଣ୍ଡନରେ ଥାଇ ଇମ୍ରାନଙ୍କ ଏପରି ସ୍ଥିତି ତେବେ ସେ ପାକିସ୍ତାନକୁ ଫେରିଲେ କ'ଣ ହେବ ବୋଲି ମରିୟମ ପ୍ରଶ୍ନ କରିଛନ୍ତି। ଏଣିକି ଇମ୍ରାନ୍ ରାଜନୀତି ଛାଡ଼ି କ୍ରିକେଟ ଖେଳିବା ଉଚିତ ବୋଲି ମରିୟମ ତାଛଲ୍ୟ କରିଛନ୍ତି।

# ପୁଟିନ୍‌ଙ୍କ ରୁବଲ ରଣନୀତି

ମସ୍କୋ/କିଭ୍, ୨୭।୪



- ପୋଲାଣ୍ଡ, ବୁଲଗେରିଆକୁ ଗ୍ୟାସ୍ ଯୋଗାଣ ବନ୍ଦ
- ମସ୍କୋ ତୈଳ, ଯୁଦ୍ଧାସ୍ତ୍ର ଡିପୋରେ ସିରିଜ ବିସ୍ଫୋରଣ
- ବନ୍ଦୀ ଅଦଳବଦଳ କଲେ ଆମେରିକା, ରୁଷିଆ

ଆମେରିକା ଓ ପାଶ୍ଚାତ୍ୟର କଟକଣାରେ ପ୍ରଭାବିତ ରୁଷିଆର ଅର୍ଥନୀତିକୁ ସଜାଡ଼ିବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋର ମୁଦ୍ରା ରୁବଲ ମୂଲ୍ୟ ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି। ରୁଷିଆରୁ ତୈଳ ଓ ଗ୍ୟାସ୍ ନେଉଥିବା ୟୁରୋପୀୟ ଦେଶଗୁଡ଼ିକ ରୁବଲରେ ପେମେଣ୍ଟ କରିବାକୁ ପୁଟିନ୍ ଦାବି କରିଥିବାବେଳେ ଏଥିରେ ନାଟୋ ଦେଶ ପୋଲାଣ୍ଡ ଓ ବୁଲ୍‌ଗେରିଆ ରାଜି ହୋଇନାହାନ୍ତି। ଫଳରେ ପୁଟିନ୍ ବୁଧବାର ଏହି ଦୁଇ ଦେଶକୁ ତେଲ ଯୋଗାଣ ବନ୍ଦ କରିଛନ୍ତି। ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ରୁଷିଆ ଉପରେ ଅନ୍ତର୍ଜାତୀୟ କଟକଣା ଲାଗିଥିବାବେଳେ ପୁଟିନ୍ ତୈଳ ଓ ଗ୍ୟାସ୍ ରପ୍ତାନି ବନ୍ଦ କରି ୟୁରୋପୀୟ ଦେଶଗୁଡ଼ିକୁ ବ୍ଲାକ୍‌ମେଲିଂ କରୁଥିବା ପୋଲାଣ୍ଡ ଓ ବୁଲଗେରିଆ ଅଭିଯୋଗ ଆଣିଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ଦେଶଗୁଡ଼ିକୁ ଗ୍ୟାସ୍ ଯୋଗାଣ ବନ୍ଦ ରହିଲେ କିମ୍ବା ଅନ୍ୟ ୟୁରୋପୀୟ ଦେଶ ପୋଲାଣ୍ଡ ଓ ବୁଲଗେରିଆ ଭଳି ସ୍ଥିତିରେ ସମ୍ମୁଖୀନ ହେଲେ ୟୁରୋପରେ ଶକ୍ତି ସଙ୍କଟ ଉପୁଜିପାରେ। ଅନ୍ୟପକ୍ଷରେ ୟୁରୋପୀୟ ଦେଶ ଅଷ୍ଟ୍ରିଆ ପୁଟିନ୍‌ଙ୍କ ଦାବି ଅନୁସାରେ ଗ୍ୟାସ୍ ପାଇଁ ରୁବଲରେ ପେମେଣ୍ଟ କରିବାକୁ ରାଜି ହୋଇଛି। ଏ ନେଇ ଚାନ୍‌ସେଲର କାର୍ଲ ନେହାମ୍ମର ବୁଧବାର ଘୋଷଣା କରିଛନ୍ତି। ତେବେ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ଅଷ୍ଟ୍ରିଆ ରୁଷିଆକୁ ବିରୋଧ କରିବା ଜାରି ରଖିବ ବୋଲି ସେ ପ୍ରକାଶ କରିଛନ୍ତି।

ପୂର୍ବ ୟୁକ୍ରେନ୍‌ରେ ମସ୍କୋର ଆକ୍ରମଣ ଜାରିଥିବାବେଳେ ଦକ୍ଷିଣ ରୁଷିଆରେ ଥିବା ତୈଳ ଏବଂ ଯୁଦ୍ଧାସ୍ତ୍ର ଡିପୋରେ ବୁଧବାର ସିରିଜ ବିସ୍ଫୋରଣ ହୋଇଛି। ଏହାକୁ ୟୁକ୍ରେନ୍ କର୍ମଫଳ ବୋଲି କହିଛି। ଏକ ଦେଶକୁ ଆକ୍ରମଣ କରି ଜନସାଧାରଣଙ୍କ ହତ୍ୟା କରିବା ସହ ସେମାନଙ୍କ ଜୀବନ ଦୁର୍ବିଷହ କଲେ ଏହାର ପରିଣାମ ଭୋଗିବାକୁ ପଡ଼ିଥାଏ ବୋଲି ୟୁକ୍ରେନ୍ କହିଛି। ଏହା ପୂର୍ବରୁ ୟୁକ୍ରେନ୍ ସୀମା ନିକଟ ରୁଷିଆର ବ୍ରିୟାନ୍‌ସ୍କ ଅଞ୍ଚଳରେ ଥିବା ଏକ ତୈଳ ଡିପୋରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବେଲ୍‌ଗୋରୋଡ୍‌ରେ ଥିବା ତୈଳ ଡିପୋରେ ବିସ୍ଫୋରଣ ପାଇଁ ପୂର୍ବରୁ ରୁଷିଆ ୟୁକ୍ରେନ୍‌କୁ ଦାୟୀ କରିଥିଲା। ଅନ୍ୟପକ୍ଷରେ ୟୁକ୍ରେନ୍ ଯୁଦ୍ଧ ପାଇଁ ଆମେରିକା ଓ ରୁଷିଆ ସମ୍ପର୍କ ଖରାପ ହୋଇଥିଲେ ବି ଏହି ଦୁଇ ଦେଶ ପରସ୍ପର ସହ ବନ୍ଦୀ ଅଦଳବଦଳ କରିଛନ୍ତି। ବେଆଇନ ଡ୍ରଗ୍ସ ଚାଲାଣ ମାମଲାରେ ଆମେରିକା ବନ୍ଦୀ ରଖିଥିବା ରୁଷିଆର ପାଇଲଟ୍ କୋନଷ୍ଟାନ୍‌ଟିନ୍ ୟାରୋଶେଙ୍କୋଙ୍କୁ ମୁକ୍ତ କରିଛି। ବଦଳରେ ପୋଲିସ ସହ ମାରପିଟ୍ କରିଥିବା ଅଭିଯୋଗରେ ରୁଷିଆରେ ବନ୍ଦୀ ଥିବା ଆମେରିକାର ପୂର୍ବତନ ମରିନ୍ ଟେଭୋର ରିଡ୍‌ଙ୍କୁ ମୁକୁଳାଇଛି। ତୁର୍କୀରେ ଏହି ଅଦଳବଦଳ ହୋଇଥିବା ରିଡ୍‌ଙ୍କ ବାପା ଜୋୟ ରିଡ୍ କହିଛନ୍ତି।

## ବୁଝାମଣା ପାଇଁ ଏବେ ବି ଆଶାବାଦୀ

### ଜାତିସଂଘ ମୁଖ୍ୟଙ୍କୁ ପୁଟିନ୍ କହିଲେ

ମସ୍କୋ, ୨୭।୪



ଆଣ୍ଟୋନିଓ ଗୁଟେରସ୍



ଭ୍ଲାଡିମିର ପୁଟିନ୍

ୟୁକ୍ରେନ୍ ସଙ୍କଟ ଭିତରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିଛନ୍ତି। ଏବେ ବି ଆଲୋଚନା ମାଧ୍ୟମରେ ୟୁକ୍ରେନ୍ ସହ ବୁଝାମଣା ନିମନ୍ତେ ଆଶାବାଦୀ ଥିବା ପୁଟିନ୍ ଜାତିସଂଘ ମହାସଚିବଙ୍କୁ କହିଛନ୍ତି। ୟୁକ୍ରେନ୍‌ରେ ସାମରିକ ଅଭିଯାନ ଚାଲିଥିଲେ ବି କୂଟନୈତିକ ରାସ୍ତାରେ କୌଣସି ନିଷ୍କର୍ଷରେ ପହଞ୍ଚିବାକୁ ମସ୍କୋ ପ୍ରସ୍ତୁତ। ଆଲୋଚନାକୁ ଆମେ ବିରୋଧ କରୁନାହୁଁ ବୋଲି ପୁଟିନ୍ ଗୁଟେରସ୍‌ଙ୍କୁ କହିଛନ୍ତି। କ୍ରେମେଲିନ୍‌ରେ ଗୁଟେରସ୍‌ଙ୍କଠାରୁ ଯଥେଷ୍ଟ ଦୂରତ୍ୱ ଅବଲମ୍ବନ କରି ପୁଟିନ୍ ଆଲୋଚନା କରିଥିଲେ। ବୁଚା ଗଣହତ୍ୟା କରିଥିବା ବାହାନାରେ ଆଲୋଚନାକୁ ଟାଳି ଦିଆଯାଉଛି। ବୁଚାରେ କୌଣସି ପ୍ରକାର ଉତ୍ତେଜନା ଯୋଗୁ ଏପରି ହୋଇଥିଲେ ବି ଏଥିପାଇଁ ରୁଷିଆକୁ ଦାୟୀ କରାଯାଉଛି। କିନ୍ତୁ ଏଭଳି କାର୍ଯ୍ୟ କାହାର ହୋଇପାରେ ତାହା ଆମକୁ ବେଶ୍ ଜଣା ବୋଲି ପୁଟିନ୍ କହିଛନ୍ତି।

### ସୂ ଚୀଙ୍କୁ ୫ ବର୍ଷ ଜେଲ

ନୋପିଡା,୨୭।୪



ମ୍ୟାନ୍‌ମାରର ଗାଦିଚ୍ୟୁତ ନେତ୍ରୀ ତଥା ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ଅଙ୍ଗ ସାନ୍ ସୂ ଚୀଙ୍କୁ ଦୁର୍ନୀତି ଅଭିଯୋଗରେ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୬ ଲକ୍ଷ ଡଲାର ଏବଂ ସୁନା ଲାଞ୍ଚ ନେବା ମାମଲାରେ ମ୍ୟାନ୍‌ମାରର ଏକ କୋର୍ଟ ୭୬ ବର୍ଷିୟା ସୂ ଚୀଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ଗତବର୍ଷ ଫେବୃୟାରୀରେ ମ୍ୟାନ୍‌ମାର ସେନା ବିଦ୍ରୋହ କରି ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ସୂ ଚୀଙ୍କୁ କ୍ଷମତାଚ୍ୟୁତ କରିବା ସହ ତାଙ୍କୁ ବନ୍ଦୀ କରିଥିଲା। ଏହା ବିରୋଧରେ ଦେଶବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେନାର କାର୍ଯ୍ୟାନୁଷ୍ଠାନରେ ହଜାରେରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଥିଲା।

### ସିଗାରେଟ ନିଆଁରୁ ଘଟିଥିଲା ବିମାନ ଦୁର୍ଘଟଣା

କାଇରୋ,୨୭।୪

ଇଜିପ୍ଟରେ ୨୦୧୬ରେ ଘଟିଥିବା ଏକ ବିମାନ ଦୁର୍ଘଟଣା ପଛର କାରଣ ୬ ବର୍ଷ ପରେ ଜଣାପଡ଼ିଛି। ପାଇଲଟଙ୍କ ସିଗାରେଟରୁ ବିମାନ କକ୍‌ପିଟ୍‌ରେ ନିଆଁ ଲାଗିଯିବା ଫଳରେ ଦୁର୍ଘଟଣା ଘଟିଥିଲା। ଏଥିରେ ୬୬ ଯାତ୍ରୀ ପ୍ରାଣ ହରାଇଥିଲେ। ଏ ନେଇ ୧୩୪ ପୃଷ୍ଠା ସମ୍ବଳିତ ଏକ ରିପୋର୍ଟ ବିମାନ କର୍ତ୍ତୃପକ୍ଷ କୋର୍ଟରେ ଦାଖଲ କରିଛନ୍ତି।

### ଚାଇନାରେ ୪ ବର୍ଷର ଶିଶୁକୁ ବ୍ଲାର୍ଡ୍ ଫ୍ଲୁ

ବେଜିଂ, ୨୭।୪

ଚାଇନାରେ ପ୍ରଥମ କରି ମଣିଷ ଶରୀରରେ ବାର୍ଡ ଫ୍ଲୁ ସଂକ୍ରମଣ ମାମଲା ଦେଖିବାକୁ ମିଳିଛି। ହେନାନ୍ ପ୍ରଦେଶର ଜଣେ ୪ ବର୍ଷୀୟ ଶିଶୁ ଏଚ୍‌୩ଏନ୍୮ ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ଚାଇନା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ଶିଶୁଟିର ପରିବାର ଲୋକେ ଘରେ କୁକୁଡ଼ା ଚାଷ କରିଥିଲେ। ସେଠାରୁ ସେ ଏଥିରେ ସଂକ୍ରମିତ ହୋଇଥିବା କୁହାଯାଉଛି। ଉତ୍ତର ଆମେରିକାର ୱାଟରଫାଉଲ ପକ୍ଷୀଠାରେ ପ୍ରଥମେ ବାର୍ଡ ଫ୍ଲୁ ଦେଖାଯିବା ପରେ ଏଥିରେ ଘୋଡ଼ା, କୁକୁର ଏବଂ ପକ୍ଷୀଙ୍କଠାରେ ଠାବ କରାଯାଇଥିଲା।

## ଦିଲ୍ଲୀ ଜାତୀୟ ରାଜଧାନୀ ହୋଇଥିବାରୁ ନିୟନ୍ତ୍ରଣ ଆବଶ୍ୟକ: କେନ୍ଦ୍ର

ନୂଆଦିଲ୍ଲୀ,୨୭।୪

ଦିଲ୍ଲୀର ନିର୍ବାଚିତ ସରକାରଙ୍କ ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରାଇବାକୁ ନ ଦେବା ପାଇଁ ଉପରାଜ୍ୟପାଳ (ଏଲ୍‌ଜି)ଙ୍କୁ କେନ୍ଦ୍ର ବ୍ୟବହାର କରୁଥିବା ଅଭିଯୋଗ ଆଣି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ବୁଧବାର ନିଜ ଆଭିମୁଖ୍ୟ ସମ୍ପର୍କରେ ଶୀର୍ଷ ଅଦାଲତଙ୍କୁ ଅବଗତ କରାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଛି ଯେ, ବିଶ୍ୱ ଦିଲ୍ଲୀ ଜରିଆରେ ଭାରତକୁ ଦେଖିଥାଏ। ଦିଲ୍ଲୀ ଜାତୀୟ ରାଜଧାନୀ ହୋଇଥିବାରୁ ଏହାର ପ୍ରଶାସନ ଉପରେ କେନ୍ଦ୍ରର ସ୍ୱତନ୍ତ୍ର କ୍ଷମତା ରହିବା ଆବଶ୍ୟକ। ଏହି କେନ୍ଦ୍ରଶାସିତ ଅଞ୍ଚଳରେ ସରକାରୀ କର୍ମଚାରୀମାନଙ୍କ ବଦଳି ଓ ନିଯୁକ୍ତି ନିୟନ୍ତ୍ରଣ କେନ୍ଦ୍ର ହାତରେ ବଜାୟ ରହୁ। ବାଲାକ୍ରିଷ୍ଣନ୍ କମିଟି ରିପୋର୍ଟ ଆଧାରରେ ଜାତୀୟ ସ୍ୱାର୍ଥ ପାଇଁ ଏହି କ୍ଷମତା ନିଜ ପାଖରେ ରଖିବାକୁ କେନ୍ଦ୍ର ଯୁକ୍ତି ବାଢ଼ିଛି। ଅନ୍ୟପକ୍ଷେ କେନ୍ଦ୍ରର ଏଭଳି ଆଭିମୁଖ୍ୟ ଉପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଏଏପି ସରକାର ଆପତ୍ତି ଉଠାଇଛନ୍ତି। ସିଭିଲ ସର୍ଭିସ ଉପରେ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣ ରହୁ ବୋଲି ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଯୁକ୍ତି ବାଢ଼ିଥିଲେ। ତେବେ କେନ୍ଦ୍ର ଏହି ପ୍ରସଙ୍ଗ ଏକ ୫ଜଣିଆ ସାମ୍ବିଧାନିକ ପୀଠରେ ହେଉ ବୋଲି କହିଥିଲା।



ୟୁନାଇଟେଡ୍ ଷ୍ଟେଟ୍ସ ଇଣ୍ଡୋ-ପାସିଫିକ୍ କମାଣ୍ଡ (ୟୁଏସ୍‌ଆଇଏନ୍‌ଡିଓପିଏସିଓଏମ୍)ର କମାଣ୍ଡର ଆଡମିରାଲ ଜନ୍ ଆକ୍ୱିଲିନୋଙ୍କୁ ବୁଧବାର ନୂଆଦିଲ୍ଲୀର ସାଉଥ୍ ବ୍ଲକ୍ ଲନ୍‌ରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଛି।

## କରାଚୀ ବିସ୍ଫୋରଣ: ଆତ୍ମଘାତୀ ମହିଳା ସ୍ନାତକୋତ୍ତର

କରାଚୀ, ୨୭।୪



ଶାରୀ ବାଲୁଚ୍

ପାକିସ୍ତାନର କରାଚୀ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଭ୍ୟାନ୍‌ରେ ମଙ୍ଗଳବାର ଆତ୍ମଘାତୀ ବିସ୍ଫୋରଣ କରିଥିବା ମହିଳା ଜଣେ ଉଚ୍ଚଶିକ୍ଷିତା ଏବଂ ୨ ପିଲାଙ୍କ ମା' ବୋଲି ଜଣାପଡ଼ିଛି। ଆଫଗାନ୍ ଜର୍ନାଲିଷ୍ଟ ବଶିର୍ ଅହମ୍ମଦ ଗ୍ୱାଖଙ୍କ ଅନୁସାରେ, ୩୦ ବର୍ଷୀୟା ଉକ୍ତ ମହିଳାଙ୍କ ନାମ ଶାରୀ ବାଲୁଚ୍ ଏବଂ ସେ ବେଲୁଚିସ୍ତାନ ୟୁନିଭର୍ସିଟିରେ ପ୍ରାଣୀବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏଥିସହ ବେଲୁଚିସ୍ତାନର ଆଲାମ ଇକ୍‌ବାଲ ଓପନ ୟୁନିଭର୍ସିଟିରେ ସେ ଏମ୍‌ଫିଲ୍ ମଧ୍ୟ କରିଛନ୍ତି। ସେ କେଚ୍ ଜିଲାର ଏକ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ତାଙ୍କର ୨ ପିଲା ଥିବାବେଳେ ସ୍ୱାମୀ ଜଣେ ଦନ୍ତ ବିଭାଗ ଡାକ୍ତର। ତାଙ୍କ ବାପା ସରକାରୀ ଏଜେନ୍ସିରେ ଜଣେ ନିର୍ଦ୍ଦେଶକ ଥିଲେ। ୨ ବର୍ଷ ତଳେ ସେ ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍‌ଏ)ରେ ମିଶିଥିଲେ। ତେବେ କେଉଁ କାରଣରୁ ସେ ଆତ୍ମଘାତୀ ମିଶନରେ ବାହାରିଥିଲେ ତାହା ଜଣାପଡ଼ିନାହିଁ। ସୂଚନାଯୋଗ୍ୟ, କରାଚୀ ବିଶ୍ୱବିଦ୍ୟାଳୟ ପରିସରରେ ବିସ୍ଫୋରଣ ଯୋଗୁ ୩ ଚାଇନା ନାଗରିକଙ୍କ ସମେତ ୪ ଜଣ ପ୍ରାଣ ହରାଇଥିଲେ। ଏଥିପାଇଁ ପାକିସ୍ତାନୀ ବିଚ୍ଛିନ୍ନତାବାଦୀ ବିଏଲ୍‌ଏ ନିଜକୁ ଦାୟୀ କରିଥିଲା।

## କେନ୍ଦ୍ର ପାଖରେ ୧୦.୬୯ ଲକ୍ଷ ଯୌନ ଅପରାଧୀଙ୍କ ତଥ୍ୟ

ନୂଆଦିଲ୍ଲୀ, ୨୭।୪

ଦେଶରେ ଯୌନ ଅପରାଧ କରିଥିବା ୧୦.୬୯ ଜଣଙ୍କ ବାବଦରେ ବିସ୍ତୃତ ତଥ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖରେ ରହିଛି। ନୂଆ ଅପରାଧକୁ ଟ୍ରାକ୍ କରିବା ନିମନ୍ତେ ସେମାନଙ୍କ ପ୍ରୋଫାଇଲ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ପାଖରେ ଉପଲବ୍ଧ ଥିବା ମନ୍ତ୍ରଣାଳୟ ପକ୍ଷରୁ ୨୦୨୧-୨୨ର ବାର୍ଷିକ ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ନ୍ୟାଶନାଲ ଡାଟାବେସ୍ ଅନ୍ ସେକ୍ସୁଆଲ ଅଫେଣ୍ଡର୍ସ (ଏନ୍‌ଡିଏସ୍‌ଓ) ଦେଶର ୧୦.୬୯ ଅଭ୍ୟାସଗତ ଯୌନ ଅପରାଧୀଙ୍କ ସୂଚନା ରଖିଛି। ସେମାନେ ଯେପରି ଆଗକୁ କୌଣସି ଅପରାଧ ନ କରନ୍ତି ତାହା ଉପରେ ନଜର ରଖାଯାଇଛି। ବଳାତ୍କାର, ଗଣବଳାତ୍କାର, ଯୌନ ନିର୍ଯାତନା ମାମଲା ସମେତ ପୋକ୍ସୋ ଆଇନ ବଳରେ ଦୋଷୀ ହୋଇଥିବା ଅପରାଧୀଙ୍କ ସୂଚନା ଏହି ଡାଟାବେସ୍‌ରେ ରହିଛି। ଏଥିରେ ସେମାନଙ୍କ ନାଁ, ଠିକଣା, ଫଟୋ, ପରିଚୟ ପତ୍ର, ଫିଙ୍ଗରପ୍ରିଣ୍ଟ ଆଦି ରହିଛି। କୌଣସି ଆପରାଧିକ ମାମଲାର ଯାଞ୍ଚ କିମ୍ବା ଅପରାଧ ରୋକିବା ପାଇଁ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଯେ କୌଣସି ସମୟରେ ଏହି ତଥ୍ୟ ହାସଲ କରିପାରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇଣ୍ଟର ଅପରେବଲ୍ କ୍ରିମିନାଲ ଜଷ୍ଟିସ୍ ସିଷ୍ଟମ (ଆଇସିଜେଏସ୍)ର ବ୍ୟବସ୍ଥା ଅନୁସାରେ ଅଭ୍ୟାସଗତ ଅପରାଧୀଙ୍କ ପରିଚୟ ହାସଲ କରି ମହିଳା ବିରୋଧୀ ହିଂସା ଏବଂ ଅପରାଧ ରୋକିବା ନିମନ୍ତେ ଏନ୍‌ଡିଏସ୍‌ଓ ୨୦୧୮ ସେପ୍ଟେମ୍ବରରେ ଗଠନ ହୋଇଥିଲା। ଭାରତ ସମେତ ଆମେରିକା, ବ୍ରିଟେନ, ଅଷ୍ଟ୍ରେଲିଆ, କାନାଡା, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଭଳି ଦେଶରେ ଏଭଳି ସିଷ୍ଟମ ରହିଛି। ତେବେ ସର୍ବସାଧାରଣରେ ଅପରାଧୀଙ୍କ ପରିଚୟ ପ୍ରଘଟ କରିବା ବ୍ୟବସ୍ଥା କେବଳ ଆମେରିକାରେ ରହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୧୧,୫୫,୫୮୭ | ୬୨,୫୦,୩୪୧ | ୪୬,୪୩,୫୫,୬୨୮ |
| ଭାରତ | ୪,୩୦,୬୫,୬୬୬ | ୫,୨୨,୩୭୪ | ୪,୨୫,୨୫,୫୬୩ |
| ଓଡ଼ିଶା | ୧୨,୮୮,୦୧୭ | ୯୧୨୪(+୫୩) | ୧୨,୭୮,୭୬୬ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଆଉ ୫ ଦିନ ନିସ୍ତାର ନାହିଁ

## ସିଝୁଛି ସାରା ଓଡ଼ିଶା
## ୪୪ ଡିଗ୍ରୀ ଉପରେ ୪ ସହର

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ସିଝୁଛି। ଚାରିଆଡ଼େ ଶୁଷ୍କ ଆଉ ଉତ୍ତପ୍ତ ପରିବେଶ। ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ସକାଳ ୯ଟାରୁ ଆରମ୍ଭ ହୋଇଯାଉଛି ଅସହ୍ୟ ତାତି। ଗରମ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି। ମନୁଷ୍ୟଠାରୁ ଆରମ୍ଭ କରି ପଶୁପକ୍ଷୀ ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ ହୋଇ ପଡ଼ିଲେଣି। ଆସନ୍ତା ୫ ଦିନ ଯାଏ ତାତିରୁ ତ୍ରାହି ମିଳିବ ନାହିଁ ବୋଲି ପାଣିପାଗ ବିଭାଗ ସତର୍କ କରିଛି।

ବୁଧବାର ରାଜ୍ୟର ୨୪ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ ୭ଟି ସ୍ଥାନରେ ପାରଦ ୪୩ ଡିଗ୍ରୀ ଏବଂ ୪ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୪୪.୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୪୪.୧, ଝାରସୁଗୁଡ଼ା ୪୪ ଏବଂ ବଲାଙ୍ଗୀରରେ ୪୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ସମ୍ବଲପୁରରେ ପାରଦ ୪୩.୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼ ୪୩.୫, ହୀରାକୁଦ ୪୩.୧, ଟିଟିଲାଗଡ଼ ୪୩.୨, ଦେବଗଡ଼ ୪୩, ବରଗଡ଼ ୪୩.୪ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ବାଲେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୦.୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୪୦.୨, ଭୁବନେଶ୍ୱର ୪୦.୩, ଭଦ୍ରକ ୪୧, ଯାଜପୁର ୪୧.୨, ଢେଙ୍କାନାଳ ୪୧, ନୂଆପଡ଼ା ୪୧.୫, ଖୋର୍ଦ୍ଧା ୪୧.୫, ନୟାଗଡ଼ ୪୧ ଏବଂ ପାରଳାଖେମୁଣ୍ଡିରେ ସର୍ବୋଚ୍ଚ ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ତାତି ଆହୁରି ସିଝେଇବ। ଆସନ୍ତା ୨୮ ତାରିଖରେ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ସେହିପରି ୨୯ ତାରିଖରେ ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଅନୁଗୋଳ, ସୋନପୁର, ବୌଦ୍ଧ, ବଲାଙ୍ଗୀର ଜିଲାରେ, ୩୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଜିଲାରେ ଗ୍ରୀଷ୍ମ ଲହରି ହେବ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ୍ୱାର୍ନିଂ ଜାରି କରାଯାଇଛି। ମଧ୍ୟାହ୍ନ ସମୟରେ ଘରୁ ପଦାକୁ ନ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ବାହାରକୁ ଗଲାବେଳେ ଦେହ,ମୁଣ୍ଡକୁ ଭଲ ଭାବେ ଘୋଡ଼େଇ ହେବାକୁ ପରାମର୍ଶ ଦିଆଯାଇଛି।









# ୨ ଯାଏ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ

ଭୁବନେଶ୍ୱର, ୨୭।୪(ବ୍ୟୁରୋ)

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ମେ' ୨ ପର୍ଯ୍ୟନ୍ତ ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ଏ ନେଇ ବୁଧବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବୈଷୟିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ତେବେ ପାଠପଢ଼ା ବନ୍ଦ ରହିଲେ ମଧ୍ୟ ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଚିଠିରେ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, କରୋନା ଯୋଗୁ ଶିକ୍ଷାଦାନର କ୍ଷତିକୁ ଭରଣ କରିବା ପାଇଁ ରାଜ୍ୟ ସରକାର ଚଳିତବର୍ଷ ଗ୍ରୀଷ୍ମଛୁଟିକୁ କମାଇ ଦେଇଛନ୍ତି। ପୂର୍ବରୁ ସ୍କୁଲରେ ପ୍ରାୟ ଦେଢ଼ମାସ ଖରାଛୁଟି ହେଉଥିବାବେଳେ ଏଥର ମାତ୍ର ୧୧ ଦିନ ରହିଛି। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନରେ ମଧ୍ୟ ଛୁଟି ହ୍ରାସ କରାଯାଇ ୧୬ଦିନ ରଖାଯାଇଛି। କିନ୍ତୁ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଏବଂ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ ବୋଲି ସରକାର ଘୋଷଣା କରିଥିଲେ।

# ଜାଲ୍ ସାର୍ଟିଫିକେଟ ଦେଇ ଚାକିରି: ଶିକ୍ଷୟିତ୍ରୀ ଗିରଫ

**ଧରାକୋଟ,୨୭।୪(ଡି.ଏନ୍.ଏ.):** ଗଞ୍ଜାମ ଜିଲାରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଧରପଗଡ଼ ଜାରି ରହିଛି। ଏହି କ୍ରମରେ ବୁଧବାର ଧରାକୋଟ ବ୍ଲକ ବରଡାବାଲି ପଞ୍ଚାୟତ ନାରାୟଣପୁର ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀଙ୍କୁ ଗିରଫ କରାଯାଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲାର ପ୍ରତିମା ସାହୁ। ୨୦୧୨ ମସିହାରୁ ଜାଲ୍‌ଯୁକ୍ତ ୨ ସାର୍ଟିଫିକେଟ ଦେଇ ଚାକିରି କରି ଆସୁଥିଲେ। ସାର୍ଟିଫିକେଟ ଯାଞ୍ଚ ବେଳେ ଏହା ଧରାପଡ଼ିବାରୁ ଧରାକୋଟ ବିଇଓ କୋରେଶ ସେଠୀ ଥାନାରେ ଏତଲା ଦେଇଥିଲେ। ପୋଲିସ ସକାଳେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ମୁଣ୍ଡମରାଇସ୍ଥିତ ଭଡାଘରୁ ଗିରଫ କରିଛି। ଏ ନେଇ ନଂ.୯୯/୨୨ରେ ମାମଲା ରୁଜୁ ହୋଇଛି।

# ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

**ଭଣ୍ଡାରିପୋଖରୀ, ୨୭।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ବୁଧବାର ଅଂଶୁଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିଷ୍ଣୁପୁର ପଞ୍ଚାୟତ ଆଦମପୁର ଗ୍ରାମର କୃପାସିନ୍ଧୁ ବେହେରା। ପରିବାର ଲୋକଙ୍କ କହିବା ଅନୁଯାୟୀ, କୃପାସିନ୍ଧୁ ପୂର୍ବାହ୍ନରେ ଘର ପାଖ ଚାଷଜମିରେ କାମ କରୁଥିବା ବେଳେ ଅଚେତ ହୋଇପଡ଼ିଥିଲେ। ସେମାନେ ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନାବାଳକଙ୍କୁ ଅପହରଣ, ହତ୍ୟା

## ସମ୍ପର୍କୀୟ ଦାଦାଙ୍କ କାରନାମା: ମୁକ୍ତି ପାଇଁ ମାଗିଥିଲେ ୧୦ ଲକ୍ଷ

**ଟିଟିଲାଗଡ଼,୨୭।୪(ଡି.ଏନ୍.ଏ.):** ଟିଉଶନରୁ ଫେରୁଥିବା ଜଣେ ନାବାଳକଙ୍କୁ ତାଙ୍କ ସମ୍ପର୍କୀୟ ଦାଦା ଅପହରଣ କରି ଶେଷରେ ତଣ୍ଟି ଚିପି ହତ୍ୟା କରିଛନ୍ତି। ଏହା ପୂର୍ବରୁ ସେ ନାବାଳକଙ୍କ ମୁକ୍ତି ପାଇଁ ତାଙ୍କ ପରିବାରଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ନିହତ ନାବାଳକ ହେଲେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରର ସିରଭଟାପଡ଼ା ନିବାସୀ ରେଲୱେ କର୍ମଚାରୀ ଦିଲୀପ କୁମାରଙ୍କ ପୁଅ ମୋହନ କୁମାର(୧୩)। ଗତ ଶନିବାରଠାରୁ ସେ ନିଖୋଜ ଥିବା ବେଳେ ବୁଧବାର ତାଙ୍କ ଗଳିତ ମୃତଦେହ ଟିଟିଲାଗଡ଼ ସହରଠାରୁ ୨ କିମି ଦୂର ନିକାଞ୍ଚନ ସ୍ଥାନରେ ଥିବା ଏକ ବଡ଼ ଖାଲରୁ ଜବତ ହୋଇଛି। ପୋଲିସ ଏହି ଘଟଣାରେ କଳାହାଣ୍ଡି ଜିଲା କେସିଙ୍ଗା ସହରର ସୁମିତ ବିହାରୀଙ୍କୁ ଗିରଫ କରି ସ୍ଥାନୀୟ ଏସଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଘଟଣା ନେଇ ପୋଲିସ ଆଇପିସି ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା (୧୨୯/୨୨) ରୁଜୁ କରିଛି। ପୋଲିସ ହତ୍ୟାକାଣ୍ଡର ପ୍ରକୃତ କାରଣ ଖୋଜୁଛି।



ମୋହନ କୁମାର

ସ୍ଥାନୀୟ ଧବଳେଶ୍ୱର ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ମୋହନ ଗତ ଶନିବାର ପୂର୍ବାହ୍ନରେ ଟିଉଶନ ଯାଇଥିଲେ। ତାଙ୍କ ପାଖରେ ଥିଲା ଏକ ମୋବାଇଲ ଫୋନ। ହେଲେ ସେ ଆଉ ଘରକୁ ନ ଫେରି ନ ଥିଲେ। ତାଙ୍କ ମୋବାଇଲ ଫୋନ ମଧ୍ୟ ସୁଇଚ୍ ଅଫ୍ ଦର୍ଶାଇ ଥିଲା। ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ସେହିଦିନ ରାତି ପ୍ରାୟ ୧୦ଟାରେ ପୋଲିସକୁ ଜଣାଇଥିଲେ। କିନ୍ତୁ ପରଦିନ ମୋହନଙ୍କ ମା' ତାଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିବା ଦେଖିବାକୁ ପାଇଥିଲେ। ସେଥିରେ 'ତୁମ ପୁଅ ମୋ କବ୍‌ଜାରେ ଅଛି। ୧୦ ଲକ୍ଷ ଟଙ୍କା ଦେଲେ ଛଡ଼ାଯିବ' ବୋଲି ନିଖୋଜର କିଛି ସମୟ ପରେ କେହି ପଠାଇଥିବା ଜଣାପଡିଥିଲା। ପୋଲିସ ଏହା ଜାଣିବା ପରେ ମୋବାଇଲ ଲୋକେଶନକୁ ଆଧାର କରି ପରିବାର ସହ କଳାହାଣ୍ଡି ଜିଲା କେସିଙ୍ଗା ଯାଇ ଖୋଜାଖୋଜି କରିଥିଲା। ପରେ ପରିବାର ଲୋକଙ୍କ ସୂଚନା ଅନୁସାରେ ସନ୍ଦେହରେ ତାଙ୍କ ଘରକୁ ଆସୁଥିବା ସୁମିତ ବିହାରୀଙ୍କୁ ୨ ଦିନ ତଳେ ଧରି ଆଣି ପଚରାଉଚରା ଜାରି ରଖିଥିଲା। ତଦନ୍ତରୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ମୋହନଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ସ୍ଥାନ ସୁମିତ ପୋଲିସକୁ ଦେଖାଇଥିଲେ। ଟିଟିଲାଗଡ଼ ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଥାନା ଅଧିକାରୀ ରଞ୍ଜନ ବରିହା ତଥା ବଲାଙ୍ଗୀରରୁ ଫରେନ୍‌ସିକ ଦଳ ଘଟଣା ସ୍ଥଳରେ ଉପସ୍ଥିତ ରହି ସମସ୍ତ ତଥ୍ୟ ପ୍ରମାଣ ସଂଗ୍ରହ କରିଥିଲେ। ପୋଲିସ ସୂଚନା ଅନୁସାରେ ଘଟଣାଦିନ ମୋହନ ଟିଉଶନରୁ ଚାଲି ଚାଲି ଫେରୁଥିବା ବେଳେ ଅଭିଯୁକ୍ତ ସୁମିତ ତାଙ୍କୁ ଏକ ବାଇକ୍‌ରେ ବୁଲି ଆସିବା ବୋଲି କହି ଅପହରଣ କରି ନେଇଥିଲେ। ପରେ ଟିଟିଲାଗଡ଼ ବଲାଙ୍ଗୀର ରାସ୍ତାରେ ବନ୍ଦ ପଡିଥିବା ମାତୃ ଶିଶୁ ଡାକ୍ତରଖାନା ନିକଟ ଏକ ନିକାଞ୍ଚନ ସ୍ଥାନରେ ଥିବା ଅର୍ଦ୍ଧନିର୍ମିତ ଘର ଭିତରେ ପ୍ରଥମେ ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହକୁ ଘୋଷାରି ଆଣି ପାଖରେ ମାଟି ସଂଗ୍ରହ ପାଇଁ ଖୋଳା ଯାଇଥିବା ଏକ ବିରାଟ ଖାଲ ମଧ୍ୟରେ ଫିଙ୍ଗି ଦେଇ ପଥର ଖଣ୍ଡ ଘୋଡ଼ାଇ ଦେଇଥିଲେ। ଏହାଛଡ଼ା ମୋହନ ଧରିଥିବା ସ୍କୁଲ ବ୍ୟାଗ ଏବଂ ପାଣି ବୋତଲ ପାଖରେ ଥିବା କୂଅ ଭିତରକୁ ପିଙ୍ଗି ଦେଇଥିଲେ। ପୋଲିସ ମୋହନଙ୍କ ମୋବାଇଲ ଫୋନ ଓ ଅପହରଣରେ ବ୍ୟବହୃତ ବାଇକ୍‌କୁ ଜବତ କରିନାହିଁ। ପୋଲିସ ଟିଟିଲାଗଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମୋହନଙ୍କ ଘରକୁ ଆସୁଥିଲେ ଅଭିଯୁକ୍ତ

ଅଭିଯୁକ୍ତ ସୁମିତ ବାରମ୍ବାର ମୋହନଙ୍କ ଘରକୁ ଆସୁଥିଲେ। ମୋହନ ନିଖୋଜର ପୂର୍ବଦିନ ଏବଂ ଅପହରଣ ଦିନ ମଧ୍ୟ ସେ ତାଙ୍କ ଘରକୁ ଆସିଥିଲେ। ଦିଲୀପ ଓ ତାଙ୍କ ସ୍ତ୍ରୀ ସୁମିତଙ୍କୁ ନିଜର ପରି ଦେଖୁଥିଲେ। କାରଣ ଘର କାମରେ ସେ ସହାୟତା କରୁଥିଲେ। ଏପରିକି ମୋହନଙ୍କ ଖୋଜାଖୋଜିରେ ମଧ୍ୟ ସହଯୋଗ କରିଥିଲେ। ହେଲେ ଶେଷରେ ସୁମିତ ହିଁ ହତ୍ୟାକାରୀ ବୋଲି ପୋଲିସର ତଦନ୍ତରେ ସ୍ପଷ୍ଟ ହୋଇଥିଲା।

### ତଦନ୍ତରେ ବାଧା ପାଇଁ ପୋଲିସ ରହିଥିଲା ଚୁପ୍

ଏଭଳି ସମ୍ବେଦନଶୀଳ ଘଟଣା ନେଇ ପୋଲିସ ଚୁପ୍ ରହିବା ସମ୍ପର୍କରେ ପଚରାଯିବାରେ ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ କହିଛନ୍ତି ଯେ, ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କା ଥିଲା। ତେଣୁ ପୋଲିସ ଏହି ପନ୍ଥା ଆପଣାଇବାକୁ ବାଧ୍ୟ ହୋଇଥିଲା।

## ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ୩୮ ବର୍ଷ ପରେ ରାୟ

## ପୂର୍ବତନ ନିର୍ବାହୀ ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଦୀର୍ଘ ୩୮ ବର୍ଷ ପରେ ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭୁବନେଶ୍ୱର କମାଣ୍ଡ ଏରିଆ ଡେଭଲପମେଣ୍ଟ ଏଜେନ୍ସି(କାଡ଼ା-୧)ର ପୂର୍ବତନ ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ସାହୁଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ କୋର୍ଟ କହିଛନ୍ତି।

ସୂଚନା ଅନୁଯାୟୀ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୧୯୮୪ ମାର୍ଚ୍ଚ ୯ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଗଙ୍ଗାଧରଙ୍କ ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ତାଙ୍କ ପ୍ରକୃତ ଆୟଠାରୁ ୪ ଲକ୍ଷ ୬ ହଜାର ୨୨୦ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୦/୧୯୮୪) ରୁଜୁ କରାଯାଇଥିଲା। ମାମଲାରେ ଅଭିଯୁକ୍ତ ଗଙ୍ଗାଧରଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ କୋର୍ଟରୁ ଜାମିନ୍‌ରେ ମୁକୁଳିଥିଲେ। ତଦନ୍ତ ବେଳେ ସେ ସରକାରୀ ଯୋଜନାରେ ଦୁର୍ନୀତି କରି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିଲେ ବୋଲି ଜଣାପଡ଼ିଥିଲା। ତେବେ ଏହି ମାମଲାରେ କଟକ ଭିଜିଲାନ୍ସ ଡିଭିଜନ୍‌ର ପୂର୍ବତନ ଅତିରିକ୍ତ ଏସ୍‌ପି ବି.ବି ମହାପାତ୍ର ତଦନ୍ତ କରିଥିବାବେଳେ ସ୍ୱତନ୍ତ୍ର କୋର୍ଟର ସରକାରୀ ଓକିଲ ଅଜିତ୍ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ପକ୍ଷାଘାତ ସ୍ତ୍ରୀଙ୍କୁ ବୁଡ଼ାଇ ମାରିଦେଲେ ସ୍ୱାମୀ

## ପରଜଙ୍ଗ ଥାନା ଅଞ୍ଚଳରେ ଅଭାବନୀୟ ଘଟଣା

- ଗାଧୋଇ ନେଇ ପୋଖରୀରେ ଫିଙ୍ଗି ଦେଇଥିବା ଅଭିଯୋଗ
- ପୁତୁରାଙ୍କ ଏତଲା ଆଧାରରେ ହତ୍ୟା ମାମଲା ରୁଜୁ

ପରଜଙ୍ଗ,୨୭।୪(ଡି.ଏନ.ଏ.)

ଦୀର୍ଘବର୍ଷ ହେଲା ପକ୍ଷାଘାତରେ ଆକ୍ରାନ୍ତ ସ୍ତ୍ରୀଙ୍କ ସେବା କରୁଥିବା ସ୍ୱାମୀ ଶେଷରେ ତାଙ୍କ ଜୀବନ ନେଇଛନ୍ତି। ପୋଖରୀକୁ ଗାଧୋଇବାକୁ ନେଇଥିବା ବେଳେ ବୁଧବାର ପାଣିରେ ବୁଡ଼ାଇ ମାରିଦେଇଥିବା ପୁତୁରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳରେ ଘଟିଥିବା ଏହି ଅଭାବନୀୟ ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ପରଜଙ୍ଗ ଥାନା କଲଦା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଦିଲୀପ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀ ବେହେରା (୩୮) ଦୀର୍ଘବର୍ଷ ହେଲା ପକ୍ଷାଘାତର ଶିକାର ହୋଇଥିଲେ। ଶରୀରର ଗୋଟିଏ ପାର୍ଶ୍ୱ ଅଙ୍ଗ ଅଚଳ ହୋଇଯାଇଥିବାରୁ ସ୍ୱାମୀ ହିଁ ତାଙ୍କର ସମସ୍ତ ସେବାଶୁଶ୍ରୂଷା କରିଆସୁଥିଲେ। ଦୁଇ ପୁଅଙ୍କ ମଧ୍ୟରୁ ବଡ଼ ପୁଅ (୧୬ ବର୍ଷ) କିଛି ରୋଜଗାର କରୁଥିବାବେଳେ ସାନ ପୁଅ (୧୨ ବର୍ଷ) ଘରେ ରହୁଥିଲେ। ଦୈନିକ ମୂଲମଜୁରି ଲାଗୁଥିବା ଦିଲୀପ କାମରୁ ଫେରି ସ୍ତ୍ରୀଙ୍କ ଦେଖାଶୁଣା କରୁଥିଲେ। ବୁଧବାର ମଧ୍ୟାହ୍ନରେ ବଡ଼ ପୁଅ ଘରେ ନ ଥିବାବେଳେ ସାନ ପୁଅକୁ ୧୦୦ ଟଙ୍କା ଦେଇ ଦିଲୀପ ଖାଇବା ଆଣିବାକୁ ଦୋକାନକୁ ପଠାଇ ଦେଇଥିଲେ। ପରେ ସ୍ତ୍ରୀ ଲକ୍ଷ୍ମୀଙ୍କୁ ନିକଟସ୍ଥ ଗୋଡ଼ିବନ୍ଧ ପୋଖରୀକୁ ଗାଧୋଇଦେବାକୁ ନେଇଯାଇଥିଲେ। ହେଲେ ପୋଖରୀ ପାଣିରେ ସ୍ତ୍ରୀଙ୍କୁ ପକାଇ ଦେଇ ଦିଲୀପ ଜଙ୍ଗଲକୁ ପଳାଇ ଯାଇଥିଲେ। ଫଳରେ ପକ୍ଷାଘାତ ରୋଗୀ ଲକ୍ଷ୍ମୀ ପାଣିରେ ବୁଡ଼ିଯାଇଥିଲେ। ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀ ମଧ୍ୟରୁ ଲକ୍ଷ୍ମୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଲକ୍ଷ୍ମୀଙ୍କୁ ତାଙ୍କ ସ୍ୱାମୀ ପାଣିରେ ବୁଡ଼ାଇ ମାରିଦେଇଥିବା ଘଟଣା ଦେଖିଥିବା ପୁତୁରା କନ୍ଦର୍ପ ବେହେରା ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୨୧/୨୨, ଦଫା ୩୦୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ ଦିଲୀପଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଇନ୍ସପେକ୍ଟର ଶରତ ମହାଳିକ ସୂଚନା ଦେଇଛନ୍ତି।



ପରଜଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ୧୭ରୁ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବ ଏଲ୍‌ଆଇସି

## ୪ରୁ ୯ ମିଳିବ ଆଇପିଓ

ନୂଆଦିଲ୍ଲୀ,୨୭।୪

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ବହୁ ପ୍ରତୀକ୍ଷିତ ପ୍ରାରମ୍ଭିକ ସର୍ବସାଧାରଣ ଅଫର(ଆଇପିଓ) ଆସନ୍ତା ୪ତାରିଖରୁ ଖୋଲିବ। ଏହା ମେ ୯ ତାରିଖରେ ବନ୍ଦ ହେବ। ଜନସାଧାରଣଙ୍କ ପାଇଁ ପ୍ରାରମ୍ଭିକ ଏହାର ଶେୟାର ମୂଲ୍ୟ ୯୦୨ ରୁ ୯୪୯ ଟଙ୍କା ରଖାଯିବା ସହ ବୀମାଧାରୀଙ୍କୁ ୬୦ଟଙ୍କା ଓ ଖୁଚୁରା ନିବେଶକାରୀଙ୍କ ପାଇଁ ୪୫ଟଙ୍କାର ରିହାତି ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଇପିଓ ବନ୍ଦ ହେବାର ସପ୍ତାହକ ପରେ ମେ' ୧୭ତାରିଖଠାରୁ ଏହା ଷ୍ଟକ୍ ଏକ୍ସଚେଞ୍ଜ ତାଲିକାଭୁକ୍ତ ହେବ ବୋଲି ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ୍ ପବ୍ଲିକ୍ ଆସେଟ୍ ମ୍ୟାନେଜ୍‌ମେଣ୍ଟ (ଦିପମ୍)ର ସଚିବ ତୁହିନ ପାଣ୍ଡେ ବୁଧବାର ସୂଚନା ଦେଇଛନ୍ତି।

ଇସ୍ୟୁ ଆକାରକୁ ଛୋଟ କରି ଦିଆଯାଇଥିଲେ ମଧ୍ୟ ଏଲ୍‌ଆଇସି ଆଇପିଓ ଦେଶର ସର୍ବବୃହତ୍ ଆଇପିଓରେ ଗଣା ହେବ ଏବଂ ଆଇପିଓରେ ଉତ୍ତମ ଖୁଚୁରା ଭାଗୀଦାରି ରହିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏହାଛଡ଼ା କ୍ୟାପିଟାଲ୍ ବଜାରର ପ୍ରତିକୂଳ ପରିସ୍ଥିତିକୁ ନଜରରେ ରଖିଲେ ଏହି ଆଇପିଓର ଆକାର ଠିକ୍ ରହିଛି। ଏଲ୍‌ଆଇସି ଆଇପିଓରେ ନିବେଶକଙ୍କୁ ସର୍ବନିମ୍ନ ୧୫ସଂଖ୍ୟକ ଇକ୍ୱିଟି ଶେୟାର ପାଇଁ ନିବେଶ କରିବାକୁ ପଡ଼ିବ। ଆଇପିଓ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା କେନ୍ଦ୍ର ସରକାରଙ୍କ ବିତ୍ତ ମନ୍ତ୍ରଣାଳୟ ମାଧ୍ୟମରେ କାର୍ଯ୍ୟ କରି ୨୨କୋଟି୧୩ଲକ୍ଷ ୭୪ହଜାର ୯୨୦ଟି ଇକ୍ୱିଟି ଶେୟାରକୁ ଅଫର-ଫର-ସେଲ୍ (ଓଏଫ୍‌ଏସ୍)ର ସୁଯୋଗ ଦେଉଛି। ଏଲ୍‌ଆଇସିର ଇସ୍ୟୁ ଦରରେ ପଲିସିଧାରକ, ଖୁଚୁରା ନିବେଶକାରୀ ଏବଂ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଆରକ୍ଷଣ ବ୍ୟବସ୍ଥା ରହିଛି। ଏହାର ଫ୍ଲୋର୍ ପ୍ରାଇସ୍, ଇକ୍ୱିଟି ଶେୟାରର ଫେସ୍ ଭାଲ୍ୟୁର ୯୦.୨ ଗୁଣା ଏବଂ କ୍ୟାପ୍ ପ୍ରାଇସ୍, ଇକ୍ୱିଟି ଶେୟାରରେ ଫେସ୍ ଭାଲ୍ୟୁ ୯୪.୯ ଗୁଣା ଅଟେ ବୋଲି ପାଣ୍ଡେ ଏକ ଗଣମାଧ୍ୟମ ସାକ୍ଷାତକାରରେ କହିଛନ୍ତି।

ସୂଚନାଯୋଗ୍ୟ, ଏଲ୍‌ଆଇସି ପକ୍ଷରୁ ଫେବୃୟାରୀରେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ଜମା କରାଯାଇଥିଲା। ପ୍ରଥମେ ସରକାର ଏଥିରେ ୫% ଅଂଶଧନ ବିକ୍ରି ପାଇଁ ଯୋଜନା କରିଥିବା ବେଳେ ବର୍ତ୍ତମାନ ଏହାକୁ ହ୍ରାସ କରି ୩.୫% କରି ଦେଇଛନ୍ତି। ଏଲ୍‌ଆଇସି ବୋର୍ଡ ପକ୍ଷରୁ ଏପ୍ରିଲ ୨୩ରେ ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସରକାର ଏଥିରେ ୨୧,୦୦୦ କୋଟି ଟଙ୍କାର ଅଂଶଧନ ବିକ୍ରି କରିବେ। ଏହି ହିସାବରେ କମ୍ପାନୀର ମୋଟ୍ ଭାଲ୍ୟୁଏଶନ ୬ଲକ୍ଷ କୋଟି ରହିଛି। ୧୯୫୬ ସେପ୍ଟେମ୍ବର ୧ରେ ୨୪୫ଟି ଘରୋଇ ଜୀବନ ବୀମା କମ୍ପାନୀ ମିଶ୍ରଣରେ ଏଲ୍‌ଆଇସି ପ୍ରତିଷ୍ଠା ହୋଇଥିଲା। ଏହାର ପ୍ରାରମ୍ଭିକ ପୁଞ୍ଜି ୫କୋଟି ରହିଥିଲା। ବର୍ତ୍ତମାନ ବିଶ୍ୱସ୍ତରରେ ଏଲ୍‌ଆଇସି ୫ମ ବୃହତ୍ ବୀମା କମ୍ପାନୀ ଭାବେ କାର୍ଯ୍ୟ କରୁଛି।




ନୂଆଦିଲ୍ଲୀଠାରେ ଏଲ୍‌ଆଇସିର ଆଇପିଓ ସମ୍ପର୍କିତ ବୁଧବାର ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ଦୀପମ ସଚିବ ତୁହିନକାନ୍ତ ପାଣ୍ଡେଙ୍କ ସମେତ ନିଗମର ବହୁ ବରିଷ୍ଠ ଅଧିକାରୀ।

**ଆଜିର ମନ୍ତବ୍ୟ**

ଗାନ୍ଧୀ-ନେହେରୁ ପରିବାର କଂଗ୍ରେସର ପାୱାର ହାଉସ୍। କଂଗ୍ରେସକୁ ବାଦ୍ ଦେଇ କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ସମ୍ଭବ ନୁହେଁ।
**-ଏ.କେ. ଆଣ୍ଟୋନି, ବରିଷ୍ଠ କଂଗ୍ରେସ ନେତା**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓଲେଇ ଦରକଞ୍ଚା ଖାଏ,**
**ଦୁଆରବୁଲୀର ପେଟ ପୋଡ଼ିଯାଏ।**

ଓଲେଇ ଖାଇବା ଜିନିଷ ଦେଖିଲା ମାତ୍ରକେ ପାଟିରେ ପକାଏ, ସମୟ ଓ ପରିମାଣ ଜ୍ଞାନ ରଖେ ନାହିଁ। ଖାଦ୍ୟଲୋଭୀ ବ୍ୟକ୍ତି କେବେ ଭୋକ ସମ୍ଭାଳି ରହିପାରି ନ ଥାନ୍ତି। ଖାଦ୍ୟ ଭଲଭାବେ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ଅପେକ୍ଷା କରିବା ସେମାନଙ୍କ ପକ୍ଷେ କାଠିକର ପାଠ ହୋଇଯାଇଥାଏ। ତରତର ସ୍ୱଭାବ ଯୋଗୁ ସେମାନେ ସବୁବେଳେ କ୍ଷତିରେ ପଡ଼ିଥାନ୍ତି। ରୋଷେଇ ଏକ କଳା। ଏହା ଏକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥାଏ। ଏଥିପ୍ରତି ସଜାଗ ତଥା ସତର୍କ ନ ରହିଲେ ଖାଦ୍ୟ ନଷ୍ଟ ହୋଇଯିବାର ଆଶଙ୍କା ରହିଥାଏ। ଓଲେଇ ଓ ଦୁଆରବୁଲୀ ସେମାନଙ୍କ ମନ୍ଦ ପ୍ରକୃତି ତଥା ସ୍ୱଭାବ ହେତୁ ସମଦଶା ଭୋଗୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓର ଉଣ୍ଡି ଦେ' ଚଡୁ**
**ଏକା ଚିଆଁକେ ନଟୁ ଛିଡ୍ଡୁ।**

ଚଡୁ ବା ଠୋକର ଦେଲେ ଚେତା ପଶେ। ସୁଯୋଗ ଉଣ୍ଡି ବ୍ୟକ୍ତିର ଦୋଷ ଦେଖି ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଦ୍ୟୁତ ଆଘାତରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

ଆଠଗଡ,୨୭।୪(ସ୍ୱ.ପ୍ର.):ଆଠଗଡ ବ୍ଲକ ଇଚ୍ଛାପୁର ପଞ୍ଚାୟତ ପତଣ୍ଡା ଗାଁର ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗୋଛାୟତ ବୁଧବାର ସକାଳେ ଗାଧୋଇ ସାରି ଟୁଲୁ ପମ୍ପ ମେଶିନ ବନ୍ଦ କରିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ସେଠାରେ ଟଳି ପଡିଥିଲେ। ପରିବାର ଲୋକେ ତାଙ୍କୁ ଆଠଗଡ଼ ଡାକ୍ତରଖାନାକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ଡାକ୍ତରଖାନାରେ ଭିଡ଼ ଦେଖିବାକୁ ମିଳିଥିଲା। ଅଙ୍ଗନୱାଡି ସଂଘ ପକ୍ଷରୁ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ ପାଇଛି। ଡାକ୍ତରଖାନାରେ ଆଠଗଡ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।


## classifieds Everyday
0674-2580101, 2549302




ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952. D-73214

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**SALE**

Plot for sale at Chhatabar Per Sqft @299/-. 9583295832, 9937816565. D-201

Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118. D-73216

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377. D-73238

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106




Newly open SPA positively health benifit with expert. Contact: 7749976301. D-71980

Plot for sale at Pitapalli NH-16 Side @900/-. 9583295832, 9937816565. D-200

Relax, Refresh your body, mind at Saikrupa Spa with best therapies. 8984068077. D-129

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**LEGAL NOTICE**

ମୁଁ ଶ୍ରୀମତୀ ତୁଳସୀ ପାଢ଼ୀ, ସ୍ୱା.- ବିଶ୍ୱନାଥ ପାଢ଼ୀ, ସା./ପୋ.- କସର୍ଦ୍ଦା, ଥା.- ନିଆଳି, ଜି.- କଟକରେ ରହୁଅଛି । ମୋର ଜେଜେଙ୍କ ନାମ ଚାରୁଚନ୍ଦ୍ର ଦାସ। ତାଙ୍କ ନାମରେ ଗୋଟିଏ ଜାଗା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ପାଇକେରାପୁର ମୌଜାରେ ଥିଲା, ଯାହାର ଖାତା ନଂ.୪୮୫, ପ୍ଲଟ୍ ନଂ.- ୧୧୩୪, ଏରିଆ- ୩୭୦ ଡେସିମିଲ୍ । ଉକ୍ତ ଜାଗାକୁ ମୋର ବାପା ଦୁର୍ଯ୍ୟୋଧନ ଦାସ ଚକ୍ରାନ୍ତ କରି ବିକ୍ରୟ କରିଦେଇଛନ୍ତି । ଯାହାକି ମାନ୍ୟବର ଭୁବନେଶ୍ୱର ସିଭିଲ ଜଜ୍ (ସିନିୟର ଡିଭିଜନ)ରେ ବିଚାରାଧୀନ ଅଛି ଏବଂ ଉକ୍ତ ଜାଗାରେ ରହିତାଦେଶ ମାନ୍ୟବର ଅଦାଲତ ଜାରି କରିଛନ୍ତି । ଯାହାର ନଂ. ସିଏସ୍ ୬୩୯/୨୦୨୨ । ମିସ୍ କେସ୍ ନଂ. ୦୧/୨୦୨୨ ବଳରେ ରହିତାଦେଶ ଅଛି । ଧ-୨୬୧

Bhubaneswar Puri bypass gharabari plot 1200sqft. @4,80,000/-.9853415415, 9777160796, 8144044975. D-71982

Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238. D-71976

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୭ ସୁଦ୍ଧା ସତ୍ୟପାଠ ଦାଖଲ କରିବ ଏଏସ୍ଆଇ

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ହାଇକୋର୍ଟରେ ମାମଲା**

ପୁରୀ ଅଫିସ,୨୭।୪

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ବେଆଇନ ଦର୍ଶାଇ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ତାରିଖ ବଦଳିଛି। ଗତ ୨୧ ତାରିଖ ଶୁଣାଣିରେ ହାଇକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)କୁ ସତ୍ୟପାଠ ଦାଖଲ ପାଇଁ ୨ସପ୍ତାହ ସମୟ ଦେଇଥିଲେ। ମେ ୧୬ରେ ପରବର୍ତ୍ତୀ ଶୁଣାଣି ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ଏବେ ଏଏସ୍ଆଇକୁ ଆସନ୍ତା ୭ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଆସନ୍ତା ୯ ତାରିଖରେ ଶୁଣାଣି ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ଆବେଦକାରୀ ଦିଲୀପ ବରାଳ କହିଛନ୍ତି। ସେହିଭଳି ଆଇନ ଉଲ୍ଲଂଘନ କରାଯାଇ ନିର୍ମାଣ ଚାଲୁଥିବା ଅଭିଯୋଗ ହୋଇଛି। ପୂର୍ବ ଶୁଣାଣିରେ ଏଏସ୍ଆଇ ଭୁବନେଶ୍ୱର ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ନିର୍ଦ୍ଧାରିତ ତାରିଖରେ ସତ୍ୟପାଠ ଦାଖଲ କରିବେ ବୋଲି କହିଥିଲେ। ତେବେ ବାସ୍ତବରେ କେତେ ଖନନ କରାଯାଇଛି, କେଉଁ କେଉଁ ନିର୍ମାଣ ଲାଗି ଅନୁମତି ରହିଛି ଏବଂ ତଦନୁଯାୟୀ ନିର୍ମାଣ ହୋଇଛି କି ନାହିଁ ତାହାର ସରଜମିନ୍ ତଦନ୍ତ କରିବା ପାଇଁ ଏଏସ୍ଆଇ ଟିମ୍ ଏପର୍ଯ୍ୟନ୍ତ ପୁରୀ ଆସିନାହିଁ।

### ସିମେଣ୍ଟ ବ୍ୟବସାୟୀ ହତ୍ୟା ଘଟଣା
# ପୁଣି ଅଶାନ୍ତ ହଂସପୁର ଗାଁ

ଛତ୍ରପୁର,୨୭।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ଥାନା ହଂସପୁର ଗାଁ ବୁଧବାର ରାତିରେ ପୁଣି ଅଶାନ୍ତ ହୋଇପଡିଛି। ୨୨ ତାରିଖ ରାତିରେ ହଂସପୁରରେ କୃଷ୍ଣଚନ୍ଦ୍ର ପରିଡାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପୋଲିସଠୁ ନ୍ୟାୟ ପାଇବା ଆଶା କ୍ଷିଣ ଜାଣିବା ପରେ ୨୫ ତାରିଖରେ ଭାବି ସ୍ତ୍ରୀ ବିଷ ପିଇ ଆତ୍ମହତ୍ୟା କରିଥିଲେ । କୃଷ୍ଣଚନ୍ଦ୍ର ହତ୍ୟା ଘଟଣାର ଛତ୍ରପୁର ଥାନା ପୋଲିସ ୪ ଜଣଙ୍କୁ ଅଟକ ରଖିଥିବା ବେଳେ ଏଯାବତ କାହାରିକୁ ଗିରଫ ଦର୍ଶାଇନି। ଏନେଇ ଗାଁରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଟକ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ ବ୍ୟବସାୟୀଙ୍କ ଗାଡି, ଘର ଦୋକାନକୁ ସ୍ଥାନୀୟ ଲୋକେ ବୁଧବାର ରାତିରେ ଭଙ୍ଗାରୁଜା କରିଛନ୍ତି। ଏଥିସହ ତାଙ୍କ ଦୋକାନ ଭାଙ୍ଗି କଲର ଡବା ସହ ସିମେଣ୍ଟ ବସ୍ତାକୁ ଉତ୍ୟକ୍ତ ଲୋକେ ବୋହି ନେଇଛନ୍ତି । ପୋଲିସ ସେଠାରେ ପହଞ୍ଚି ନାହିଁ। ସୂଚନାଯୋଗ୍ୟ, ବ୍ୟବସାୟୀଙ୍କୁ ହତ୍ୟା ଓ ମ୍ରିୟମାଣ ଭାବୀ ସ୍ତ୍ରୀଙ୍କ ଆତ୍ମହତ୍ୟା ପରେ ସୋମବାର ସ୍ଥାନୀୟ ଲୋକେ ଛତ୍ରପୁର -ତାରାତାରିଣୀ ମୁଖ୍ୟ ରାସ୍ତାକୁ ହଂସପୁର ଠାରେ ଅବରୋଧ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

## ବିରୋଧୀଙ୍କ ମୁଣ୍ଡରେ ...

ଶାସିତ ରାଜ୍ୟଗୁଡ଼ିକ ଉପରେ ବର୍ଷିଥିଲେ। ମୋଦି କହିଥିଲେ, କେନ୍ଦ୍ର ସରକାର ଗତ ନଭେମ୍ବରରେ ତେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ କରିବା ପରେ ରାଜ୍ୟଗୁଡ଼ିକୁ ଭାଟ୍ କମାଇବାକୁ ପରାମର୍ଶ ଦେଇଥିଲେ। କିନ୍ତୁ କେତେକ ରାଜ୍ୟ ଭାଟ୍ ହ୍ରାସ ନ କରି ନିଜ ଲୋକଙ୍କ ସହ ଅନ୍ୟାୟ କରୁଛନ୍ତି, ଯାହାକି ପଡ଼ୋଶୀ ରାଜ୍ୟଗୁଡ଼ିକୁ ମଧ୍ୟ କ୍ଷତି ପହଞ୍ଚାଉଛି। ତେଲ ଦର ବଢ଼ିବା ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧିର କାରଣ ପାଲଟିଛି। କେବଳ ଏତିକି ନୁହେଁ, ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇ ଅନେକ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଯୋଗୁ ସୃଷ୍ଟ ବୈଶ୍ୱିକ ସଙ୍କଟ ସମୟରେ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାକୁ ହେଲେ ସଂଘୀୟ ସହଯୋଗିତାକୁ ମଜଭୁତ କରିବାକୁ ପଡ଼ିବ। କେନ୍ଦ୍ର-ରାଜ୍ୟ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଆବଶ୍ୟକ। ଭାଜପା ଶାସିତ କର୍ଣ୍ଣାଟକ ଓ ଗୁଜରାଟ ଭାଟ୍ ହ୍ରାସ କରି ଯଥାକ୍ରମେ ୫,୦୦୦ କୋଟି ଓ ୩୫୦୦-୪୦୦୦ କୋଟି ଟଙ୍କା କ୍ଷତି ସହିଛନ୍ତି। କିନ୍ତୁ ପଡ଼ୋଶୀ ରାଜ୍ୟଗୁଡ଼ିକ କମାଇନାହାନ୍ତି। ବିଶେଷକରି ବିରୋଧୀ ଶାସିତ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତେଲଙ୍ଗାନା, ଆନ୍ଧ୍ର ପ୍ରଦେଶ, କେରଳ ଆଦୌ ହ୍ରାସ କରି ନାହାନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏଭଳି ଦୋଷାରୋପ ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି, କେନ୍ଦ୍ର ଉପରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ୨୬,୫୦୦ କୋଟି ଟଙ୍କା ବକେୟା ଅଛି। କେନ୍ଦ୍ର ସରକାର ମହାରାଷ୍ଟ୍ର ସହ ବୈମାତୃକ ବ୍ୟବହାର କରୁଛନ୍ତି। ତେଲ ଦର ବୃଦ୍ଧି ପାଇଁ ମହାରାଷ୍ଟ୍ର ଦାୟୀ ନୁହେଁ। ସେହିପରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ପ୍ରଧାନମନ୍ତ୍ରୀ ମିଛ କଥା କହି ବିଭ୍ରାନ୍ତ କରିଛନ୍ତି। ସେ ତେଲ ଦର ବୃଦ୍ଧି ଉପରେ କହିବା ପାଇଁ କୌଣସି ମୁଖ୍ୟମନ୍ତ୍ରୀଙ୍କୁ ସୁଯୋଗ ନ ଦେଇ ଏକତରଫା କହିଚାଲିଥିଲେ। ତେଣୁ ତାଙ୍କୁ ଜବାବ ଦେବା ସମ୍ଭବପର ହୋଇ ନ ଥିଲା। ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶାସିତ ସରକାର ଗତ ୩ ବର୍ଷରେ ରିହାତି ମୂଲ୍ୟରେ ତେଲ ଦେବାକୁ ଯାଇ ୧,୫୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେହିପରି ଏଆଇସିସି ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା ଏହି ପ୍ରସଙ୍ଗରେ ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ୨୦୧୪ ମେ' ୨୬ରେ ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ସମୟରେ କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୧୦୮ ଡଲାର ଥିଲା। କିନ୍ତୁ ପେଟ୍ରୋଲ ଓ ଡିଜେଲ ଲିଟର ଯଥାକ୍ରମେ ୭୧.୪୧ ଏବଂ ୫୫.୪୯ ଟଙ୍କା ଥିଲା। ଆଜି କ୍ରୁଡ୍ ଅଏଲ୍ ୧୦୦.୨୦ ଡଲାର ଥିବାବେଳେ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୫.୪୧ ଏବଂ ଡିଜେଲ ୯୬.୬୭ ଟଙ୍କାରେ ପହଞ୍ଚିଛି। ମୋଦି ପ୍ରଥମେ ଭାଜପା ସରକାର ତେଲରୁ ସଂଗ୍ରହ କରିଥିବା ୨୭,୦୦,୦୦୦ କୋଟି ଟଙ୍କା ଟିକସର ହିସାବ ଦିଅନ୍ତୁ। ଶିବସେନାର ରାଜ୍ୟ ସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ ମଧ୍ୟ କୋଭିଡ୍ ବୈଠକରେ ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ମୋଦି ରାଜନୀତି କରିଥିବା କହିଛନ୍ତି। ଅନ୍ୟପକ୍ଷେ ଭାଜପା ଏହାକୁ ଖଣ୍ଡନ କରିବା ସହ ବିରୋଧୀ ଛଳନା କରୁଥିବା କହିଛି। ଭାଜପା ଶାସିତ ରାଜ୍ୟଗୁଡ଼ିକ ତୁଳନାରେ ବିରୋଧୀ ଶାସିତ ରାଜ୍ୟ ସରକାରମାନେ ପେଟ୍ରୋଲ, ଡିଜେଲରୁ ଦୁଇଗୁଣା ଆୟ କରୁଥିବା ଦଳର ମୁଖପାତ୍ର ସମ୍ବିତ ପାତ୍ର ସମାଲୋଚନା କରିଛନ୍ତି।

## ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ...

ସିଟିଂ ପରୀକ୍ଷାଗୁଡ଼ିକୁ ୮, ୯ ଓ ୧୦ ତାରିଖ ପ୍ରଥମ ସିଟିଂରେ କରିବାକୁ ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏନେଇ ବୋର୍ଡ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ଉପ ସଭାପତି ନୀହାର ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ମଧ୍ୟମା ଛାତ୍ରୀଛାତ୍ରଙ୍କ ମେ' ୨ ଓ ୪ ତାରିଖ ଦ୍ୱିତୀୟ ସିଟିଂରେ ହେବାକୁ ଥିବା ପରୀକ୍ଷା ପରିବର୍ତ୍ତନ କରାଯାଇ ମେ' ୯ ଓ ୧୦ ତାରିଖରେ ସକାଳ ୮ରୁ ୯ଟା ୩୦ ପର୍ଯ୍ୟନ୍ତ କରାଯିବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ୮ ତାରିଖ ସକାଳ ୮ଟାରୁ ୯ଟା ହୋମ୍‌ସାଇନ୍ସ ପ୍ରାକ୍ଟିକାଲ ପରୀକ୍ଷା, ୯ ତାରିଖ ସକାଳ ୯ରୁ ୧୦ଟା ମଧ୍ୟରେ ହୋମସାଇନ୍ସ ଥିଓରି ପରୀକ୍ଷା ହେବ। ସେହିପରି ୧୦ ତାରିଖରେ ପେଣ୍ଟିଂ ଥିଓରି ପରୀକ୍ଷା ୮ଟାରୁ ୯ଟା ମଧ୍ୟରେ ହେବ। ତେବେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷାରେ କୌଣସି ପରିବର୍ତ୍ତନ ହୋଇ ନାହିଁ ବୋଲି ବୋର୍ଡ ଉପ ସଭାପତି ମହାନ୍ତି କହିଛନ୍ତି।

ଚଳିତବର୍ଷ ୩,୫୪୦ ପରୀକ୍ଷା କେନ୍ଦ୍ରରେ ମୋଟ୍ ୫ ଲକ୍ଷ ୮୫ ହଜାର ୭୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେଥିମଧ୍ୟରୁ ୨୧୫ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟର ୯,୩୭୮ ଜଣ ଛାତ୍ରୀଛାତ୍ର ଥିବାବେଳେ ୧୨୨ କେନ୍ଦ୍ରରେ ମଧ୍ୟମାର ୪,୪୪୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିପରି ପ୍ରଶ୍ନପତ୍ର ରଖିବା ପାଇଁ ରାଜ୍ୟରେ ୩୧୫ ନୋଡାଲ ସେଣ୍ଟର କରାଯାଇଛି। ସେଥିମଧ୍ୟରୁ ସମ୍ବେଦନଶୀଳ ଅଞ୍ଚଳରେ ୨୧ଟି ନୋଡାଲ ସେଣ୍ଟର ପୋଲିସ ଷ୍ଟେଶନରେ କରାଯାଇଛି। କନ୍ଧମାଳରେ ୭, କୋରାପୁଟରେ ୫ ଓ ମାଲକାନଗିରିର ୯ଟି ଥାନାରେ ନୋଡାଲ ସେଣ୍ଟର ହୋଇଛି ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରକୁ ମୋବାଇଲ ନେବାକୁ ବାରଣ କରାଯାଇଛି। କପି ରୋକିବା ପାଇଁ ୪ ସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ୬୫ଟି ଫ୍ଲାଇଂ ସ୍କ୍ୱାଡ, ବୋର୍ଡର ସ୍ୱତନ୍ତ୍ର ୩୮ ସ୍କ୍ୱାଡ୍ କରାଯାଇଛି। ଏଥିସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଧିକାରୀ ସ୍କୁଲ ପରିଦର୍ଶନରେ ଯିବେ। ଜିଲା ପ୍ରଶାସନକୁ ମଧ୍ୟ ଏଥିପାଇଁ ନିବେଦନ କରାଯାଇଛି। ସେହିପରି ଖରାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନବରତ ପାନୀୟଜଳ ବ୍ୟବସ୍ଥା ସହ ଓଆର୍‌ଏସ୍ ଯଥେଷ୍ଟ ପରିମାଣରେ ମହଜୁଦ ରଖିବାକୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବିଦ୍ୟୁତ୍ କାଟ୍ କରା ନ ଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପରୀକ୍ଷା କେନ୍ଦ୍ରଗୁଡ଼ିକ ପକ୍ଷରୁ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ସହ ଆଲୋଚନା କରି ବିଦ୍ୟୁତ୍ କାଟ୍ ନ ହେବା ପାଇଁ ବ୍ୟବସ୍ଥା କରାଯିବ। ପିଲାଙ୍କ ଉପସ୍ଥିତି, ଅନୁପସ୍ଥିତି, ମାଲ୍ ପ୍ରାକ୍ଟିସ ଓ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଥିଲେ ପରୀକ୍ଷା ସରିବାର ୨ ଘଣ୍ଟା ମଧ୍ୟରେ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଅନ୍‌ଲାଇନରେ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ୩୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ପରୀକ୍ଷା ପରିଚାଳନା କରିବେ ବୋଲି ସୂଚନା ଦିଆଯାଇଛି।

## ଆଜିଠୁ ଯୁକ୍ତ...

ଶିକ୍ଷାର ଛାତ୍ରୀଛାତ୍ର ଅଛନ୍ତି। ଏଥିପାଇଁ ମୋଟ ୧,୧୩୩ ପରୀକ୍ଷା କେନ୍ଦ୍ର ଏବଂ ୨୦୨ ପରୀକ୍ଷା ପରିଚାଳନା ହବ୍ (ନୋଡାଲ୍ ସେଣ୍ଟର) କରାଯାଇଛି। ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି। କଳା ଓ ବାଣିଜ୍ୟ ବିଭାଗର ପ୍ରଥମ ଦିନ ସାହିତ୍ୟ ବିଷୟରେ ପରୀକ୍ଷା ରହିଛି। ପରୀକ୍ଷା ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟାରେ ଶେଷ ହେବ। ତେବେ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଅଧଘଣ୍ଟା ପୂର୍ବରୁ ଅର୍ଥାତ୍ ସାଢ଼େ ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ କୁହାଯାଇଛି। ସେହିପରି ୮ଟା ୪୫ ସୁଦ୍ଧା ପରୀକ୍ଷା ହଲ୍‌ରେ ବସିବାକୁ ପଡ଼ିବ। ଛାତ୍ରୀଛାତ୍ରଙ୍କୁ ୮ଟା ୫୦ରେ ଉତ୍ତର ଖାତା ଏବଂ ୮ଟା ୫୫ରେ ପ୍ରଶ୍ନପତ୍ର ଦିଆଯିବ। ଆସନ୍ତା ୯ ତାରିଖରୁ ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗର ପରୀକ୍ଷା ଆରମ୍ଭ ହେବ ଏବଂ ପ୍ରଥମଦିନ ଇଂଲିଶ ରହିଛି।

## ନୀଳମାଧବ ପୀଠକୁ ...

ବିକାଶ କରାଯିବ। ଏଥିସହିତ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଚାରି ଦ୍ୱାରର ଉନ୍ନତୀକରଣ କରାଯିବ। ବୟସ୍କ ଓ ଭିନ୍ନକ୍ଷମମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ପଶ୍ଚିମ ଦ୍ୱାରରେ ଲିଫ୍ଟ ଓ ସ୍କାଏବ୍ରିଜ ସୁବିଧାର ବିକାଶ କରାଯିବ। ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ଖଣ୍ଡୋଲାଇଟ ପଥର ବିଛାଯିବା ସହିତ ମନ୍ଦିର ଓ ଠାକୁରଙ୍କ ବଗିଚାର ବିକାଶ କରାଯିବ। ଏହାସହିତ ରାସବିହାରୀ ମଣ୍ଡପ, ରଘୁନାଥ ମଠ ଓ ବାଟମଙ୍ଗଳା ମନ୍ଦିରର ମଧ୍ୟ ବିକାଶ କରାଯିବ। ଯାତ୍ରୀମାନଙ୍କ ଜିନିଷପତ୍ର ରଖିବା ନିମନ୍ତେ ବ୍ୟବସ୍ଥା (କ୍ଲକ୍ ରୁମ୍) ଏବଂ ପଦ ପ୍ରକ୍ଷାଳନ ବ୍ୟବସ୍ଥାର ମଧ୍ୟ ନିର୍ମାଣ କରାଯିବ।

ମନ୍ଦିରକୁ ପ୍ରବେଶ ପାଇଁ ପୂର୍ବ ଓ ପଶ୍ଚିମ ପାର୍ଶ୍ୱ ସଡ଼କର ପ୍ରଶସ୍ତୀକରଣ କରାଯିବ। ପୂର୍ବପାର୍ଶ୍ୱ ସଡ଼କକୁ ୯ ମିଟର ଓ ପଶ୍ଚିମ ପାର୍ଶ୍ୱ ସଡ଼କକୁ ୧୨ ମିଟର ପ୍ରଶସ୍ତ କରାଯିବ। ମହାନଦୀର କୂଳ କ୍ଷୟରୁ ମନ୍ଦିରକୁ ସୁରକ୍ଷା ଯୋଗାଇବା ପାଇଁ ୪୦୦ ମିଟର ସୁରକ୍ଷା ବନ୍ଧ (ପ୍ରୋଟେକ୍ଟିଭ ୱାଲ ) ନିର୍ମାଣ କରାଯିବ।

ଏହି ପ୍ରକଳ୍ପ ପାଇଁ ସମୁଦାୟ ୨ ଏକର ଜମି ଆବଶ୍ୟକ ପଡ଼ିବ। ଏଥିନିମନ୍ତେ ଜିଲା ପ୍ରଶାସନ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ଜମି ଅଧିଗ୍ରହଣ କରିବ। ପୂର୍ତ୍ତ ବିଭାଗ ଜରିଆରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ମହାନଦୀ କୂଳକ୍ଷୟ ରୋକିବା ପାଇଁ ପ୍ରୋଟେକ୍ଟିଭ ୱାଲ୍ କାମ ଜଳସମ୍ପଦ ବିଭାଗ କରିବ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନା ରଖିଥିଲେ।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା, ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ନୟାଗଡ଼ ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭୬ ଦେଶରେ ବ୍ୟବହାର ...

ବର୍ତ୍ତମାନ ଭୁବନେଶ୍ୱରରେ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ଯୋଡ଼ାସ୍ଥିତ ସେଣ୍ଟ ଟେରେସା ବିଦ୍ୟାଳୟରେ ହୋଇଥିଲା। ବିଦ୍ୟାଳୟରେ ପଢୁଥିବା ବେଳେ କମ୍ପ୍ୟୁଟର ସାଇନ୍ସ ଓ ପ୍ରଯୁକ୍ତି ବିଦ୍ୟା ପ୍ରତି ତାଙ୍କର ପ୍ରବଳ ରୁଚି ଥଲା। ଅଷ୍ଟମ ଶ୍ରେଣୀରେ ପଢ଼ିବା ବେଳେ ଦେବାଶିଷ ଏହି ପ୍ରଯୁକ୍ତି ବିଦ୍ୟାର ମୌଳିକ ଜ୍ଞାନ ଆହରଣ କରିଥିଲେ। ଏହି ଜ୍ଞାନରେ ଅଧିକ ନିପୁଣତା ପାଇଁ ସେ ଜାଭା ପ୍ରୋଗ୍ରାମିଂ ଲାଙ୍ଗୁଏଜ୍ ଶିକ୍ଷା ଗ୍ରହଣ କରିଥିଲେ। ଏଥିପାଇଁ ଗୁଗଲ, ଇନଷ୍ଟାଗ୍ରାମ, ୟୁଟ୍ୟୁବ ଏବଂ ବିଭିନ୍ନ ଆର୍ଟିକଲ ଓ ବହି ଅଧ୍ୟୟନ କରିଥିଲେ। ଉକ୍ତ ଜ୍ଞାନକୌଶଳ ପ୍ରୟୋଗ କରି ଦେବାଶିଷ ପୂର୍ବରୁ ଯଦିଓ ଦୁଇଟି ଆପ୍ ପ୍ରସ୍ତୁତ କରିଥିଲେ ହେଲେ ଫିଜବି ଆପ୍ଲିକେଶନ ସୃଷ୍ଟି କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ଦ୍ୱାରା ବିକଶିତ ସ୍ୱଦେଶୀ ଫିଜବି ଆପ୍ଲିକେଶନ ଭାରତର ଏକ ଷ୍ଟାର୍ଟଅପ ସଙ୍କେତ ହେବ ବୋଲି ଦେବାଶିଷ କହିଛନ୍ତି। ଏତଦ୍‌ବ୍ୟତୀତ ଏହି ଫିଜବି ଆପ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଗୋପନୀୟତାକୁ ବଜାୟ ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଆପ୍ଲିକେଶନ ବ୍ୟବହାର କରୁଥିବା ଯୋଡ଼ାର ଜଣେ ଯୁବ ୟୁଜର ସୁରଜକାନ୍ତ ପାଠକ କୁହନ୍ତି, ସେ ଗତ ୧ ମାସ ଧରି ଏହି ଆପ୍ଲିକେଶନକୁ ବ୍ୟବହାର କରୁଛନ୍ତି। ଅନ୍ୟ ଆପ୍ଲିକେଶନ ତୁଳନାରେ ଏହାର ଫିଚର୍ସ, ସିକ୍ୟୁରିଟି ଅତ୍ୟନ୍ତ ଉଚ୍ଚକୋଟିର। ଏହି ଆପ୍‌କୁ ବିକଶିତ କରିଥିବା ଦେବାଶିଷଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇ ଦେଲେ ଭବିଷ୍ୟତରେ ସେ ପ୍ରଯୁକ୍ତି ବିଦ୍ୟାର ଅଧିକ ବିକାଶ କରିପାରିବେ। ଦେବାଶିଷ ଭବିଷ୍ୟତରେ ଏକ ଟେକ୍ କମ୍ପାନୀ କରି ସ୍ୱଦେଶୀ ଜ୍ଞାନକୌଶଳକୁ ବିକଶିତ କରିବାକୁ ଲକ୍ଷ୍ୟ ରଖିଥିବା ତାଙ୍କ ମା' କହିଛନ୍ତି।

## ପୃଥିବୀକୁ ଜୀବସତ୍ତା ...

ରିପୋର୍ଟ ଅନୁସାରେ, ମହାକାଶରୁ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଡିଏନ୍‌ଏ ଉଲ୍‌କାପିଣ୍ଡ ଦ୍ୱାରା ପୃଥିବୀକୁ ଆସିଛି। ଜାପାନସ୍ଥିତ ହୋକାଇଡୋ ୟୁନିଭର୍ସିଟିର ଲୋ-ଟେମ୍ପେରେଚର୍ ସାଇନ୍ସ (ଆଇଏଲ୍‌ଟିସି)ର ଏକ ଗବେଷଣା ଟିମ୍ ୩ କାର୍ବୋନିସିୟସ୍ ଉଲ୍‌କାପିଣ୍ଡରୁ ନ୍ୟୁକ୍ଲିଓବେସ୍ ପାଇଛନ୍ତି। ନ୍ୟୁକ୍ଲିଓବେସ୍ ହେଉଛି ଉଦ୍‌ଜାନ ଥିବା ଏକ ଜୈବିକ ଉପାଦାନ। ଏହି ନ୍ୟୁକ୍ଲିଓବେସ୍ ଡିଅକ୍ସିରାଇବୋନ୍ୟୁକ୍ଲିକ୍ ଏସିଡ୍(ଡିଏନ୍‌ଏ)ର ଡବଲ ହେଲିକ୍ସ ଢାଞ୍ଚା ତିଆରି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ।

ରିସର୍ଚ୍ଚ ମୁତାବକ, ନିୟୁତ ନିୟୁତ ବର୍ଷ ପୂର୍ବେ ମହାକାଶରୁ ପୃଥିବୀରେ ମାଡ଼ ହୋଇଥିବା ଉଲ୍‌କାପିଣ୍ଡରେ ଆମ ଡିଏନ୍‌ଏର ରାସାୟନିକ ବିଲ୍ଡିଂ ବ୍ଲକ୍‌ର ରହିଥିଲା। ସାଧାରଣତଃ ଡିଏନ୍‌ଏ, ଆର୍‌ଏନ୍‌ଏକୁ ଆମେ ଜୀବନର ଆଧାର କହିଥାଉ। ଏଥିପାଇଁ ନ୍ୟୁକ୍ଲିଓବେସ୍ ବା ନାଇଟ୍ରୋଜେନ ବେସ୍‌ର ଏକ ଜରୁରୀ ଉପାଦାନ। ନାଇଟ୍ରୋଜେନ୍ ବେସ୍ ସାଧାରଣତଃ ଦୁଇ ପ୍ରକାର, ପ୍ୟୁରିନ୍ ଓ ପିରିମିଡିନ୍। ଗବେଷଣାରେ ନିଆଯାଇଥିବା ଉଲ୍‌କାପିଣ୍ଡ ନମୁନାରୁ ବିଭିନ୍ନ ପ୍ରକାର ପିରିମିଡିନ୍ ନ୍ୟୁକ୍ଲିଓବେସ୍ ଯଥା ସିଟୋସାଇନ୍, ୟୁରାସିଲ୍ ଏବଂ ଥାଇମିନ୍ ସହ ସେଗୁଡ଼ିକର ଆଇସୋମର୍ (ସମାନ ଯୌଗିକ ହୋଇଥିଲେ ବି ସେମାନଙ୍କ ପରମାଣୁ ସଂଯୋଜନା ଭିନ୍ନ) ମିଳିଛି। ଆମ ଡିଏନ୍‌ଏରେ ଆଡେନାଇନ୍(ଏ), ଥାଇମିନ୍(ଟି), ସିଟୋସିନ୍(ସି) ଏବଂ ଗୁଏନାଇନ୍(ଜି) ଥିବାବେଳେ ରାଇବୋନ୍ୟୁକ୍ଲିକ୍ ଏସିଡ୍ (ଆର୍‌ଏନ୍‌ଏ)ରେ ମଧ୍ୟ ଏ, ସି, ଜି ଏବଂ ଟି ରହିଛି। ଆର୍‌ଏନ୍‌ଏରେ ଥାଇମିନ୍ ବଦଳରେ ୟୁରାସିଲ(ୟୁ) ରହିଥାଏ। ୧୯୫୦, ୧୯୬୯ ଏବଂ ୨୦୦୦ ମସିହାରେ ପୃଥିବୀକୁ ଖସିଥିବା ୩ ଉଲ୍‌କାପିଣ୍ଡର ଶିଳା ନମୁନା ପରୀକ୍ଷଣ ପରେ ସେଥିରୁ ଆମ ଆର୍‌ଏନ୍‌ଏ ଏବଂ ଡିଏନ୍‌ଏ ଉପାଦାନ ମିଳିବା ଗବେଷଣାକୁ ରୋଚକ କରିଛି। ଏହି ରିସର୍ଚ୍ଚ ପରେ ପୃଥିବୀ ବାହାରେ ମଧ୍ୟ ଜୀବସତ୍ତା ଥାଇପାରେ ବୋଲି ବିଶ୍ୱାସ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆପଣଙ୍କ ଅପ୍ରିୟ ମିଶ୍ରିତ ମଧୁର ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା କଠିନ ହୋଇପାରେ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ନିଜ ପରିବେଶରେ ସହମତି ମାଧ୍ୟମରେ କାର୍ଯ୍ୟକଲେ ସଫଳତା ପାଇବେ।

**ବୃଷ**
କର୍ମ କ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ । ବନ୍ଧୁମାନଙ୍କ ଜରିଆରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ବାଣିଜ୍ୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। ଆଗାମୀ ମାଙ୍ଗଳିକ କାମ ସକାଶେ ତତ୍ପରତା ଦେଖା ଦେଇପାରେ।

**ମିଥୁନ**
ମନ ବୁଝିଲାଭଳି କଥା କହି ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ସାଧାରଣ କଥାକୁ କେନ୍ଦ୍ର କରି ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରି ପାରନ୍ତି । ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା, କଳା, ସାହିତ୍ୟ, ଚଳଚ୍ଚିତ ତଥା ପ୍ରଶାସନିକ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**କର୍କଟ**
ଆଶା ଓ ନିରାଶାର ଦୋଛକିରେ ରହି ସମୟକୁ ପ୍ରତୀକ୍ଷା କରିବାକୁ ପଡ଼ିପାରେ। ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ପରିବାର ମଧ୍ୟରେ ପୂର୍ବ ସମସ୍ୟା ସମାଧାନ ହେବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହୋଇ ନ ପାରେ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ ।

**ସିଂହ**
କର୍ମକ୍ଷେତ୍ରରେ କିମ୍ବା ସାମାଜିକ କ୍ଷେତ୍ରରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି ଘଟଣାରେ ଭାଙ୍ଗି ପଡ଼ନ୍ତୁ ନାହିଁ। ଦୀର୍ଘଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବ।

**କନ୍ୟା**
କାର୍ଯ୍ୟଦକ୍ଷତା ହେତୁ ଆଜିର କର୍ମକ୍ଷେତ୍ରରେ ଆବଶ୍ୟକ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ ।

**ତୁଳା**
ଜଣେ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବାଣିଜ୍ୟ, ପରିବହନ, ସଭାସମିତି, ରାଜନୀତି, ସଂଗଠନ,ଗବେଷଣା ଓ ପ୍ରତିଯୋଗିତା କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**ବିଛା**
ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିବାକୁ ଚେଷ୍ଟା କରିବା ଭଲ । ଆଲୋଚନା କାଳରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ । ବିଗତ ଦିନର କୌଣସି ଘଟଣା ସକାଶେ ଟେନ୍‌ସନ୍ ବଢ଼ିପାରେ। ମାଲିମକଦ୍ଦମା, ଜମିଜମା, ନିର୍ମାଣ, ମାଙ୍ଗଳିକ କାମ ପ୍ରଭୃତି କ୍ଷେତ୍ରରେ ସୁଫଳ ପାଇବେ।

**ଧନୁ**
ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ଦୂରେଇଯିବ । ପାରିପାର୍ଶ୍ୱିକ ପରିସ୍ଥିତି ଭଲ ନ ଥିଲେ ମଧ୍ୟ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର**
ନିକଟ ସମ୍ପର୍କୀୟଙ୍କ ସହ ସୁସମ୍ପର୍କକୁ କେନ୍ଦ୍ର କରି ସମସ୍ୟା ଦେଖାଦେବ। ପାରିବାରିକ କ୍ଷେତ୍ରରେ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିଯାଇପାରେ। କାଳେ ଦେବାକୁ ପଡ଼ିବ ଏହି କଥା ଚିନ୍ତା କରି ନିକଟ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ବନ୍ଧୁ ଗହଣରେ ପରିହାସ ଯୁକ୍ତ କଥା ସମସ୍ୟା ସୃଷ୍ଟି କରିପାରେ।

**କୁମ୍ଭ**
ଆଜି ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ । ବିବାଦୀୟ ପରିସ୍ଥିତିରେ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ଅନର୍ଥର କାରଣ ହୋଇପାରେ । ଦୂରଯାତ୍ରାରେ ଆଶା ପୂରଣ ହେବାର ସମ୍ଭାବନା ରହିଛି ।

**ମୀନ**
ଆଜି ବନ୍ଧୁଙ୍କ ଆଲୋଚନାନ୍ତେ ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବାକି ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ବାକ୍ ସଂଯମତା ଅଭାବରୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କାକୁ ଏଡ଼ାଇ ହେବ ନାହିଁ।

**୨ ଟ୍ରିଲିୟନ ଡଲାର ଛୁଇଁବ ଭାରତୀୟ ଖୁଚୁରା ଉଦ୍ୟୋଗ**

**ନୂଆଦିଲ୍ଲୀ:** କୋଭିଡ୍ ମହାମାରୀରୁ ବାହାରିବା ପରେ ଭାରତୀୟ ଖୁଚୁରା ଉଦ୍ୟୋଗ ପୁଣିଥରେ ଉନ୍ନତି କରୁଛି। ବିସିଜି-ଆର୍‌ଏଆଇ ରିପୋର୍ଟ ଅନୁସାରେ ବାର୍ଷିକ ୧୦% ବୃଦ୍ଧି ସହିତ ଆଗାମୀ ୧୦ ବର୍ଷ ଅର୍ଥାତ୍ ୨୦୩୨ ସୁଦ୍ଧା ଭାରତୀୟ ଖୁଚୁରା ଉଦ୍ୟୋଗ ୨ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ଅଗ୍ରଗତି କରିବ। ରିପୋର୍ଟ ଅନୁସାରେ ଖାଦ୍ୟ ଏବଂ ଗ୍ରୋସରି, ରେଷ୍ଟୁରାଣ୍ଟ ଏବଂ କ୍ୟୁକ୍ ସର୍ଭିସ୍ ରେଷ୍ଟୁରାଣ୍ଟ (କ୍ୟୁଏସ୍‌ଆର୍) ଭଳି କେତେକ ସେଗ୍‌ମେଣ୍ଟ କୋଭିଡ୍ ପୂର୍ବ ଅବସ୍ଥାକୁ ଫେରିପାରିଛନ୍ତି। ତେବେ ଗହଣା ଏବଂ ଆଭୂଷଣ, ପରିଧାନ ଏବଂ ଫୁଟ୍‌ୱେର ଭଳି ସେଗ୍‌ମେଣ୍ଟଗୁଡିକ କୋଭିଡ୍ ପୂର୍ବ ସ୍ଥିତିକୁ ଫେରିବା ସ୍ଥିତିରେ ରହିଛନ୍ତି।

# ଶିଶୁ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆଗ୍ରହ ନାହିଁ

ଓଲିଉଡ୍‌ରେ ଶିଶୁ ଚଳଚ୍ଚିତ୍ର ନିର୍ମାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ଶିଶୁଙ୍କୁ ନେଇ ଏବେ କୌଣସି ଚଳଚ୍ଚିତ୍ର ପ୍ରାୟତଃ ଦେଖିବାକୁ ମିଳୁନାହିଁ। ୨୦୦୭ ମସିହା ପରଠାରୁ ଏ କ୍ଷେତ୍ରରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଯେଉଁ କେତୋଟି ଚଳଚ୍ଚିତ୍ର ପୂର୍ବରୁ ପରଦାକୁ ଆସିଥିଲା, ସେଗୁଡ଼ିକ ବର୍ତ୍ତମାନ ଦର୍ଶକଙ୍କ ମାନସପଟରୁ ଲିଭିବାକୁ ବସିଲାଣି। ସାମ୍ପ୍ରତିକ ପରିସ୍ଥିତିରେ ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାର, ସେମାନଙ୍କ ଦୁଃଖଦୁର୍ଦ୍ଦଶା, ଶିକ୍ଷା, ମନୋରଞ୍ଜନ ଏବଂ ସଫଳତା ସହ ଅନେକ ବାସ୍ତବ ତଥା ଅକୁହା କଥାକୁ ଚଳଚ୍ଚିତ୍ରର ରୂପ ଦିଆଯାଇପାରନ୍ତା। ପରିବାର ସହ ଶିଶୁମାନେ ଏଭଳି ଚଳଚ୍ଚିତ୍ର ଦେଖିବା ଦ୍ୱାରା ସେମାନଙ୍କ ମନରେ ଉନ୍ନତ ଭାବନା ସୃଷ୍ଟି ହୁଅନ୍ତା। ଏଥିସହ ଶିଶୁଟିଏ ପାଇଁ ଭଲ ସମାଜଟିଏ ଗଢ଼ି ଉଠନ୍ତା। ବ୍ୟବସାୟିକ ଦୃଷ୍ଟିରୁ ମଧ ଭଲ ପଦକ୍ଷେପ ହୋଇପାରନ୍ତା। କିନ୍ତୁ ଦୁଃଖର କଥା, ଶିଶୁ ଚଳଚ୍ଚିତ୍ର ପ୍ରତି ପ୍ରଯୋଜକ ମନ ବଳାଉ ନ ଥିବାବେଳେ ଚିତ୍ରନାଟ୍ୟ ଲେଖକ ତଥା ସମ୍ପୃକ୍ତ ଅନ୍ୟମାନଙ୍କର ମଧ ଆଗ୍ରହ ରହୁନାହିଁ।

-ରିପୋର୍ଟ- ଶର୍ମିଷ୍ଠା ପାଣିଗ୍ରାହୀ

## ଓଲିଉଡ୍‌ରେ ନିର୍ମିତ କେତେକ ଶିଶୁ ଚଳଚ୍ଚିତ୍ର







▸▸**ବାବୁଲା–** ୧୯୮୫ରେ ନିର୍ଦ୍ଦେଶକ ସାଧୁ ମେହେରଙ୍କ ଦ୍ୱାରା ଶିଶୁ କୈନ୍ଦ୍ରିକ ଓଡ଼ିଆ ଚଳଚ୍ଚିତ୍ର 'ବାବୁଲା' ନିର୍ମାଣ କରାଯାଇଥିଲା। ଏହା ହିନ୍ଦୀ ଓ କନ୍ନଡ଼ ଭାଷାରେ ପରଦାକୁ ଆସିବା ପରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା।

▸▸**ଲାବଣ୍ୟ ପ୍ରୀତି–** ୧୯୯୩ରେ ନିର୍ଦ୍ଦେଶକ ଅପୂର୍ବ କିଶୋର ବୀରଙ୍କ ଦ୍ୱାରା ଚଳଚ୍ଚିତ୍ର 'ଲାବଣ୍ୟ ପ୍ରୀତି' ନିର୍ମାଣ କରାଯାଇଥିଲା। ୧୯୯୪ରେ ଏହି ଚଳଚ୍ଚିତ୍ର ୪୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା। ସେହିପରି ଏହାର ଶିଶୁ ତାରକା ତାରାଶଙ୍କର ମିଶ୍ର ପ୍ରଥମ ଓଡ଼ିଆ ଶିଶୁ କଳାକାର ଭାବେ ଜାତୀୟ ଶିଶୁ କଳାକାର ପୁରସ୍କାର ପାଇଥିଲେ। ଏଥିସହ ଏହା ମଧ ଶ୍ରେଷ୍ଠ ଏସିଆନ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା।

▸▸**ଲକ୍ଷ୍ମୀର ଅଭିସାର–** ୧୯୯୮ରେ ରାଜୁ ମିଶ୍ରଙ୍କ ଦ୍ୱାରା ଏହା ଶିଶୁ କୈନ୍ଦ୍ରିକ ଏକ କ୍ଷୁଦ୍ର ପ୍ରବନ୍ଧ ଭିତ୍ତିକ ଚଳଚ୍ଚିତ୍ର।

▸▸**ଅ ଆ'କାରେ ଆ–** ନିର୍ଦ୍ଦେଶକ ସୁବାସ ଦାସଙ୍କ ଦ୍ୱାରା ୨୦୦୩ ମସିହାରେ ଏହା ନିର୍ମାଣ କରାଯାଇଥିଲା। ୨୦୦୪ରେ ରାଜ୍ୟ ପୁରସ୍କାର ଭାବେ ଶ୍ରେଷ୍ଠ ଚଳଚ୍ଚିତ୍ର, ଶ୍ରେଷ୍ଠ ନିର୍ଦ୍ଦେଶନା, ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଓ ଶ୍ରେଷ୍ଠ ଏଡିଟିଂ ସହ ୨୦୦୩ରେ ୧୩ତମ ଗୋଲ୍ଡେନ ଏଲିଫ୍ୟାଣ୍ଟ ଇଣ୍ଟରନ୍ୟାଶନାଲ ଶିଶୁ ଚଳଚ୍ଚିତ୍ର ପୁରସ୍କାର, ୯ମ ଜାମସେଦପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲା।

▸▸**ପୂଜା ପାଇଁ ଫୁଲଟିଏ–** ୨୦୦୭ରେ ଗଦାଧର ପୁଟିଙ୍କ ନିର୍ମିତ ପ୍ରବନ୍ଧ ଭିତ୍ତିକ ଶିଶୁ ଚଳଚ୍ଚିତ୍ର 'ପୂଜା ପାଇଁ ଫୁଲଟିଏ' ୫୪ତମ ଜାତୀୟ ପୁରସ୍କାର ପାଇଥିଲା। ଏଥିସହ ଶ୍ରେଷ୍ଠ ନିର୍ଦ୍ଦେଶନା, କାହାଣୀ, ସିନେମାଟୋଗ୍ରାଫି, ଶିଶୁ କଳାକାର ଓ ପ୍ରଚ୍ଛଦପଟ ଗାୟିକା ପାଇଁ ମଧ ପୁରସ୍କାର ପାଇଥିଲା। କେରଳର ଥ୍ରୀଶୁରରେ ଅନୁଷ୍ଠିତ ପଞ୍ଚମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମଧ ହାତେଇଥିଲା।




### ପ୍ରୋତ୍ସାହନ ଦେଉଛି ଭାରତୀୟ ଶିଶୁ ଚଳଚ୍ଚିତ୍ର ସୋସାଇଟି

ଭାରତୀୟ ଶିଶୁ ଚଳଚ୍ଚିତ୍ର ସୋସାଇଟି (ସିଏଫ୍‌ଏସ୍‌ଆଇ) ୧୯୫୫ରେ ଗଠିତ ହୋଇଥିଲା। ବିଭିନ୍ନ ଆଞ୍ଚଳିକ ଭାଷାରେ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଏହି ସଂସ୍ଥା ପ୍ରୋତ୍ସାହନ ଓ ଆର୍ଥିକ ସହାୟତା ଯୋଗାଇଥାଏ। ଶିଶୁଙ୍କୁ ନେଇ ଭଲ ବିଷୟବସ୍ତୁ ଉପରେ ଚଳଚ୍ଚିତ୍ର ନିର୍ମାଣକୁ ଏହି ସଂସ୍ଥା ଗୁରୁତ୍ୱ ଦେଇଥାଏ। ବିଭିନ୍ନ ଭାଷାରେ ପ୍ରବନ୍ଧଭିତ୍ତିକ, କ୍ଷୁଦ୍ର, ଆନିମେଶନ ଚଳଚ୍ଚିତ୍ର ପାଇଁ ଏହା ଉଦ୍ଦିଷ୍ଟ। ସୋସାଇଟି ପକ୍ଷରୁ ନିର୍ମାଣ ହୋଇଥିବା ଅନେକ ଚଳଚ୍ଚିତ୍ର ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ମଧ ହାସଲ କରିଛି। ଏହା ବାସ୍ତବଧର୍ମୀ ଓ ଉନ୍ନତ ଚିନ୍ତାଧାରାର ଚଳଚ୍ଚିତ୍ରରେ ବିଶ୍ୱାସ ରଖେ। ବିଭିନ୍ନ ଭାଷାରେ ହୋଇଥିବା ଶିଶୁ ଚଳଚ୍ଚିତ୍ର ଓ ଶିଶୁ ମହୋତ୍ସବ ଜନିତ ତଥ୍ୟ ଏଠାରେ ଉପଲବ୍ଧ। ଏହାସତ୍ତ୍ୱେ ଓଡ଼ିଶାର ପ୍ରଯୋଜକମାନେ ଶିଶୁ ଚଳଚ୍ଚିତ୍ର ନିର୍ମାଣ ଦିଗରେ ଆଗ୍ରହ ପ୍ରକାଶ ନ କରିବା ଓଲିଉଡ୍ ପାଇଁ ନିରାଶାଜନକ।

### ଚଳଚ୍ଚିତ୍ର ପୁରସ୍କାର ପାଇଁ ଶିଶୁ କଳାକାରଙ୍କୁ ସୁଯୋଗ ନାହିଁ

ଚଳଚ୍ଚିତ୍ର ପୁରସ୍କାର ଦୌଡ଼ରୁ ଶିଶୁ କଳାକାର ଏକ ପ୍ରକାର ବାଦ୍ ପଡିଛନ୍ତି। ୧୯୭୮ ମସିହାରେ ସୌମ୍ୟାତ୍ରୀ ପଟ୍ଟନାୟକଙ୍କୁ ଶିଶୁ କଳାକାର ଭାବେ ପ୍ରଥମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ପରେ ଶିଶୁ କୈନ୍ଦ୍ରିକ ଚଳଚ୍ଚିତ୍ର ଆଖିଦୃଶିଆ ହୋଇ ନ ଥିଲେ ମଧ ବିଭିନ୍ନ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଶିଶୁ କଳାକାରଙ୍କୁ ପୁରସ୍କୃତ କରାଯାଇଛି। ୨୦୧୬ରେ ଶେଷଥର ପାଇଁ ଏହି ପୁରସ୍କାର ଦିଆଯାଇଥିଲା। କିନ୍ତୁ ଚଳଚ୍ଚିତ୍ରରେ ଶିଶୁମାନଙ୍କୁ ପ୍ରାଧାନ୍ୟ ମିଳୁ ନ ଥିବାରୁ ଏହି ପୁରସ୍କାରର ଗୁରୁତ୍ୱ କମିବାରେ ଲାଗିଛି।

### ପାଠବହି ବାହାରେ ବି ଏକ ସୁନ୍ଦର ଦୁନିଆ ଅଛି



ସମୟ ସହ ପରିସ୍ଥିତି ଓ ଚିନ୍ତାଧାରାରେ ଅନେକ ପରିବର୍ତ୍ତନ ଆସିଛି। ଚଳଚ୍ଚିତ୍ରଟିଏ ଦେଖିଲେ କି ଗପବହି ପଢ଼ିଲେ, ପିଲାର ସମୟ ନଷ୍ଟ ହେଉଛି ବୋଲି ଆମେ ଭାବୁଛେ। ପିଲାଙ୍କୁ ଆମେମାନେ କେବେ କହିପାରିଲେ ନାହିଁ ଯେ, ସ୍କୁଲର ପାଠବହି ବାହାରେ ବି ଏକ ସୁନ୍ଦର ଦୁନିଆ ଅଛି। ତାକୁ ଦେଖିବା ଓ ବୁଝିବା ପାଇଁ ମନଟିଏ ଦରକାର। ଭଲ ଶିଶୁ ଚଳଚ୍ଚିତ୍ର ଆସିଲେ ଆପଣ କେବେ ପିଲାଙ୍କୁ କହିବେ କି ଦେଖିବା ପାଇଁ? ଆମ ଭଳି ଲୋକଙ୍କୁ ଯଦି ପ୍ରଯୋଜକ, ବିତରକ ଠିକ୍ ଅନୁଧ୍ୟାନ ନ କରିବେ, ତେବେ ଭଲ ଶିଶୁ ଚଳଚ୍ଚିତ୍ର ନିର୍ମାଣ ଏକପ୍ରକାର ସ୍ୱପ୍ନ।

- ସୁବାସ ଦାସ, ନିର୍ଦ୍ଦେଶକ

### ଆନ୍ତରିକତାର ଅଭାବ



ଶିଶୁ ଚଳଚ୍ଚିତ୍ର କହିଲେ କେବଳ ପିଲାଙ୍କ ମନୋରଞ୍ଜନକୁ ବୁଝାଏ ନାହିଁ। ସମାଜରେ ଶିଶୁମାନଙ୍କ ସହ ଘଟୁଥିବା ଅନେକ କିଛି ଗୁରୁତ୍ୱପୂର୍ଣ୍ଣ କଥାକୁ ଚଳଚ୍ଚିତ୍ର ମାଧ୍ୟମରେ ପ୍ରକାଶ କରିବାର ଏହା ଏକ ମାଧ୍ୟମ। ଶିଶୁ ଚଳଚ୍ଚିତ୍ର ନିର୍ମାଣ ଏତେ ସହଜ ନୁହେଁ। ଏଥିପାଇଁ ଆନ୍ତରିକତା ଆବଶ୍ୟକ, ଯାହା ବର୍ତ୍ତମାନର ଫିଲ୍ମ ନିର୍ମାତାଙ୍କ ପାଖେ ଅଭାବ ରହିଛି। ଶିଶୁଙ୍କ ଭାବନା, ସମାଜ ତଥା ପରିବାର ସହ ସେମାନଙ୍କ ସମ୍ପର୍କ, ସେମାନଙ୍କ ସହ ଘଟୁଥିବା ଘଟଣାବଳୀ, ସମସ୍ୟା ଆଦିକୁ ଚଳଚ୍ଚିତ୍ରର ରୂପ ଦିଆଯାଇପାରନ୍ତା। ଶିଶୁଙ୍କୁ ନେଇ ଚଳଚ୍ଚିତ୍ର କରିବାକୁ ହେଲେ ଦୃଢ଼ ମନୋବୃତ୍ତି ସହ ସେତିକି ଆତ୍ମବିଶ୍ୱାସୀ ହେବାକୁ ପଡ଼ିବ।

- ଅପୂର୍ବ କିଶୋର ବୀର, ନିର୍ଦ୍ଦେଶକ

### ନିଜ ଟଙ୍କାରେ ବ୍ୟବସାୟକୁ ଦେଖି ସିନେମା ତିଆରି କରୁଛି



ରାଜ୍ୟ ସରକାର, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ (ଓଏଫ୍‌ଡିସି) କିମ୍ବା ଚଳଚ୍ଚିତ୍ର ସହ ସମ୍ପୃକ୍ତ କୌଣସି ବିଭାଗ ପକ୍ଷରୁ ଶିଶୁ ଚଳଚ୍ଚିତ୍ର ପାଇଁ କୌଣସି ପ୍ରୋତ୍ସାହନ ମିଳୁନାହିଁ। ଆଞ୍ଚଳିକ ଭାଷାରେ ଶିଶୁ ଚଳଚ୍ଚିତ୍ର ପାଇଁ ପ୍ରୋତ୍ସାହନ ଦେଉଥିବା ଭାରତୀୟ ଶିଶୁ ଚଳଚ୍ଚିତ୍ର ସୋସାଇଟି (ସିଏଫ୍‌ଏସ୍‌ଆଇ) ବିଷୟରେ ପ୍ରଚାର ପ୍ରସାର ମଧ ହେଉନାହିଁ। ନିଜ ଟଙ୍କାରେ ବ୍ୟବସାୟକୁ ଦେଖି ସିନେମା ତିଆରି କରୁଛି।

- ଲିଟୁ ମହାନ୍ତି, ପ୍ରଯୋଜକ

### ଶିଶୁଙ୍କ ପାଇଁ ଭଲ ଚଳଚ୍ଚିତ୍ର କରାଯାଇପାରନ୍ତା।



ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଆରେ ସାଧାରଣ ଚଳଚ୍ଚିତ୍ର ଭଲ ଚାଲୁନାହିଁ। ଶିଶୁ ଚଳଚ୍ଚିତ୍ର କଥା ଭାବିବ କିଏ? ଆଜିର ସମାଜକୁ ଲକ୍ଷ୍ୟ କଲେ ଶିଶୁଙ୍କ ପାଇଁ ଭଲ ଚଳଚ୍ଚିତ୍ର କରାଯାଇପାରନ୍ତା। ମୋର ଏକ ଉପନ୍ୟାସ 'କୁନି ଗୋଇନ୍ଦା'କୁ ନେଇ ଶିଶୁ ଚଳଚ୍ଚିତ୍ର କରିବାର ଥିଲା। ସେତେବେଳେ ପ୍ରଯୋଜକ ଅଭାବ ଓ ଶିଶୁ ଚଳଚ୍ଚିତ୍ରର ମାର୍କେଟିଂ ରିସ୍କ ନେବାକୁ କେହି ନ ଚାହିଁବାରୁ ଏହା ବନ୍ଦ ହୋଇଗଲା। କିନ୍ତୁ ଆଗାମୀ ଦିନରେ ଏକ ଭଲ ଶିଶୁ ଚଳଚ୍ଚିତ୍ର ଆଣିବାକୁ ମୋର ଲକ୍ଷ୍ୟ ରହିଛି।

- ରଜନୀ ରଞ୍ଜନ ଦାଶ, ଚିତ୍ରନାଟ୍ୟ ଲେଖକ

## କେନ୍ଦ୍ରୀୟ ଡେପୁଟେଶନରେ ଆଇପିଏସ୍ ଅଫିସର ଯତୀନ୍ଦ୍ର

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଓଡ଼ିଶା ପୋଲିସ ମୁଖ୍ୟାଳୟରେ ପ୍ରୋଭିଜନିଂ ଦାୟିତ୍ୱରେ ଥିବା ୨୦୦୦ ବ୍ୟାଚ୍‌ର ଆଇପିଏସ୍ ଅଫିସର ଯତୀନ୍ଦ୍ର କୋୟଲ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି। ଏନେଇ ଓଡ଼ିଶା ପୋଲିସ ମୁଖ୍ୟାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ପାଞ୍ଚବର୍ଷ ପର୍ଯ୍ୟନ୍ତ ସଶସ୍ତ୍ର ସୀମା ବଳ(ଏସ୍‌ଏସ୍‌ବି)ର ଆଇଜି ଭାବେ କାର୍ଯ୍ୟ କରିବେ। ତେବେ ସେ ଯିବା ପୂର୍ବରୁ ଆଇଜି (ଆଇନ ଶୃଙ୍ଖଳା) ଏସ୍. ପ୍ରବୀନ କୁମାରଙ୍କୁ ତାଙ୍କ ପ୍ରୋଭିଜନିଂ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

## ମାର୍ଲବା ଘାଟିରେ ଓଲଟିଲା ଭ୍ୟାନ୍: ୨୧ ଆହତ, ୭ ଗୁରୁତର

ପାରଳାଖେମୁଣ୍ଡି/ରାୟଗଡ଼(ଗଜପତି), ୨୭।୪(ଡି.ଏନ୍.ଏ.)

ଗଜପତି ଜିଲା ରାୟଗଡ ଥାନା ଅନ୍ତର୍ଗତ ମାର୍ଲବା ଘାଟିରେ ବୁଧବାର ଏକ ପିକ୍‌ଅପ୍ ଭ୍ୟାନ ଓଲଟି ପଡ଼ିଥିଲା। ଏଥିରେ ୨୧ ଜଣ ଆହତ ହୋଇଥିବା ବେଳେ ୭ଜଣଙ୍କ ଅବସ୍ଥା ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରି ରାୟଗଡ଼ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ଅଧିକ ଚିକିତ୍ସା ଲାଗି ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏମାନେ ସିନ୍ଦିବାରୁ କୁମୁଲିସିଂ ଗ୍ରାମକୁ ଏକ ବାହାଘରରେ ଯୋଗଦେବା ପାଇଁ ପିକ୍‌ଅପ୍ ଭ୍ୟାନରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡିଛି। ଉକ୍ତ ଗାଡ଼ିର ଡ୍ରାଇଭରଙ୍କୁ ରାୟଗଡ଼ ପୋଲିସ୍ ଅଟକ ରଖି ପଚରାଉଚରା କରିଛି। ବେପରୁଆ ଗାଡ଼ି ଚାଳନା ସାଙ୍ଗକୁ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ମାର୍ଲବା ଘାଟିରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି । ଉକ୍ତ ଘାଟିରେ ବୁଲାଣି ନିକଟରେ ଦୁର୍ଘଟଣା ଘଟୁଛି। ଜିଲା ପ୍ରଶାସନ ଓ ସଡକ ସୁରକ୍ଷା କମିଟିର ଅନୁଧ୍ୟାନ ପରେ ରାସ୍ତାରେ ରହିଥିବା ତ୍ରୁଟିକୁ ସୁଧାରିବା ପାଇଁ ଜାତୀୟ ରାଜପଥ ବିଭାଗ ମଧ ମରାମତି କରିଛି। ତଥାପି ପ୍ରତି ମାସରେ ଏକାଧିକ ଦୁର୍ଘଟଣା ହେଉଛି। ଅନ୍ୟପକ୍ଷରେ ଯେତେବେଳେ ବି ଦୁର୍ଘଟଣା ହୁଏ ମାମଲା ରୁଜୁ ହୋଇ ପୋଲିସ ଓ ପରିବହନ ବିଭାଗ ତଦନ୍ତ କରେ। କିନ୍ତୁ ଦୁର୍ଘଟଣା ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।

**URGENT REQUIRED**

Urgently needed reputed Govt approved security agency for providing security to a closed steel plant undergoing CIRP on 80 acres industrial plot located in Angul District (Odisha).

Interested security agencies may contact: Dinesh Sood, Resolution Professional at dk.sood@yahoo.com, Mobile: 9650485731

# କପି ଧରାପଡ଼ିବାରୁ ଜୀବନ ହାରିଲେ ଛାତ୍ର

■ ହଷ୍ଟେଲରୁ ମିଳିଲା ମୃତଦେହ
■ କଲେଜ ମୁଖ୍ୟ ଗେଟ୍ ଆଗରେ ଛାତ୍ରୀଛାତ୍ରଙ୍କ ଉତ୍ତେଜନା

ଜଟଣୀ,୨୭।୪(ଡି.ଏନ୍.ଏ.)

ରାଜ୍ୟରେ ଗତ କିଛିମାସ ମଧରେ କେତେକ କଲେଜ ପରିସରରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଘଟଣା ନଜରକୁ ଆସିଛି। ଏହା ଉଭୟ କଲେଜ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଗତ ମାସ ୧୪ତାରିଖରେ ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ନାଇଜର କଲେଜ ହଷ୍ଟେଲରୁ ଜଣେ ଛାତ୍ରୀ ଡେଇଁ ଆତ୍ମହତ୍ୟା କରିବା ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ବୁଧବାର ପରୀକ୍ଷାରେ କପି କରି ଧରାପଡ଼ିଯିବାରୁ ଜଣେ ଛାତ୍ର ଜୀବନ ହାରିଛନ୍ତି। ଏହି ଦୁଃଖଦ ଘଟଣା ଜଟଣୀରେ ଥିବା ସେଞ୍ଚୁରିଆନ ୟୁନିଭରସିଟିରେ ଘଟିଛି। ମୃତ ଛାତ୍ର ହେଲେ ବିଏସ୍‌ସି ରେଡିଓଲୋଜି ବିଭାଗର ଦ୍ୱିତୀୟ ବର୍ଷରେ ପଢୁଥିବା ଯାଜପୁର ଅଞ୍ଚଳର ବିଷ୍ଣୁ ଭରଦ୍ୱାଜ। ଏହି ଘଟଣାକୁ ପ୍ରତିବାଦ କରି ଛାତ୍ରୀଛାତ୍ରମାନଙ୍କ ମଧରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପୋଲିସ ଅଧିକାରୀମାନେ ଆସି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ ବୁଝାଉଛନ୍ତି। (ଇନ୍‌ସେଟ୍‌ରେ ମୃତ ଛାତ୍ର ବିଷ୍ଣୁ)

ଏ ନେଇ ଜଟଣୀ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୧୨/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ୟୁନିଭରସିଟିରେ ବୁଧବାର ପୂର୍ବାହ୍ନରେ ସମସ୍ତ ବିଭାଗର ସେମିଷ୍ଟର ପରୀକ୍ଷା ଚାଲୁଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ର ବିଷ୍ଣୁ ମଧ ପରୀକ୍ଷା ଦେଉଥିଲେ। କିନ୍ତୁ ସେ କପି କରୁଥିବାବେଳେ ପରୀକ୍ଷା ନିରୀକ୍ଷକଙ୍କ ଦ୍ୱାରା ଧରାପଡ଼ିଯାଇ ଏମ୍‌ପି(ମାଲ୍ ପ୍ରାକ୍ଟିସ୍) ହୋଇଥିଲେ। ଏହାପରେ ବିଷ୍ଣୁ ହଷ୍ଟେଲକୁ ଚାଲିଯାଇଥିଲେ। ପରେ ସାଙ୍ଗମାନେ ତାଙ୍କୁ ଡାକିଥିଲେ ମଧ ସେ କବାଟ ଖୋଲି ନ ଥିଲେ। ଫଳରେ ସନ୍ଦେହ କରି କବାଟ ଭାଙ୍ଗିବା ପରେ ବିଷ୍ଣୁ ପଙ୍ଖାରେ ଝୁଲୁଥିବା ଦେଖିଥିଲେ। ଘଟଣା ସମ୍ପର୍କରେ ପୋଲିସ ଓ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ବିଷ୍ଣୁଙ୍କୁ ଓହ୍ଲାଇ ପ୍ରଥମେ ସ୍ଥାନୀୟ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଘଟଣା ବିଷୟରେ ଜାଣି ଛାତ୍ରୀଛାତ୍ରମାନେ ଏହାର ପ୍ରତିବାଦ କରିବା ସହ ବିଭିନ୍ନ ଦାବି ନେଇ କଲେଜର ମୁଖ୍ୟଫାଟକ ଆଗରେ ହୋହଲ୍ଲା କରିଥିଲେ। ଖବରପାଇ କମିଶନରେଟ ପୋଲିସ ଜୋନ୍-୩ ଏସିପି ରଜତ ରାଏ, ଜଟଣୀ ଥାନାଧିକାରୀ ଦୟାନିଧି ନାୟକ, ତମାଣ୍ଡୋ ଥାନାଧିକାରୀ, ଇଣ୍ଫୋଭ୍ୟାଲି ଥାନାଧିକାରୀଙ୍କ ସହିତ ଫୋର୍ସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum**
Tender Notice No. TPWODL/PM/O/SU/011 Date : 13.04.2022
The last date of Tender Fee Submission has been extended upto **29th April 2022, 17:00 Hrs**, all other terms and conditions remain unchanged.
Sd /- Chief-Contracts and Stores

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ-(୦୬୭୪)୨୩୯୩୫୨୪
ଇପିବିଏକ୍ସ (୦୬୭୪) ୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବସାଇଟ୍: www.oshb.org
ପତ୍ର ସଂଖ୍ୟା: ୧୨୭ ତା.୨୨.୪.୨୨
**ବିଜ୍ଞାପନ**
**No.CAD-324:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ଗୃହ ନଂ.ଏଫ.ଆର-୯୬/୧୨ (FR-96/12) ଚନ୍ଦ୍ରଶେଖରପୁର, ୨ୟ ପର୍ଯ୍ୟାୟରୁ ୫ମ ପର୍ଯ୍ୟାୟ ଗୃହନିର୍ମାଣ ପ୍ରକଳ୍ପ, ଭୁବନେଶ୍ୱରରେ ଶ୍ରୀ ଶ୍ରୀରାମ ଚନ୍ଦ୍ର ସାହୁ, ପିତା-୰ବାସୁଦେବ ସାହୁ, ସା/ପୋ-ଆଶ୍ରମ ପାଟଣା, ଥାନା/ଜିଲ୍ଲା-ଜଗତ୍‌ସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ଶ୍ରୀରାମ ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଭିକାରୀ ଚରଣ ବେହେରା, ପିତା-୰ଜଗନ୍ନାଥ ବେହେରା, ସା/ପୋ-ଦେଉଳୀ, ଥାନା-ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା/-ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0071/2223

# ହାତୀ ଆକ୍ରମଣରେ କେନ୍ଦୁପତ୍ର ତୋଳାଳି ମୃତ

ବନ୍ତଳା,୨୭।୪(ଡି.ଏନ.ଏ.)

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ଡିମିରିଖୁଲା ଜଙ୍ଗଲରେ ବୁଧବାର କେନ୍ଦୁପତ୍ର ତୋଳୁଥିବା ବଡ଼କଣ୍ଟକୁଳ ପଞ୍ଚାୟତ କଞ୍ଚା ଗ୍ରାମର ବୃଦ୍ଧା ଝୁନ୍ତୁରୀ ମହାରଣା(୬୬)ଙ୍କ ଜୀବନ ନେଇଛି ଦନ୍ତା ହାତୀ। ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଓ ବନ୍ତଳା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଗ୍ରାମବାସୀ କହିଛନ୍ତି, ଝୁନ୍ତୁରୀ ସକାଳ ପ୍ରାୟ ୮ଟାରେ ଡିମିରିଖୁଲା ଜଙ୍ଗଲରେ କେନ୍ଦୁପତ୍ର ତୋଳୁଥିବାବେଳେ ଏକ ଦନ୍ତାହାତୀ ହାବୁଡ଼ରେ ପଡିଥିଲେ। ହାତୀଟି ଝୁନ୍ତୁରୀଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମଧ୍ୟାହ୍ନ ପର୍ଯ୍ୟନ୍ତ ଝୁନ୍ତୁରୀ ଘରକୁ ନ ଫେରିବାରୁ ତାଙ୍କ ଝିଅ ଖୋଜିବାକୁ ଜଙ୍ଗଲକୁ ଯାଇଥିବାବେଳେ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗକୁ ଖବର ଦେବା ପରେ କର୍ମଚାରୀ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଝୁନ୍ତୁରୀ ଓ ତାଙ୍କ ପୁଅ କେନ୍ଦୁପତ୍ର ତୋଳାଳି ଶ୍ରମିକ ହୋଇଥିଲେ ହେଁ ଘଟଣାସ୍ଥଳକୁ କେନ୍ଦୁପତ୍ର ରେଞ୍ଜ ଅଧିକାରୀ ନ ଆସିବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ ଜଣଙ୍କୁ ୱାଚର ନିଯୁକ୍ତି ଏବଂ ଗ୍ରାମର ସୁରକ୍ଷା ନିମନ୍ତେ ଅଧିକ ୬ ୱାଚର ଦିଆଯିବା ଦାବି କରି ଗ୍ରାମବାସୀ ମୃତଦେହ ଛାଡ଼ି ନ ଥିଲେ। ଏପରି କି ବନ ବିଭାଗ ଜରିଆରେ କେନ୍ଦୁପତ୍ର ରେଞ୍ଜ ପକ୍ଷରୁ ପ୍ରଦାନ କରାଯାଇଥିବା ୫ ହଜାର ଟଙ୍କା ମଧ ଗ୍ରାମବାସୀ ନେଇ ନ ଥିଲେ। ତେବେ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ ଓ ଅନ୍ୟ ଦାବି ପୂରଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ରେଞ୍ଜର ମାଧବ ନାୟକ ପ୍ରକାଶ କରିଛନ୍ତି।

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha
**NOTICE INVITING TENDER**
TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Estimated Cost (Rs.Cr.) | Tender Fee Incl. of GST(Rs.)* | EMD (Rs. Lakh)** | Last date for Payment of Tender Fee |
|---|---|---|---|---|---|---|
| 1 | Electrification of UEHHs in OFF-GRID mode by solar standalone system under BGJY scheme | TPCODL/P&S/ 1000000201/22-23 | 1.60 | 5,000 | - | 07.05.2022, 17:00Hrs |
| 2 | Supply of 75 Laptops at TPCODL | TPCODL/P&S/ 1000000199/22-23 | - | 5,000 | 0.50 | 09.05.2022 17:00Hrs. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For further details of Tenders, please visit "Tender" section on TPCODL website https://tpcentralodisha.com.
Future communication/corrigendum to tender documents, if any, shall be available on website.

> ସବୁବେଳେ ପ୍ରକୃତ ଅସୁବିଧା ରହିଛି ଆମ ଭିତରେ– ଆମ ପରିପାର୍ଶ୍ୱରେ ନୁହେଁ। ଅସୁବିଧାଗୁଡ଼ିକ ଉପରେ ବିଜୟ ଲାଗି ତୁମର ତିନୋଟି କଥା ଆବଶ୍ୟକ। ଏକରେ ସଂକଳ୍ପ– ତା'ପରେ ନିର୍ଲିପ୍ତତା ଓ ଶେଷରେ ବିଶ୍ୱାସ। **–ଶ୍ରୀଅରବିନ୍ଦ**



# କ୍ୱାଡ୍‌ର ଲକ୍ଷ୍ୟ



ବ୍ରହ୍ମ ଚେଲାନି

ପ୍ରଥମେ ଯେତେବେଳେ ଇଣ୍ଡୋ ପାସିଫିକ୍ (ଭାରତ–ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର)ର ୪ ଆଗୁଆ ଗଣତାନ୍ତ୍ରିକ ଦେଶଗୁଡ଼ିକର ଏକ ରଣନୀତିକ ମେଣ୍ଟ ଭାବେ କ୍ୱାଡ୍ ପରିକଳ୍ପନା କରାଯାଇଥିଲା ସେତେବେଳେ ଏହାର ଅଧିକ ପରିଣାମକୁ ନେଇ ଅନେକେ ସନ୍ଦେହରେ ଥିଲେ। ଚାଇନା ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏହାକୁ ଉପହାସ କରି କହିଥିଲେ, ଏହା ଗଣମାଧ୍ୟମରେ ଏକ ଦୃଷ୍ଟି ଆକର୍ଷଣକାରୀ ବିଷୟ ଏବଂ ଫେଣ ଭଳି ପ୍ରଶାନ୍ତ ଓ ଭାରତ ମହାସାଗରରେ ଧୀରେ ଧୀରେ ମିଳେଇଯିବ । କିନ୍ତୁ ଲାଗି ରହିଥିବା ଚାଇନାର ବିସ୍ତାରବାଦ ମନୋଭାବକୁ ବିଶ୍ୱ ସ୍ତରରେ କଡ଼ା ବିରୋଧ କରିବାକୁ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଆବେ ସିଞ୍ଜୋଙ୍କ ପ୍ରତିବଦ୍ଧତା ଅଧିକ ସଂଯୁକ୍ତ ବା ସମ୍ମିଳିତ ଗୋଷ୍ଠୀ ସୃଷ୍ଟି କରିଛି। ୨୦୧୬ରେ ଜାପାନ ଦ୍ୱାରା ଏକ ସ୍ୱତନ୍ତ୍ର ଓ ମୁକ୍ତ ଇଣ୍ଡୋ ପାସିଫିକ୍‌ର ପରିକଳ୍ପନା କରାଯାଇଥିଲା ଓ ୨୦୧୭ରେ ଆମେରିକା ଏହାକୁ ସ୍ୱୀକାର କରିଥିଲା। ଏଥିରୁ ଗୋଟିଏ କଥା ନିଶ୍ଚିତ ଯେ, ସଦସ୍ୟ ରାଷ୍ଟ୍ର ଭାବେ ଅଷ୍ଟ୍ରେଲିଆ, ଭାରତ, ଜାପାନ ଏବଂ ଆମେରିକା କ୍ୱାଡ୍‌ର ବାସ୍ତବ ଉଦ୍ଦେଶ୍ୟକୁ ଭଲ ଭାବେ ଅନୁଭବ କରିବା ଦରକାର। ପ୍ରଥମେ କ୍ୱାଡ୍ ମଜଭୁତ ହେବାକୁ କିଛି ସମୟ ଲାଗିଥିଲା ଓ ସେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନରେ ଏହାକୁ ପୁନର୍ଜୀବନ ପ୍ରଦାନ କରିଥିଲା। କିନ୍ତୁ ଜୋ ବାଇଡେନ ଆମେରିକାର ରାଷ୍ଟ୍ରପତି ହେବା ପରେ କ୍ୱାଡ୍ ନେତାମାନଙ୍କ ସମ୍ମିଳନୀ ଆରମ୍ଭ ହେଲା। ଏବେ ଏହା ଗତିଶୀଳ ହୋଇଛି। ଗତବର୍ଷ ଏହାର ସଦସ୍ୟମାନେ ତିନୋଟି(ଦୁଇଟି ଭର୍ଚୁଆଲ) ସମ୍ମିଳନୀ କରିଥିଲେ ଏବଂ ଚଳିତ ବର୍ଷ ମେ ୨୪ରେ ଟୋକିଓରେ ସେମାନେ ମିଳିତ ହେବାର ସ୍ଥିର କରାଯାଇଛି।

କ୍ୱାଡ୍‌କୁ ଅନେକ ପଥ ଯିବାକୁ ରହିଛି। ଇଣ୍ଡୋ ପାସିଫିକ୍‌ରେ ଶାନ୍ତି ଓ ସୁରକ୍ଷା ଭଙ୍ଗ କରୁଥିବା ଚାଇନାକୁ ରୋକିବା ହେଉଛି କ୍ୱାଡ୍ ରାଷ୍ଟ୍ର ସମୂହର ରଣନୈତିକ ସିଦ୍ଧାନ୍ତର ଲକ୍ଷ୍ୟ । ହେଲେ ଏହାର ସଦସ୍ୟମାନେ ଯେଉଁସବୁ ପଦକ୍ଷେପ ନେଉଛନ୍ତି,ତାହା କ୍ୱାଡ୍ ରଣନୈତିକ ସିଦ୍ଧାନ୍ତକୁ ଦୁର୍ବଳ କରୁଛି। ମୁଖ୍ୟ ସମସ୍ୟା ହେଉଛି, ୪ଟିଯାକ ଦେଶ ଆର୍ଥିକ ଦୃଷ୍ଟିକୋଣରୁ ଚାଇନା ପ୍ରତି ଆକର୍ଷିତ ହୋଇଛନ୍ତି। ଗତବର୍ଷ ଚାଇନାର ଟ୍ରେଡ ସରପ୍ଲସ ବା ବାଣିଜ୍ୟ ବଳକା ୬୭୬.୪ ବିଲିୟନ ଡଲାରରେ ପହଞ୍ଚିଥିଲା, ତାହା ଏବେ ତା'ର ଅର୍ଥ ବ୍ୟବସ୍ଥାର ମୁଖ୍ୟ ସଞ୍ଚାଳକ ପାଲଟିଛି। ଏହା ବିନା ଚାଇନାର ଅଭିବୃଦ୍ଧି ଅଟକିଯିବ। ବିଶେଷକରି ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଘରୋଇ କମ୍ପାନୀଗୁଡ଼ିକ ଉପରେ ତାଙ୍କ ନିୟନ୍ତ୍ରଣ ମଜଭୁତ କରିବା ଯୋଗୁ ଏହା ଘଟିବ। ଏହା ମଧ୍ୟ ମିଲିଟାରିରେ ନିବେଶ କରିବା ଲାଗି ଚାଇନାର କ୍ଷମତାକୁ ସୀମିତ କରିବ ଏବଂ ଇଣ୍ଡୋ ପାସିଫିକ୍ ଓ ଏହା ପରେ ବି ଏହାର ଆକ୍ରମଣାତ୍ମକ ଯୁଦ୍ଧାଭ୍ୟାସରେ ପୁଞ୍ଜି ଯୋଗାଇବାରେ ବାଧା ଉପୁଜାଇବ। କିନ୍ତୁ କ୍ୱାଡ୍ ଦେଶଗୁଡ଼ିକ ଚାଇନା ସହ ବାଣିଜ୍ୟିକ ସମ୍ପର୍କ ରଖିବା ଦ୍ୱାରା ଚାଇନା ଲାଭାନ୍ୱିତ ହୋଇ ସବୁ କାର୍ଯ୍ୟ ଚଳାଉଛି। ଏଯାବତ୍ ଚାଇନାର ବାଣିଜ୍ୟିକ ବୃଦ୍ଧିରେ ଆମେରିକା ଓ ଭାରତ ପ୍ରମୁଖ ଯୋଗଦାନ ରହିଛି। ଏଥିରେ ଆମେରିକା ସବୁଠୁ ଆଗରେ । ଚାଇନା ସହ ଏହାର ଟ୍ରେଡ୍ ଡେଫିସିଟ ବା ବାଣିଜ୍ୟ ନିଅଣ୍ଟ ୨୦୨୧ରେ ୨୫%ରୁ ଅଧିକ ବୃଦ୍ଧି ପାଇ ୩୯୬.୬ ବିଲିୟନ ଡଲାରରେ ପହଞ୍ଚିଥିଲା ଏବଂ ଚାଇନା ବାଣିଜ୍ୟ ବଳକାର ୫୮%ରୁ ଅଧିକ ଏହା ଯୋଗୁ ହୋଇଛି। ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ଚଳିତ ମାର୍ଚ୍ଚ ସହିତ ୧୨ ମାସରେ ୭୭ ବିଲିୟନ ଡଲାରରେ ପହଞ୍ଚିଛି ଓ ଏହା ଦେଶର ପ୍ରତିରକ୍ଷା ବଜେଟକୁ ବଳିଯାଇଛି।



ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ସମାନ ଭାବେ ଚାଇନା ବାଣିଜ୍ୟ ଉପରେ ଅତ୍ୟଧିକ ନିର୍ଭରଶୀଳ। ଅଷ୍ଟ୍ରେଲିଆର ଅନ୍ତର୍ଜାତୀୟ ବାଣିଜ୍ୟର ଏକ ତୃତୀୟାଂଶ ଚାଇନାର। ଏହା ମଧ୍ୟ ଜାପାନ ରପ୍ତାନି ମାର୍କେଟର ସବୁଠୁ ବଡ଼ ଅଂଶ। ଉଭୟ ଦେଶ ଚାଇନା ନେତୃତ୍ୱରେ ଗଠିତ ରିଜିଅନାଲ କମ୍ପ୍ରେହେନ୍‌ସିଭ ଇକୋନୋମିକ ପାର୍ଟନରଶିପ୍‌ର ସଦସ୍ୟ ରହିଛନ୍ତି। ଚାଇନାର ଆର୍ଥିକ ଏବଂ ଭୂ ରାଜନୈତିକ କ୍ଷମତାକୁ ସହଯୋଗ କରିବା ଜାରି ରଖିବା ବଦଳରେ କ୍ୱାଡ ଦେଶଗୁଡ଼ିକ ସେମାନଙ୍କ ମଧ୍ୟରେ ବାଣିଜ୍ୟ ବୃଦ୍ଧି କରିବା ସହ ଆର୍ଥିକ ସହଯୋଗ ବଢାଇବା ଉଚିତ। ଏହା କ୍ୱାଡର ମୁଖ୍ୟ ଲକ୍ଷ୍ୟ ଓ ପ୍ରସଙ୍ଗ ହେବା ଦରକାର। ଦୁର୍ଭାଗ୍ୟବଶତଃ, ଭିଡିଓଭୂମି ଠାରୁ ଆରମ୍ଭ କରି ଡିଜିଟାଲ ଅର୍ଥ ବ୍ୟବସ୍ଥା ଆଦି ସବୁ କ୍ଷେତ୍ରରେ ଯଦିଓ ବାଇଡେନ୍ ଏକ ଇଣ୍ଡୋ ପାସିଫିକ୍ ଆର୍ଥିକ ଢାଞ୍ଚା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ତଥାପି ଆଞ୍ଚଳିକ ଭିତ୍ତିରେ ଅଧିକ ସଂସାଧନ ଯୋଗାଇବା ଏବଂ ଆଞ୍ଚଳିକ ଅଂଶୀଦାରମାନଙ୍କୁ ଆମେରିକା ମାର୍କେଟ ଉପଲବ୍ଧ କରାଇବାର ସୁଯୋଗ ଦେବାରେ ବାଇଡେନ୍ ପ୍ରଶାସନର ଅନିଚ୍ଛା କ୍ୱାଡର ପଦକ୍ଷେପଗୁଡ଼ିକୁ ଅତ୍ୟଧିକ ସଙ୍କୁଚିତ କରୁଛି। ତେବେ ବାଇଡେନ୍ ବିଭିନ୍ନ ବିଷୟକୁ ନେଇ ଏକ ବ୍ୟୟବହୁଳ କ୍ୱାଡ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି, ଯାହାର ଜଳବାୟୁ ପରିବର୍ତ୍ତନ ଏବଂ କୋଭିଡ୍–୧୯ ଟିକା ଯୋଗାଣରୁ ଯୋଗାଣ ଶୃଙ୍ଖଳ ଭଳି କ୍ୱାଡ୍ ଗୋଷ୍ଠୀର ମୁଖ୍ୟ ଲକ୍ଷ୍ୟଗୁଡ଼ିକ ସହ କୌଣସି ସମ୍ପର୍କ ନାହିଁ। ପୁନଶ୍ଚ ଆମେରିକାର ରୁଷିଆ ସହ ଚାଲିଥିବା ଛାୟା ଯୁଦ୍ଧ କ୍ୱାଡ୍ ରଣନୈତିକ ଦୃଶ୍ୟପଟକୁ ଗୋଳମାଳିଆ କରିଛି। ତେବେ ଏସିଆ ଓ ଇଣ୍ଡୋ ପାସିଫିକ୍‌ରେ ଆମେରିକାର ରଣନୀତିକ ଧ୍ୟାନ କେନ୍ଦ୍ରିତ କରିବାରେ ବାଇଡେନ ହେଉଛନ୍ତି ଆମେରିକାର ତୃତୀୟ ରାଷ୍ଟ୍ରପତି। କିନ୍ତୁ ୟୁକ୍ରେନ୍ ଯୁଦ୍ଧ ଯାହା ଶୀଘ୍ର ଶେଷ ହୋଇଯିବ ବୋଲି ସେ ବିଶ୍ୱାସ କରୁଛନ୍ତି ତାହା ଦୀର୍ଘ ଦିନ ଧରି ଚାଲିପାରେ। ଏହା ତାଙ୍କ ଯୋଗୁ ବି ହୋଇପାରେ। ଏହି ଯୁଦ୍ଧ ଚାଇନା ପ୍ରତି ଅଧିକ ବୁଝାମଣାକାରୀ ପଦକ୍ଷେପ ନେବାକୁ ପ୍ରେରିତ କରିପାରେ। ଏପରିକି ରୁଷିଆ ୟୁକ୍ରେନ୍ ଆକ୍ରମଣ କରିବା ପୂର୍ବରୁ ବାଇଡେନ୍ ଚାଇନା ପ୍ରତି କୋହଳ ଭାବ ପୋଷଣ କରିଛନ୍ତି। ଜିନ୍‌ପିଙ୍ଗ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଆର୍ଥିକ ଜୀବନ ଦାନ ଦେଇ ପାଶ୍ଚାତ୍ୟ କଟକଣାର ପ୍ରଭାବକୁ ହ୍ରାସ ନ କରିବା ଲାଗି ନିଶ୍ଚିତ କରିବାକୁ ବାଇଡେନ୍ ଚେଷ୍ଟା କରୁଥିବାରୁ , ସେ ଚାଇନା ସହ ଅଧିକ ତୁଷ୍ଟୀକରଣ ପଦକ୍ଷେପ ନେବାର ସମ୍ଭାବନା ରହିଛି। ଟ୍ରମ୍ପଙ୍କ ସମୟରେ ଚାଇନାରୁ ଆମଦାନୀ ହେଉଥିବା ୩୫୨ଟି ଉତ୍ପାଦ ଉପରେ ରହିଥିବା ଟାରିଫ୍‌କୁ ଛାଡ କରି ପୂର୍ବ ସ୍ଥିତିକୁ ଆମେରିକା ବାଣିଜ୍ୟ ପ୍ରତିନିଧିମାନେ ଆଣି ସାରିଲେଣି। ଏବେ ହ୍ୱାଇଟ୍ ହାଉସ୍ ଚାଇନାରୁ ଆମଦାନୀ ହେଉଥିବା ଅଣରଣନୈତିକ ଦ୍ରବ୍ୟଗୁଡ଼ିକରୁ ଟାରିଫକୁ ବ୍ୟାପକ ହ୍ରାସ କରିବାକୁ ବିଚାର କରୁଛି।

ନେତାମାନଙ୍କୁ ନେଇ କ୍ୱାଡ୍ ଯେତେ ଇଚ୍ଛା ସେତେ ସମ୍ମିଳନୀ ଆୟୋଜନ କରିପାରେ, କିନ୍ତୁ ସ୍ପଷ୍ଟ ରଣନୀତିକ ଲକ୍ଷ୍ୟ ବା ଦୃଷ୍ଟିକୋଣ ଏବଂ ଏକ ସହମତିଭିତ୍ତିକ କାର୍ଯ୍ୟକ୍ରମ ବିନା ଏହାର ପ୍ରଭାବ କମ୍ ରହିବ । ଚାଇନାର ବିସ୍ତାରବାଦ ବିରୋଧରେ ଏକ ପ୍ରତିରୋଧୀ ପାଚେରି ଭାବେ ଦଣ୍ଡାୟମାନ ହେବା କ୍ୱାଡ୍ ଗୋଷ୍ଠୀର ଲକ୍ଷ୍ୟ ହେବା ଉଚିତ। ଏହାସହ ଇଣ୍ଡୋ ପାସିଫିକରେ କ୍ଷମତାର ଏକ ସ୍ଥାୟୀ ସମନ୍ୱୟ ସୁନିଶ୍ଚିତ କରିବାକୁ ପଡ଼ିବ। ମେ ୨୪ରେ ହେବାକୁ ଯାଉଥିବା ସମ୍ମିଳନୀରେ ଅନ୍ୟସବୁ ପ୍ରସଙ୍ଗକୁ ପଛକୁ କରି ଏହି ଲକ୍ଷ୍ୟ ଉପରେ ଅଧିକ ଧ୍ୟାନ ଦେବା ଉଚିତ।

**ପ୍ରଫେସର ଅଫ୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**
**ଫେଲୋ, ରବର୍ଟ ବୋକ୍ ଏକାଡେମୀ, ବର୍ଲିନ**

# ଜୀବନଶୈଳୀ ରୋଗ



ଡା. ପ୍ରଫୁଲ୍ଲ କୁମାର ଦାସ

ଗତ ୧୦–୧୫ ବର୍ଷ ମଧ୍ୟରେ ଭାରତରେ ରୋଗୀ ବୋଝ ଏବେ ସଂକ୍ରାମକ ରୋଗଠାରୁ ଅଣସଂକ୍ରାମକ ରୋଗ ଆଡ଼କୁ ଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ଦେଶରେ ୬ କୋଟିରୁ ଊର୍ଦ୍ଧ୍ୱ ଜନତା ମଧୁମେହରେ ଆକ୍ରାନ୍ତ। ବିଜ୍ଞାନ ପତ୍ରିକା 'ଦି ଲାନ୍‌ସେଟର' ରିପୋର୍ଟ ଅନୁଯାୟୀ ୧୯୮୦ରୁ ୨୦୧୪ ମଧ୍ୟରେ ଭାରତରେ ପୁରୁଷଙ୍କଠାରେ ମଧୁମେହ ୩.୭%ରୁ ୯.୧%କୁ ବୃଦ୍ଧି ପାଇଛି। ସେହିପରି ମହିଳାଙ୍କଠାରେ ମଧୁମେହ ୪.୬%ରୁ ୮.୩%କୁ ବୃଦ୍ଧି ପାଇଛି। ବିଶେଷଜ୍ଞମାନଙ୍କ ମତ, ଭାରତରେ ମଧୁମେହୀଙ୍କ ସଂଖ୍ୟା ଆସନ୍ତା ୨ ଦଶକ ମଧ୍ୟରେ ୧୨ କୋଟିକୁ ଛୁଇଁବ। ମଧୁମେହ ଓ ତଜ୍ଜନିତ ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ଗବେଷଣା କରୁଥିବା ସଂସ୍ଥା ପାର୍ଟନରଶିପ ଟୁ ଫାଇଟ୍ କ୍ରୋନିକ ଡିଜିଜ୍ ବା ପିଏଫ୍‌ସିଡିର ଅଧ୍ୟକ୍ଷ ଡ. କେନେଥ୍ ଥ୍ରୋପେ ଏ ନେଇ ନିଜର ଚିନ୍ତାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଟାଇପ୍–୨ ଡାଇବେଟିସ୍ ମାନବ ଇତିହାସର ସବୁଠାରୁ ବଡ଼ ଜନସ୍ୱାସ୍ଥ୍ୟ ପ୍ରସଙ୍ଗ ଓ ସର୍ବବୃହତ୍ ମହାମାରୀ ପାଲଟିବାକୁ ଯାଉଛି। ଏହା ଆର୍ଥିକ ବିକାଶ କ୍ଷେତ୍ରରେ ମଧ୍ୟ ସବୁଠାରୁ ବଡ଼ ପ୍ରତିବନ୍ଧକ ହେବ। ଏହାଛଡ଼ା ଏହି ରୋଗର ନିରାକରଣ ଓ ନିୟନ୍ତ୍ରଣ ପାଇଁ ମଧ୍ୟ ବିପୁଳ ଅର୍ଥ ବ୍ୟୟ ହେବ। ଆକଳନ ଅନୁଯାୟୀ ମଧୁମେହ ଓ ତଜ୍ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ବର୍ତ୍ତମାନ ୨୧୫–୩୭୫ ବିଲିୟନ ଡଲାର ବ୍ୟୟ ହେଉଛି। ଏହି ପରିମାଣ ଦିନକୁ ଦିନ ବଢୁଛି।

ଭାରତୀୟ ସହରାଞ୍ଚଳରେ ତ୍ରୁଟିପୂର୍ଣ୍ଣ ଆଧୁନିକ ଜୀବନଶୈଳୀ ମଧୁମେହ, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କେତେକ କ୍ୟାନ୍‌ସର ପରି ଅଣସଂକ୍ରାମଣ ରୋଗ ପାଇଁ ମୁଖ୍ୟତଃ ଦାୟୀ। ସତେଜ ଖାଦ୍ୟ ତୁଳନାରେ ଅଧିକ ପରିମାଣର ପ୍ରକ୍ରିୟାକୃତ ଓ ଫ୍ୟାଟ ବିଶିଷ୍ଟ ଖାଦ୍ୟ ସହ ଶାରୀରିକ ପରିଶ୍ରମ ଅଭାବ ମଧୁମେହର ଆଶଙ୍କାକୁ ବହୁଗୁଣିତ କରିଛି ଭାରତୀୟ ସହରମାନଙ୍କରେ। ଏହି ଖାଦ୍ୟ ମେଦବହୁଳତାର କାରଣ ହେଉଛି। ମେଦ ବହୁଳତା ମଧ୍ୟ ମଧୁମେହ ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ। ମେଦବହୁଳତା ମଧୁମେହର ଆଶଙ୍କାକୁ ଦ୍ୱିଗୁଣିତ କରୁଛି। ଜଣେ ଠିକ୍ ଓଜନର ବ୍ୟକ୍ତି ତୁଳନାରେ ଅତ୍ୟଧିକ ମୋଟାଲୋକର ମଧୁମେହ ଆଶଙ୍କା ପ୍ରାୟ ଦଶଗୁଣ ବଢ଼ିଯାଏ। ଭାରତରେ ଯେତେ ଲୋକ ମଧୁମେହରେ ପୀଡ଼ିତ, ସେମାନଙ୍କ ମଧ୍ୟରୁ ମାତ୍ର ୫୦% ନିଜ ରୋଗ ବିଷୟରେ ଜାଣନ୍ତି। ଅନେକ ମଧୁମେହୀ କେବେ ନିଜର ଶର୍କରା ପରୀକ୍ଷା ମଧ୍ୟ କରିନଥା'ନ୍ତି। ଏହାଛଡ଼ା ଅନ୍ୟ ଏକ ବିପଦ ଭାରତୀୟମାନଙ୍କର ଜିନ୍‌କୁ ନେଇ। ଭାରତୀୟ ଗୁଣସୂତ୍ରରେ ଏହି ରୋଗ ଅଧିକ ଲୁଚି ରହିଥାଏ ପାଶ୍ଚାତ୍ୟ ଦେଶର ବାସିନ୍ଦାଙ୍କ ତୁଳନାରେ। ଅର୍ଥାତ୍ ପ୍ରାକ୍ ମଧୁମେହ ପରିସ୍ଥିତି ଏଠାରେ ଅଧିକ। କିନ୍ତୁ ଶୀଘ୍ର ଚିହ୍ନଟ ନ ହେବା କାରଣରୁ ଏହା ମଧୁମେହରେ ପରିଣତ ହେବାକୁ ବିଳମ୍ବ ହେଉନି। ଭାରତରେ ପରିବେଶ, ଜେନେଟିକ୍, ଆଭ୍ୟନ୍ତରୀଣ ଶାରୀରିକ ସଂରଚନା ଓ ପାଚନକ୍ରିୟାରେ ତ୍ରୁଟି ସବୁମିଶି ମଧୁମେହୀଙ୍କ ସଂଖ୍ୟା ବୃଦ୍ଧି କରିଥାଏ। ମଧୁମେହଜନିତ କିଡ୍‌ନୀ ସମସ୍ୟା ମଧ୍ୟ ଦକ୍ଷିଣ ଏସୀୟମାନଙ୍କୁ ଦଶବର୍ଷ ଆଗୁଆ ଆକ୍ରମଣ କରିଥାଏ। ମଧୁମେହ ନିରାକରଣର ମୁଖ୍ୟ ଅଙ୍ଗ ସଚେତନତା। ତେଣୁ ଜାତୀୟ ସ୍ତରରେ ଏକ ପ୍ରଭାବଶାଳୀ ସ୍ୱଳ୍ପବ୍ୟୟୀ, ରୂପାୟନ ଓ କ୍ରିୟାଶୀଳଯୋଗ୍ୟ ରଣନୀତି ଆବଶ୍ୟକ ମଧୁମେହକୁ ଅଟକାଇବା ପାଇଁ ଜରୁରୀ। ମଧୁମେହ ଏକ ବିପଜ୍ଜନକ ରୋଗ ଏବଂ ଏହାକୁ ଅବହେଳା କରିହେବ ନାହିଁ। କିନ୍ତୁ ରକ୍ତଶର୍କରା ସ୍ତର ଉପରେ ସତର୍କ ଦୃଷ୍ଟି ଓ ଆବଶ୍ୟକ ଔଷଧର ବ୍ୟବହାର, ବ୍ୟାୟାମ ଓ ଖାଦ୍ୟ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ଭୟଙ୍କର ହେବାରୁ ଓ ଶରୀରର ବିଭିନ୍ନ ଅଙ୍ଗକୁ ଏହାର ପ୍ରଭାବରୁ ମୁକ୍ତ ରଖିବା ସମ୍ଭବ। ।

ଡାଇବେଟିସ୍ ବିଶ୍ୱରେ କିଡ୍‌ନୀ ଅଚଳ ହେବାର ମୁଖ୍ୟ କାରଣ। ଏହାଛଡ଼ା ଘା' ନ ଶୁଖିବା ଯୋଗୁଁ ହଜାର ହଜାର ମଧୁମେହୀ ନିଜର ହାତ ବା ଗୋଡ଼ ହରାଇଥାଆନ୍ତି। ତେବେ ଏହା ବୟସ୍କମାନଙ୍କର ଦୃଷ୍ଟିହୀନତାର ମୁଖ୍ୟ କାରଣ। ପ୍ରାୟ ୫ ଅଯୁତ ବୟସ୍କଙ୍କର ଚକ୍ଷୁ ନଷ୍ଟ ହେବାର କାରଣ ଏହି ମଧୁମେହ। ଏହାଛଡ଼ା ମଧୁମେହ ଅନେକାଂଶରେ ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତର କାରଣ। ଆମ ଦେଶରେ ମଧୁମେହକୁ ଅବହେଳା କରିବା ଦ୍ୱାରା ପ୍ରାୟ ୬୦ ହଜାର ରୋଗୀ ପାଦ ହରାଇବାର ଯନ୍ତ୍ରଣା ଭୋଗୁଛନ୍ତି। ମଧୁମେହ ମୁଖ୍ୟତଃ ଏକ ଜୀବନଶୈଳୀ ରୋଗ। ତେଣୁ ଏହାର ନିରାକରଣ ସମ୍ଭବ।

**କନ୍‌ସଲ୍‌ଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ: ୯୪୩୭୦୨୩୪୪୩**

## ଏଇ ଭାରତରେ

ସେବା ହିଁ ପରମ ଧର୍ମ, ଏହା ଉପଲବ୍ଧି କରିଛନ୍ତି ଫରିଦାବାଦର ବୀଣା ଲାଲ୍। ସେ ୨୫ ବର୍ଷ ହେଲା ଅନାଥ ଓ ଦିବ୍ୟାଙ୍ଗ ପିଲାମାନଙ୍କର ସେବା କରିଆସୁଛନ୍ତି। 'କର୍ମ ମାର୍ଗ' ଏନ୍‌ଜିଓ ମାଧ୍ୟମରେ ସେ ଏହି ସେବା କରୁଛନ୍ତି। ବୀଣା ମୋଟ ୧୫୦୦ ପିଲାଙ୍କୁ ସାହାଯ୍ୟ କରିସାରିଛନ୍ତି। ୧୯୯୭ରେ ସେ ଚାକିରି ଛାଡ଼ି ଏକ ଛୋଟ ଘରେ କିଛି ଦିବ୍ୟାଙ୍ଗ ପିଲାଙ୍କୁ ନେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାର ସ୍ୱପ୍ନ ଦେଖିଥିଲେ। ପରେ ଚାକିରିରୁ ଲବ୍ଧ ସଞ୍ଚିତ ଅର୍ଥରେ ୨୦୦୦ ମସିହାରେ ଫରିଦାବାଦ ନିକଟରେ ୨ ଏକର ଜାଗା କିଣି ପିଲାଙ୍କ ରହିବା ଲାଗି ସୁବିଧା କରିଥିଲେ। ଧୀରେ ଧୀରେ ତାଙ୍କ ସ୍ୱପ୍ନ ପୂରଣ ହେବାରେ ଲାଗିଛି। ପିଲାମାନଙ୍କ ପଢ଼ା ଲାଗି ସବୁପ୍ରକାର ସୁବିଧା କରାଯାଇଛି କର୍ମ ମାର୍ଗର କ୍ୟାମ୍ପସରେ। ନିୟମିତ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। କେବଳ ଏତିକି ନୁହେଁ, ଯେଉଁମାନେ ବାହାର ସ୍କୁଲରେ ପଢ଼ିବାକୁ ଚାହୁଁଛନ୍ତି ସେମାନଙ୍କୁ ମଧ୍ୟ ବୀଣା ସୁଯୋଗ ଦେଉଛନ୍ତି। ତାଙ୍କ ପାଖରେ ଶିକ୍ଷା ଲାଭ କରି ବହୁ ପିଲା ଆତ୍ମନିର୍ଭର ହୋଇପାରିଛନ୍ତି। ଏବେ ବୀଣାଙ୍କ ପାଖରେ ୬ରୁ ୧୮ ବର୍ଷ ବୟସ ମଧ୍ୟରେ ୫୪ ଝିଅପୁଅ ରହିଛନ୍ତି। ରେଲୱେ ଷ୍ଟେଶନ, ବସ୍‌ଷ୍ଟାଣ୍ଡରୁ ଚାଇଲ୍ଡ ୱେଲଫେୟାର କମିଟି ଦ୍ୱାରା ଉଦ୍ଧାର କରାଯାଉଥିବା ପିଲାମାନଙ୍କୁ ସେ ରଖୁଛନ୍ତି। ବଡ଼ କଥା ହେଉଛି ବୀଣା ଜୈବିକ ଚାଷ କରି ପିଲାମାନଙ୍କ ନିତିଦିନିଆ ପରିବା ଓ ଅନ୍ୟ ଫଳମୂଳ ଆବଶ୍ୟକତା ପୂରଣ କରୁଛନ୍ତି। ଏହା ଦ୍ୱାରା ଖର୍ଚ୍ଚ କମ୍ ହେବା ସହ ପିଲାମାନେ ସୁସ୍ଥ ରହୁଛନ୍ତି ବୋଲି ବୀଣା କହନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୯୭

- ଶ୍ରୀଲଙ୍କାର ତ୍ରିଙ୍କୋମାଳି ଜିଲାରେ ବିଦ୍ରୋହୀ ଗେରିଲାମାନଙ୍କ ଆକ୍ରମଣରେ ୩୨ ସିଂହଳୀ ସୈନ୍ୟ ନିହତ।
- ପେଟ୍ରୋଲଜାତ ଦ୍ରବ୍ୟ ପାଇଁ ଡିଲର ଓ ବିତରକ ମନୋନୟନ କ୍ଷେତ୍ରରେ ମହିଳାଙ୍କ ପାଇଁ ୩୦% ସ୍ଥାନ ସଂରକ୍ଷିତ।
- ପୂର୍ବତନ ଅଲିମ୍ପିଆନ ତଥା ପ୍ରତିଭାସମ୍ପନ୍ନ ଫୁଟବଲ ଖେଳାଳି କେ.ପି. ଧନରାଜଙ୍କ ୬୯ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | | |
| 5 | 7 | 3 | 2 | | | 4 | | |
| | | | | 3 | 7 | | | |
| 1 | | | | 8 | | | | |
| 2 | | | | 9 | | | | 3 |
| | 6 | | | | 5 | | | 8 |
| 3 | | | | 2 | | | | |
| 6 | 8 | | | 1 | | | | 7 |
| | | | | | 9 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 4 | 5 | 2 | 7 | 3 | 8 | 9 |
| 9 | 2 | 7 | 8 | 4 | 3 | 6 | 5 | 1 |
| 3 | 8 | 5 | 1 | 9 | 6 | 7 | 2 | 4 |
| 5 | 9 | 2 | 7 | 3 | 8 | 4 | 1 | 6 |
| 1 | 6 | 3 | 2 | 5 | 4 | 8 | 9 | 7 |
| 7 | 4 | 8 | 6 | 1 | 9 | 5 | 3 | 2 |
| 8 | 5 | 9 | 4 | 7 | 1 | 2 | 6 | 3 |
| 2 | 7 | 1 | 3 | 6 | 5 | 9 | 4 | 8 |
| 4 | 3 | 6 | 9 | 8 | 2 | 1 | 7 | 5 |

ଗତକାଲିର ଉତ୍ତର

# ମାତୃଭୂମିର ମନ୍ତ୍ରଦାତା



ସିତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳ ଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁ ଉଭୟ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍ସର୍ଗୀକୃତ ପ୍ରାଣ। ଓଡ଼ିଆ ଭାଷା ଅଞ୍ଚଳକୁ ନେଇ ଏକ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହୋଇପାରିଲେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଏହି ଲକ୍ଷ୍ୟରେ ମଧୁସୂଦନ ଓ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ଜରିଆରେ ମଧ୍ୟପ୍ରଦେଶ, ବଙ୍ଗ ଏବଂ ମାନ୍ଦ୍ରାଜ ସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢ଼େଇ କରିଥିଲେ।

ଭାରତର ପ୍ରଖ୍ୟାତ ଜାତୀୟବାଦୀ ନେତା ମଧୁସୂଦନ ଦାସଙ୍କର ଜଣେ ବିଶିଷ୍ଟ ଆଇନଜ୍ଞ ତଥା ଦେଶବତ୍ସଳ ନାୟକ ରୂପେ ସର୍ବଶ୍ରେଷ୍ଠ ଅବଦାନ ଥିଲା। ପରାଧୀନ ଭାରତରେ ଦେଶର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓଡ଼ିଶାର ଗଠନ ବଳିଷ୍ଠ ଜନଜାଗରଣ ତଥା ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ଏହି ପ୍ରକ୍ରିୟା ୧୯୦୩ଠାରୁ ଆରମ୍ଭ ହୋଇ ୧୯୩୫ ପର୍ଯ୍ୟନ୍ତ ସୁଦୀର୍ଘ ପରିବ୍ୟାପ୍ତ ରହିଥିଲା। ପରାଧୀନ ଭାରତରେ ଓଡ଼ିଶା ପ୍ରଦେଶ ଗଠିତ ହୋଇ ନ ଥିଲେ, ଏହାର ଗଠନର ସମ୍ଭାବନା ସ୍ୱାଧୀନ ଭାରତରେ ସୁଦୂରପରାହତ ହୋଇଥାନ୍ତା। ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ରମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ସମସ୍ତେ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ତାଙ୍କ ଜନ୍ମ ଦିବସକୁ ରାଷ୍ଟ୍ରଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ମଧୁବାବୁ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ ଓ ସମଗ୍ର ଭାରତବର୍ଷର ଜଣେ ଅଗ୍ରଗାମୀ ଚିନ୍ତାନାୟକ, ଜନନାୟକ ଏବଂ ରାଷ୍ଟ୍ରନାୟକ। ମଧୁବାବୁ ଥିଲେ ଏକାଧାରରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ଓଡ଼ିଆ ଏମ.ଏ., ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ। ସେ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବିକରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଛୋଟ ଲାଟ୍ ସଭା ଏବଂ ବଡ଼ ଲାଟ୍ ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ସେ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିଆନ ମଣ୍ଡଳର ସଭାପତି।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ ସରକାରଙ୍କ ଲୁଟ୍ ଏବଂ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତ ପ୍ରଦାନ ମହନୀୟ ବ୍ୟବସ୍ଥା ଗ୍ରହଣ। ୧୯୦୩ରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ ଉତ୍କଳ ସମ୍ମିଳନୀ ଗଠନ କରି ଓଡ଼ିଆ ଭାଷାଭାଷୀ



ମଧୁବାବୁଙ୍କ ଜୟନ୍ତୀ ଉପଲକ୍ଷେ

ଅଞ୍ଚଳ ଏକତ୍ରିତ କରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ। ସେତେବେଳେ ଓଡ଼ିଶାର କିଛି ଅଂଶ ପଶ୍ଚିମବଙ୍ଗ ସହିତ ରହିଥିଲାବେଳେ କିଛି ଅଂଶ ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା। ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ଇଂରେଜ ସରକାର ୧୯୦୪ରେ ତାଙ୍କୁ 'ଭାରତ ସାମ୍ରାଜ୍ୟର ସଖା' ଉପାଧିରେ ଭୂଷିତ କରିଥିଲେ। ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହିତ ମିଶି ରହିଥିବା ଉତ୍କଳର ବିଭିନ୍ନ ଅଞ୍ଚଳକୁ ମିଶାଇବା ଲାଗି ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା ଓଡ଼ିଆ ଆନ୍ଦୋଳନ ନାମରେ ପରିଚିତ। ୧୮୯୫ରେ ସାର୍‌ଜନ ଉଡ୍‌କର୍ନ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇ ହିନ୍ଦୀ ଭାଷା ପ୍ରଚଳନ ପାଇଁ ଆଦେଶ ଦେଇଥିଲେ। ମଧୁବାବୁଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ୧୯୦୬ରେ ସମ୍ବଲପୁର ଉତ୍କଳ ସହିତ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଅବହେଳିତ ଉତ୍କଳର ସ୍ୱାଭିମାନ ଫେରାଇ ଆଣିବା ପାଇଁ ଆନ୍ଦୋଳନ ଚଳାଇ ଆସିଥିଲେ। ମଧୁବାବୁ ମଧ୍ୟ ସାଇମନ କମିଶନ, ଓଡ୍‌ନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ୧୯୨୭ରେ ସାଇମନ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ୧୯୩୧ରେ ସରାକର 'ଓଡ୍‌ନେଲ କମିଟି' ମାଧ୍ୟମରେ ଓଡ଼ିଶାର ନ୍ୟାଯ୍ୟ ଦାବି ସମ୍ପର୍କରେ ଅନୁସନ୍ଧାନ କଲେ। ଏହି କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଥିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା'ପୂର୍ବରୁ ସେ ମୃତ୍ୟୁବରଣ କରିଥିଲେ।

୧୯୨୧ରେ ମଧୁବାବୁ ମନ୍ତ୍ରୀ ହୋଇଥିଲେ। ତାଙ୍କର ଆଉ ଏକ ଉଲ୍ଲେଖଯୋଗ୍ୟ ଆଦର୍ଶ ହେଉଛି ମନ୍ତ୍ରୀପଦ ଅବୈତନିକ ହେବା ଉଚିତ ବୋଲି ଦାବିକରି ମନ୍ତ୍ରୀପଦରୁ ଇସ୍ତଫା ଦେବା କ୍ଷେତ୍ରରେ ସେ ହେଉଛନ୍ତି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ। ସେ ୧୯୨୩ ମାର୍ଚ୍ଚ ୧୮ ରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ମଧୁବାବୁ ମନ୍ତ୍ରୀ ଥିଲାବେଳେ Local Self Government Act (ମ୍ୟୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଆଜି ପର୍ଯ୍ୟନ୍ତ ବଳବତ୍ତର ରହିଛି। ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପୀ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ । ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଯଥେଷ୍ଟ ଦୃଷ୍ଟି ଦେଇଥିଲେ। ଓଡ଼ିଶାର ଚମଡା କାରିଗରମାନଙ୍କର ମାନ ଉନ୍ନତି କରିବା ପାଇଁ ସେ କଟକରେ 'ଉତ୍କଳ ଟ୍ୟାନେରି' ନାମରେ ଚମଡା ଶିଳ୍ପ କାରଖାନା ଗଢ଼ିଥିଲେ। ମଧୁବାବୁଙ୍କର ନିରବଚ୍ଛିନ୍ନ ଅବଦାନ ଓଡ଼ିଶାକୁ ମହିମା ମଣ୍ଡିତ କରିଛି। ମଧୁସୂଦନଙ୍କର ସଂଗ୍ରାମ ଫଳରେ ଭାରତୀୟ ନାରୀମାନେ ପାଇଥିଲେ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ୧୯୨୩ରେ। ମାତୃଭୂମିର ମନ୍ତ୍ରଦାତା ମଧୁବାବୁ ଥିଲେ ଥିଲେ ଶତାବ୍ଦୀର ସୂର୍ଯ୍ୟ। ଭାରତର ପ୍ରଖ୍ୟାତ ଜତୀୟବାଦୀ ନେତାରୂପେ, ଜଣେ ବିଶିଷ୍ଟ ଆଇନଜ୍ଞ ତଥା ଦେଶବତ୍ସଳ ନାୟକ ରୂପେ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ଥିଲା। ଜଣେ ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶବତ୍ସଳ ନେତାରୂପେ ମଧୁସୂଦନ ଦାସଙ୍କର ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ଓ ଗରିମାମୟ ଥିଲା। ଯାହା ଦେଶବାସୀଙ୍କୁ କାଳକାଳ ଲାଗି ମାର୍ଗଦର୍ଶନ କରୁଥିବ।

**ପୂର୍ବତନ ସଭ୍ୟ, ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶା**
**ମୋ: ୯୯୩୭୦୮୦୦୦୧**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରାକୃତିକ ବିପର୍ଯ୍ୟୟ ପାଇଁ ପ୍ରଶିକ୍ଷଣ କୁଆଡ଼େ ଗଲା

ମହାଶୟ,

ପ୍ରତ୍ୟେକ ବର୍ଷ ଓଡ଼ିଶା ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟ ସହ ମହାମାରୀ ମୁକାବିଲା ନେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବା ଲାଗି ସ୍କୁଲ, କଲେଜ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏପରି କି ସମସ୍ତ ନିର୍ବାଚିତ ପ୍ରତିନିଧି, ମିଶନ ଶକ୍ତି ଗୋଷ୍ଠୀ, ବନ ସୁରକ୍ଷା ସମିତି ଓ ଅନ୍ୟ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଏ ସମ୍ପର୍କିତ ତାଲିମ ଦିଆଯିବାକୁ ଯୋଜନା ରଖାଯାଇଛି। ୨୦୨୧ ମେ' ୨୯ରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ନେଇ ଏକ ସଂକଳ୍ପ ପାରିତ କରାଯାଇଥିଲା। ଏହି ନିଷ୍ପତ୍ତିକୁ ନଅ ମାସ ବିତିବାକୁ ବସିଲାଣି। ମାତ୍ର ଏ ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇପାରିନାହିଁ। ପ୍ରାଥମିକ ସ୍କୁଲଠାରୁ ଆରମ୍ଭ କରି କଲେଜ ଛାତ୍ରୀଛାତ୍ରମାନେ ମହାମାରୀ ପରିଚାଳନା ଓ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଜ୍ଞାନ ଆହରଣ କରିବେ। ଏହାଛଡ଼ା ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ମୌଳିକ ଦିଗ ଉପରେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯିବ, ପରିସ୍ଥିତିର କିପରି ମୁକାବିଲା କରିବାକୁ ହେବ ସେ ବିଷୟରେ ଲୋକମାନଙ୍କୁ ପ୍ରସ୍ତୁତ କରାଯିବ। ଏହି ମିଶନକୁ ଆଗେଇ ନେଇ ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ଓ ମହାମାରୀ ନିରୋଧୀ ରାଜ୍ୟ ଭାବେ ଗଢ଼ି ତୋଳିବା ସକାଶେ ଏକ ଟାସ୍କଫୋର୍ସ ଗଠନ କରାଯିବ। ତେବେ ବିଭାଗୀୟ ଉଦାସୀନତା ଯୋଗୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବଳ ଘୋଷଣାରେ ସୀମିତ ରହିଛି। ୨୦୨୩–୨୪ରୁ ପିଲାଙ୍କ ପାଠ୍ୟକ୍ରମରେ ଏହାକୁ ସାମିଲ କରାଯିବ। ସ୍କୁଲ ପାଠ୍ୟକ୍ରମରେ ବିପର୍ଯ୍ୟୟ ବିଷୟ ପ୍ରସ୍ତୁତ କରିବାକୁ ଟିଚର୍ସ ଏଜୁକେଶନ ଓ ଏସ୍‌ସିଇଆରଟିକୁ ନିର୍ଦ୍ଦେଶ ଦିଆଯାଇଛି। ପାଠ୍ୟକ୍ରମ ପ୍ରସ୍ତୁତ ଚାଲିଛି। ପ୍ରାଥମିକ ଶିକ୍ଷା ପାଇଁ ୨୦୨୨–୨୩ ବର୍ଷରେ ଏହାକୁ ସାମିଲ କରାଯିବ। ୨୦୨୩–୨୪ରୁ ଉଚ୍ଚମାଧ୍ୟମିକ, ହାଇସ୍କୁଲ ଓ ଅନ୍ୟାନ୍ୟ ପାଠ୍ୟକ୍ରମରେ ସାମିଲ କରାଯିବ। ତୁରନ୍ତ ଏହାକୁ ଗୁରୁତ୍ୱ ଦିଆଯାଇ ପ୍ରଶାସନ ଅନୁପାଳନ କରୁ।

**–ସତ୍ୟ ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତେ ଆସେ ପଶି ସବୁ ଘରେ ନବ ରାଗେ
ଗୋପନତମ ଗତି
ଅନୁମତି ନାହିଁ ମାଗେ !
ଛଡ଼ାଇ ଯାଏ ଘେନି ବଦନରୁ ସବୁ କଥା
ଦାରୁଣ ପରଶରେ
ଝଡ଼ିପଡ଼େ ତନୁଲତା।
–(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ରାଇଘର, ୨୭।୪(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ଦୋଗାଁ ପଞ୍ଚାୟତ ବିରଶାଢ଼ୀ ଗ୍ରାମରେ ମା' ବୁଢ଼ୀ ମାତା ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଏହି ମନ୍ଦିରରେ ସାତପାଲି ଗ୍ରାମର ଦେବଦେବୀଙ୍କ ସହ ପୂଜା ହୋଇ ଆସୁଅଛି। ବହୁ ଆଡମ୍ବର ସହକାରେ ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିଥିଲା। କଳସଯାତ୍ରା, କଳସ ସ୍ଥାପନ, ହୋମଯଜ୍ଞ, ହରି କୀର୍ତ୍ତନ, ନାମଯଜ୍ଞ ସହ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ବିଡିଓଙ୍କୁ ଭାଜପାର ଦାବିପତ୍ର

**କୁନ୍ଦୁରା, ୨୭।୪(ଡି.ଏନ୍.ଏ.):** ଗରିବ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରିବାକୁ ପ୍ରାୟ ୧ହଜାର ଲୋକଙ୍କ ଆଧାରର ନକଲ ଭାଜପା କର୍ମୀମାନେ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ବଦଳରେ ମେଶିନ ଲଗାଇ କାର୍ଯ୍ୟ କରାଯାଉଛି। ବିଭାଗୀୟ ଅଧିକାରୀମାନେ ଜାଣି ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏହାକୁ ବନ୍ଦ କରିବାକୁ ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିଭଳି ପ୍ରକୃତ ଚାଷୀ ଚିହ୍ନଟ କରାଯାଇ କୃଷକ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନବେଳେ କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଭାଜପା ସଭାପତି ବଦ୍ରିନାରାୟଣ ଆଚାର୍ଯ୍ୟ, ବରିଷ୍ଠ ନେତା ଉପେନ୍ଦ୍ର ଭଞ୍ଜ, ଗୋପାଳକୃଷ୍ଣ ସାବତ, ଧନପତି ପରଜା, ସୁବାସ ଦୁରୁଆ, ଆରତ ମାଳି, ମଙ୍ଗରାଜ ଭୂମିଆ, ରତି ଚିକିମିୟା, ସନ୍ତୋଷ ସମରଥ , ଭକ୍ତ ଦୁରୁଆ ପ୍ରମୁଖ ଯୋଗଦେଇଥିଲେ।

### ଡ୍ରାଇଭର ମହାସଂଘ ପକ୍ଷରୁ ଜଳଛତ୍ର

**ଡାବୁଗାଁ, ୨୭।୪(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ଡାବୁଗାଁସ୍ଥିତ ଓଡ଼ିଶା ଡ୍ରାଇଭର ମହାସଂଘ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଏକ ଜଳଛତ୍ର ବୁଧବାର ଖୋଲାଯାଇଛି। ଏହି ଜଳଛତ୍ର ଖୋଲିବା ସମୟରେ ଓଡ଼ିଶା ଡ୍ରାଇଭର ମହାସଂଘ ଡାବୁଗାଁ ଶାଖା ସଭାପତି ସନ୍ତୋଷ ଭତ୍ରା, ଉପସଭାପତି ଦିଲୀପ ନାୟକ, ସମ୍ପାଦକ ଅମିର ଅଲ୍ଲି ଖାନ, ଯୁଗ୍ମ ସମ୍ପାଦକ ବିଶ୍ୱଜିତ ବୈଠାରୁ, କୋଷାଧକ୍ଷ ଉମାକାନ୍ତ ପାତ୍ର, ଭୈରବ ରାଓ, ଡମ୍ବରୁ ନାୟକ, ଯୋଗେଶ ହରିଜନ, ପ୍ରଶାନ୍ତ ପଣ୍ଡା, କିଶୋର ଚନ୍ଦ୍ର ପରିଡ଼ା, ଗଣେଶ ସାଗର, ମନବୋଧ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟସ୍ତରୀୟ କାର୍ଯ୍ୟକ୍ରମ ନେଇ ସୂଚନା

**ଜୟପୁର, ୨୭।୪(ନି.ପ୍ର.):** ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ୟଙ୍ଗ ଇଣ୍ଡିଆ କେ ବୋଲ ସିଜନ୍-୨ ରାଷ୍ଟ୍ରୀୟସ୍ତରୀୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଇଛି। ରାଷ୍ଟ୍ରୀୟ ଯୁବ କଂଗ୍ରେସ ପ୍ରବକ୍ତା ଜାଭେଦ ଖାନ୍, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ତଥା କୋରାପୁଟ ଜିଲାର ଯୁବ କଂଗ୍ରେସ ପର୍ଯ୍ୟବେକ୍ଷକ ରାକେଶ ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଉପ ସଭାପତି ଘାସି ନାଗ, ସାଧାରଣ ସମ୍ପାଦକ ଟୁଲୁ ରଥ, କୋରାପୁଟ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଟେନୋଜ କୁଲଦୀପ, ଜିଲା ଯୁବ କଂଗ୍ରେସ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ସୁଶ୍ରୀ ଅଲିଭା, ସାଧୁ ଦାସ, ନାରାୟଣ ପାଢ଼ୀ, ପିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୟଙ୍ଗ ଇଣ୍ଡିଆ ଭାଷଣ ପ୍ରତିଯୋଗିତା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି। ଲୁକ୍କାୟିତ ପ୍ରତିଭାଙ୍କୁ ଆଗକୁ ଆସି କଂଗ୍ରେସର ବିଚାରଧାରାରେ ସାମିଲ ହେବାକୁ ଉପସ୍ଥିତ ନେତାମାନେ ନିବେଦନ କରିଥିଲେ।

### ଶିବ ମନ୍ଦିରରେ ପ୍ରବଚନ

**ଉମରକୋଟ, ୨୭।୪(ସ୍ୱ.ପ୍ର.):** ଉମରକୋଟ ଗୁଲିପାଟଣା ସାହି କଳିଙ୍ଗ କଳା ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ମାନସିକ ଶାନ୍ତି ଓ ନୀରୋଗ ଶରୀର ନିମନ୍ତେ ଧାନଗୁରୁ ଡାକ୍ତର ଶରତ କୁମାର ବଡ଼ଲେ ପ୍ରବଚନ ଦେଇଛନ୍ତି। ଛତିଶଗଡ଼ସ୍ଥିତ ଦୁର୍ଗ ଆଶ୍ରମରେ ଡାକ୍ତର ବଡ଼ଲେ ଲୋକଙ୍କୁ ଧାନର ଅନେକ ସୋପାନ ବିଷୟରେ ବୁଝାଇଥାନ୍ତି। ଏସ୍‌ଏନ୍ ଗୋୟଙ୍କାଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଥିବା ଭିପାସନା ଧାନ ବିଷୟରେ ଲୋକଙ୍କୁ ବୁଝାଇଥିଲେ। ପ୍ରବଚନ ମାଧମରେ ମନକୁ କିପରି ଶାନ୍ତ ଓ ଚିନ୍ତାମୁକ୍ତ କରାଯାଇ ପାରିବ ସେ ବିଷୟରେ ଲୋକଙ୍କୁ ବୁଝାଯାଇଛି। ଏହି ପ୍ରବଚନ ଶୁଣିବା ପାଇଁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହେଇଥିଲା।

# ପ୍ରଶାସନ, ଜାତି ସମାଜ ମୁଖ୍ୟଙ୍କ ସହଯୋଗରେ ବାଲ୍ୟବିବାହ ରୋକିହେବ

**ନବରଙ୍ଗପୁର, ୨୭।୪(ବି.ପ୍ର.)**

ଜିଲାରେ ବାଲ୍ୟବିବାହ ରୋକିବା ନିମନ୍ତେ ବୁଧବାର ନବରଙ୍ଗପୁର ମିଶନଶକ୍ତି ସଭାଗୃହରେ ଜିଲା ପ୍ରଶାସନ, ୟୁନିସେଫ୍, ଆକ୍ସନଏଡ୍ ଓ ବିଭିନ୍ନ ଜାତି ସମାଜର ମୁଖ୍ୟମାନଙ୍କୁ ନେଇ ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ କରାଯାଇଥିଲା। ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହ ରୋକିବାକୁ ଜିଲା ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ପ୍ରଶାସନ ଓ ଜାତି ସମାଜର ମୁଖ୍ୟମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଶିଶୁମାନଙ୍କୁ ସୁରକ୍ଷା ଦେବା ସହ ଜିଲାକୁ ବାଲ୍ୟବିବାହ ମୁକ୍ତ କରିବା ଦିଗରେ ଏହି ସମନ୍ୱୟ ବୈଠକ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ବାଲ୍ୟବିବାହ ପରି ସାମାଜିକ ବ୍ୟାଧି ରୋକିବା ନିମନ୍ତେ ପ୍ରଶାସନ ଓ ଜାତି ସମାଜର ମୁଖ୍ୟମାନେ ମିଳିତ ଭାବରେ ଗ୍ରାମସ୍ତରରେ ବ୍ୟାପକ ଭାବରେ ଜନସଚେତନତା ସୃଷ୍ଟି କରିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଜିଲାରେ ୧୨୭ ବାଲ୍ୟବିବାହ ରୋକାଯାଇଛି ଏବଂ ଏଥିସହ ୬୯୩ ଗାଁକୁ ବାଲ୍ୟବିବାହ ମୁକ୍ତ ଗ୍ରାମଭାବେ ଘୋଷଣା କରାଯାଇଥିବା ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ସୂଚନା ଦେଇଛନ୍ତି। ଜିଲାରେ ବାଲ୍ୟ ବିବାହର କାରଣ ଓ ଏହାର ନିରାକରଣରେ ନିଜ ନିଜ ସମାଜ କିଭଳି ପଦକ୍ଷେପ ନେବେ ତା' ଉପରେ ବୈଠକରେ ଉପସ୍ଥିତ ଥିବା ୧୩ ଜାତିସମାଜର ମୁଖ୍ୟମାନେ ମତ ଦେଇଥିଲେ। ଆଗାମୀ ଦିନରେ ଜାତି ସମାଜର ମୁଖ୍ୟମାନେ ବୈଠକକରି

### ବାଲ୍ୟବିବାହ ରୋକିବାକୁ ଜିଲା ପ୍ରଶାସନ, ଜାତି ସମାଜ ସମନ୍ୱୟ ବୈଠକ



ବୈଠକରେ ଜିଲାପାଳ, ଅଧିକାରୀ ଓ ଜାତି ସମାଜ ମୁଖ୍ୟମାନେ।

ନିଜ ସମାଜରେ ବାଲ୍ୟବିବାହ ନ କରିବାକୁ ଘୋଷଣା କରିବା ସହିତ ଜିଲା ପ୍ରଶାସନକୁ ଲିଖିତ ଭାବେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବାଲ୍ୟବିବାହ ରୋକିବାରେ ପ୍ରଶାସନକୁ ସହଯୋଗ କରିବା, ବ୍ଲକସ୍ତରରେ ପ୍ରତି ମାସରେ ପ୍ରଶାସନ ଓ ଜାତି ସମାଜର ମିଳିତ ବୈଠକ କରାଇବା, ସମାଜ ମୁଖିଆ ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବରେ ଗ୍ରାମରେ ସଚେତନ କରିବା, କିଶୋରୀ କିଶୋରଙ୍କୁ ପଲିଟେକ୍‌ନିକ ଶିକ୍ଷା ଓ ଦକ୍ଷତା ବିକାଶ ଶିକ୍ଷାରେ ଯୋଡ଼ିବା କାର୍ଯ୍ୟ କରିବେ ବୋଲି ଜିଲାପାଳଙ୍କୁ ସମାଜ ମୁଖ୍ୟମାନେ ପ୍ରତିଶ୍ରୁତି ଦେବା ସହିତ ଶପଥ ନେଇଥିଲେ।

ବୈଠକରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ , ସହାୟକ ଆରକ୍ଷୀ ଅଧିକାରୀ ସ୍ମିତା ମଲ୍ଲିକ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ, ସହାୟକ ଶିକ୍ଷାଧିକାରୀ ରେଶମଲାଲ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ଦିବାକର ବାହୁକ, ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ, ଡାକ୍ତର ମଳୟ ତ୍ରିପାଠୀ ,ବାଲ୍ୟବିବାହ ନିଷେଧ ଅଧିକାରୀ ଏସ୍.ଏ. ଗୀତା, ସୁନିତା ଦେବୀ ତ୍ରିପାଠୀ, ଗୀତା ମହାରଣା, ଶୈଳେନ୍ଦ୍ରୀ ମହାନନ୍ଦ ଉପସ୍ଥିତ ଥିଲେ। ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ ଧନ୍ୟବାଦ ଦେଇଥିଲେ।

## ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ



**ଜୟପୁର, ୨୭।୪(ନି.ପ୍ର.)**

ନୀଳଗିରିରୁ କାଠ ନେଇ ଏକ ଟ୍ରକ୍ କୋରାପୁଟ ଯିବାବେଳେ ଜୟପୁର ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଟ୍ରକରେ ଥିବା କାଠସବୁ ରାସ୍ତାରେ ପଡ଼ିଯିବାରୁ ଘାଟି ରାସ୍ତା ଜାମ ହୋଇଯାଇଥିଲା। ଜୟପୁର ସଦର ପୋଲିସ ପହଞ୍ଚି କ୍ରେନ ସାହାଯ୍ୟରେ ଟ୍ରକ୍‌କୁ ଉଠାଯାଇ ରାସ୍ତା ପାର୍ଶ୍ୱରେ ରଖାଯାଇଥିଲା। ଏହାପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରତ୍ୟେକ ଦିନ ଜୟପୁର ଘାଟିରେ ଏପରି ଦୁର୍ଘଟଣା ଘଟୁଛି। ଗୋଟିଏ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜାତୀୟ ରାଜପଥ ବିଭାଗ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଜୁନ୍ ୬ରୁ ରବି ଧାନମଣ୍ଡି

**ନବରଙ୍ଗପୁର,୨୭।୪(ବି.ପ୍ର.)**

ରବିଧାନ କିଣା ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜୁନ୍ ୬ରୁ ନବରଙ୍ଗପୁର ଜିଲାରେ ରବି ଧାନମଣ୍ଡି ହେବ ବୋଲି ବୈଠକରେ ସ୍ଥିର ହୋଇଛି।

ଚଳିତ ରବି ଧାନମଣ୍ଡିରେ ଜିଲାରେ ୮୧୯ ଜଣ ଚାଷୀ ରବି ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ସେଥିମଧ୍ୟରୁ ନୂତନ ଚାଷୀ ୪୮୦ ଜଣ ରହିଥିବା ବେଳେ ୩୩୯ ଜଣ ଚାଷୀ ନବୀକରଣ କରିଛନ୍ତି। ଜୁନ୍ ପ୍ରଥମ ସପ୍ତାହରେ ବର୍ଷା ହେବା ସମ୍ଭାବନା ରହୁଥିବାରୁ ଆର୍‌ଏମ୍‌ସି ପକ୍ଷରୁ ବ୍ୟାପକ ତାର୍ପୋଲିନ୍‌ର ବ୍ୟବସ୍ଥା କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚଳିତ ବର୍ଷ ଖରିଫରେ ଯେପରି ଜିଲାରେ ସୁରୁଖୁରୁରେ ଧାନ କିଣାଯାଇଥିଲା ସେହିପରି ଭାବେ ରବି ଧାନ କିଣାରେ ଯେପରି କୌଣସି ସମସ୍ୟା ନ ହୁଏ ସେ ଦିଗରେ ଦୃଷ୍ଟିଦେବାକୁ କୁହାଯାଇଛି। ମିଲର୍ସ, ଲ୍ୟାମ୍ପସ୍ ଓ ଯୋଗାଣ ବିଭାଗର ମିଳିତ ସମନ୍ୱୟରେ ଧାନ କିଣା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏବେ ପଞ୍ଜୀକରଣ କରିଥିବା ଚାଷୀଙ୍କ ଯାଞ୍ଚ ଚାଲିଛି। ଏହି ପ୍ରକ୍ରିୟା ମେ ୧୦ ତାରିଖ ମଧ୍ୟରେ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ,ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମିଲର ସଂଘ ସଭାପତି ପ୍ରଦୀପ ମିଶ୍ର, ସଚ୍ଚି ଚୌଧୁରୀ, ମଣ୍ଟୁ ଦାସ, ଏସିଏସ୍‌ଓ ସିଏଚ.ଲକ୍ଷ୍ମଣ ରାଓ, ଦୁର୍ଗାପ୍ରସାଦ ମାଝି, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ଶାନ୍ତି ଶୃଙ୍ଖଳାରେ ପରୀକ୍ଷା ଦେଲେ ସିବିଏସ୍‌ଇ ଦଶମ ଶ୍ରେଣୀ ଛାତ୍ରୀଛାତ୍ର



ସୁନାବେଡାର ଏକ ସ୍କୁଲରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବାକୁ ଯାଉଛନ୍ତି।

**ସୁନାବେଡ଼ା/ଦାମନଯୋଡି, ୨୭।୪ (ସ୍ୱ .ପ୍ର./ଡି.ଏନ୍.ଏ.)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ଦଶମ ଶ୍ରେଣୀ ବାର୍ଷିକ (ଟର୍ମ-୨) ପରୀକ୍ଷା ବୁଧବାରଠାରୁ ଆରମ୍ଭ ହୋଇଛି। କୋଭିଡ୍ ଯୋଗୁ ସିବିଏସ୍‌ଇ ପକ୍ଷରୁ ଚଳିତବର୍ଷ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଟର୍ମ -୧ ଏବଂ ଟର୍ମ -୨ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ଟର୍ମ-୧ ଗତ ନଭେମ୍ବର-ଡିସେମ୍ବର ମାସରେ ସ୍କୁଲରେ ଆୟୋଜିତ ହୋଇସାରିଛି। ଛାତ୍ରୀଛାତ୍ରମାନେ ଟର୍ମ-୨ ପରୀକ୍ଷା ଅନ୍ୟ ସ୍କୁଲରେ ଦେବେ। ଦାମନଯୋଡି ଡିପିଏସ୍, ପୁଙ୍ଗାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ମଡେଲ ସ୍କୁଲ, ସେମିଳିଗୁଡ଼ା ନେତାଜୀ ଇଂଲିଶ୍ ସ୍କୁଲର ୨୮୫ ଜଣ ଛାତ୍ରୀଛାତ୍ର ସୁନାବେଡ଼ାସ୍ଥିତ ଭି.ଏସ୍. ବିଦ୍ୟାଳୟରେ ପରୀକ୍ଷା ଦେଉଛନ୍ତି। ଭି.ଏସ୍. ବିଦ୍ୟାଳୟର ୧୪୭ ଛାତ୍ରୀଛାତ୍ର ସୁନାବେଡ଼ା ଏନ୍‌ଏଡି କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷା ଦେଇଛନ୍ତି। ଭି.ଏସ୍. ବିଦ୍ୟାଳୟ ଅଧ୍ୟକ୍ଷ ହେମନ୍ତ ସେଠ୍, ଉପାଧ୍ୟକ୍ଷ ପି.କେ. ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦାମନଯୋଡ଼ି ନାଲ୍‌କୋ ଟାଉନଶିପସ୍ଥିତ ଡିପିଏସ୍‌ରେ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ଦୀର୍ଘ ୨୦ ବର୍ଷ ପରେ ଡିପିଏସ୍‌ରେ ସେଣ୍ଟର ହୋଇଥିବା ଜଣାପଡିଛି। ସେମିଳିଗୁଡ଼ା ଦେଓମାଳି ପବ୍ଲିକ ସ୍କୁଲର ୩୪ ଓ ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ନିକଟସ୍ଥ ଗୌଡଗୁଡ଼ାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୫୪ ଛାତ୍ରୀଛାତ୍ର ଏଠାରେ ପରୀକ୍ଷା ଦେଉଛନ୍ତି। ଡିପିଏସ୍ ଅଧ୍ୟକ୍ଷା ଦୀପାନ୍ୱିତା ଦାସ ଏହି କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ଶିକ୍ଷକ ହଳଧର ସାହୁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ଶେଷଦେବ ପରିଡ଼ା, ଦେଓମାଳି ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ସମାପିକା ପଟ୍ଟନାୟକଙ୍କ ସହିତ ଡିପିଏସ୍‌ର ୮ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଥମ ଦିନରେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ ତୁଲାଇଥିଲେ। ଡିପିଏସ୍‌ର ୧୦୨ ଜଣ ଛାତ୍ରୀଛାତ୍ର ସୁନାବେଡ଼ାସ୍ଥିତ ବ୍ୟୋମଯାନ ସଂସ୍ଥା ବିଦ୍ୟାଳୟ (ଭିଏସ୍‌ବି) କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ଲକ୍ଷ୍ମୀପୁର,୨୭।୪(ସ୍ୱ.ପ୍ର.)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ପଞ୍ଚଡା ଗ୍ରାମରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ବାପା କାକିରିଗୁମ୍ମା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ସ୍ୱାମୀଙ୍କୁ ପଚରାଉଚରା କରିଛି। ମୃତକ ହେଲେ ପଞ୍ଚଡା ଗ୍ରାମର ଗୋପାଳ ବିଶୋଇଙ୍କ ସ୍ତ୍ରୀ ଭୁବୁନ (୨୯)। ଭୁବୁନଙ୍କ ବୁଧବାର ମୃତ୍ୟୁ ହୋଇଯାଇଛି। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଓ ଗ୍ରାମବାସୀ କହିଛନ୍ତି। କିନ୍ତୁ ପୋଲିସ ପହଞ୍ଚିବା ପୂର୍ବରୁ ମୃତଦେହକୁ ତଳକୁ ଓହ୍ଲାଯାଇଥିଲା। ଏହାକୁ ନେଇ ଭୁବୁନଙ୍କ ବାପା ଚିତ୍ରସେନ ସାହୁ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ କାକିରିଗୁମ୍ମା ଥାନାରେ ଅଭିଯୋଗ କରିଛନ୍ତି। ଗୋପାଳ ଓ ତାଙ୍କ ପରିବାର ମୋ ଝିଅଙ୍କୁ ହତ୍ୟା କରିଛନ୍ତି ବୋଲି ଚିତ୍ରସେନ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୪୦/୨୨ରେ ହତ୍ୟା ମାମଲା ରୁଜୁ କରିଛି। ଥାନା ଏସ୍‌ଆଇ କିଶୋର ଚନ୍ଦ୍ର ଚୌଧୁରୀ, ଜ୍ୟୋତି ଶବର, ଏଏସ୍‌ଆଇ ଶଙ୍କର ତାଡିଙ୍ଗ ଓ ଜ୍ୟୋତ୍ସ୍ନାରାଣୀ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ଉଲ୍ଲାସ କୁମାର ରାଉତ ସୂଚନା ଦେଇଛନ୍ତି।

# ପ୍ରମାଣପତ୍ରରେ ଦସ୍ତଖତ କରୁନାହାନ୍ତି ସରପଞ୍ଚ

### ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ଛାତ୍ରୀଛାତ୍ର ଓ ଗ୍ରାମବାସୀ।

**କୋଟପାଡ଼/ଜୟପୁର, ୨୭।୪ (ଡି.ଏନ୍.ଏ/ନି.ପ୍ର.)**

ଜୟପୁର ଉପଜିଲାପାଳଙ୍କ ଦ୍ୱାରସ୍ଥ ହେଲେ କୋଟପାଡ ବ୍ଲକ ସୁତିପଦର ଗ୍ରାମବାସୀ। ସୁତିପଦର ସରପଞ୍ଚ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରାମାଣପତ୍ରରେ ଦସ୍ତଖତ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ରରେ ସରପଞ୍ଚଙ୍କ ଦସ୍ତଖତର ଆବଶ୍ୟକତା ରହିଛି। ସୁତିପଦରର ସାହାଦ ପୂଜାରୀ, ଧନମତି ହରିଜନ, ଫୁଲମତି ମାଝି ସରପଞ୍ଚଙ୍କ ଘରକୁ ଯାଇ ପ୍ରମାଣପତ୍ରରେ ଦସ୍ତଖତ କରିବାକୁ କହିବାରୁ ସରପଞ୍ଚ ସୁମିତ୍ରା ସମରଥଙ୍କ ଶ୍ୱଶୁର ସେମାନଙ୍କ ସାଙ୍ଗରେ ଯୁକ୍ତି କରିଥିଲେ। ବୋହୂ କୌଣସି ଦସ୍ତଖତ କରିବେ ନାହିଁ ବୋଲି ସେ ମନା କରି ଘରୁ ଘଉଡ଼ାଇ ଦେଇଥିଲେ। ପ୍ରମାଣପତ୍ର ଛାତ୍ରୀମାନଙ୍କ ପାଠ ପଢ଼ିବା ପାଇଁ ଆବଶ୍ୟକ। ସରପଞ୍ଚ ଦସ୍ତଖତ ଦେଉ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧାର ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଯେଉଁ ଛାତ୍ରୀମାନେ ଦସ୍ତଖତ କରିବାକୁ ଯାଇଥିଲେ ସେମାନଙ୍କ ସମ୍ପର୍କୀୟମାନେ ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ହୋଇଥିଲେ। ସେଥିପାଇଁ ଆକ୍ରୋଶମୂଳକ ଭାବେ ସରପଞ୍ଚ ଓ ତାଙ୍କ ପରିବାର ଏଭଳି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ଶ୍ୱଶୁର ଯୁକ୍ତିତର୍କ କରିବାର ଭିଡିଓ ଭାଇରାଲ ହେଉଛି। ମୁଁ ଟଙ୍କା ଖର୍ଚ୍ଚକରି ବୋହୂଙ୍କୁ ସରପଞ୍ଚ କରିଥିବା ସେ କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି। ଏନେଇ କୋଟପାଡ ବିଡିଓଙ୍କୁ ପୂର୍ବରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ଜିଲାପାଳ ହସ୍ତକ୍ଷେପ କରି ଏହାର ସମାଧାନ କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ସରପଞ୍ଚଙ୍କୁ ଫୋନ୍‌ରେ ଯୋଗାଯୋଗ କରିବାରୁ ତାଙ୍କ ସ୍ୱାମୀ ଫୋନ ଉଠାଇ ଥିଲେ। ଘଟଣା ଦିନ ସରପଞ୍ଚ ଜମିକୁ ଯାଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କ ପ୍ରମାଣପତ୍ରରେ ଦସ୍ତଖତ କରୁଛନ୍ତି ବୋଲି ସେ କହିଛନ୍ତି।

# 'ୟଙ୍ଗ୍ ଇଣ୍ଡିଆକେ ବୋଲ୍' ମାଧ୍ୟମରେ ଯୁବନେତା ଖୋଜୁଛି କଂଗ୍ରେସ

**ନବରଙ୍ଗପୁର, ୨୭।୪(ବି.ପ୍ର.)**

ନବରଙ୍ଗପୁର ଜିଲା ଯୁବ କଂଗ୍ରେସ କମିଟି ସଭାପତି ଦ୍ୱାରିକା ମହାପାତ୍ରଙ୍କ ସଭାପତିତ୍ୱରେ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଯୁବ ପ୍ରବକ୍ତା ସଂଗ୍ରହ ନିମନ୍ତେ 'ୟଙ୍ଗ୍ ଇଣ୍ଡିଆକେ ବୋଲ୍' ସିଜନ୍-୨ ଅଭିଯାନ ନବରଙ୍ଗପୁରରେ ଆରମ୍ଭ ହୋଇଛି। ଓଡ଼ିଶା ଯୁବ କଂଗ୍ରେସ ସହ ପ୍ରଭାରୀ ଜାଭେଦ ଖାନ୍, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରାକେଶ ସାହୁ, ପିସିସି ଉପସଭାପତି ସଦନ ନାୟକ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା କଂଗ୍ରେସ ଉପସଭାପତି ଦିଲୀପ ବେହେରା, କୋରାପୁଟ ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ଲୁଚିଯାଉଥିବା ଯୁବ ପ୍ରତିଭାଙ୍କୁ ନେଇ ଜାତୀୟସ୍ତରରେ ପହଞ୍ଚାଇବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ଏହି ପ୍ରକ୍ରିୟା ନିମନ୍ତେ ଗୁଗଲ୍‌ରେ ମାର୍ଚ୍ଚ ୨୬ରୁ ମେ ୩୧ ପର୍ଯ୍ୟନ୍ତ ଫର୍ମ ଉପଲବ୍ଧ। ଜୁନ୍ ୧ରୁ ଜୁଲାଇ ୩୧ ମଧ୍ୟରେ ଜିଲାରେ ଏହି କାର୍ଯ୍ୟକ୍ରମରେ ଭାଷଣ ପ୍ରତିଯୋଗିତା ହେବ। ଅଗଷ୍ଟ ୧ରୁ ୨୦ ସେପ୍ଟେମ୍ବର ମଧ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା କରାଯିବ। ୩୦ ସେପ୍ଟେମ୍ବରରୁ ୧ ଅକ୍ଟୋବର ମଧ୍ୟରେ ଦିଲ୍ଲୀରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ହେବ। ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀରେ ଗ୍ରାଣ୍ଡ ଫିନାଲେ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବାବୁଲି ବାଘ, ବୃନ୍ଦାବନ ତ୍ରିପାଠୀ, ଦିବାକର ପୂଜାରୀ, ନବଜୀବନ ମନ୍ଧାର, ବାମଦେବ ନାୟକ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ବାସୁଦେବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଛାତ୍ର କଂଗ୍ରେସ ନୂତନ ସଭାପତି ପବିତ୍ର ହରିଜନ ଓ ନୂତନ କର୍ମୀ ଦେବକାନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

# ପାଣି ସମସ୍ୟା ଦୂର ପାଇଁ ପ୍ରତିଶ୍ରୁତି ଦେଲା ପ୍ରଶାସନ


ସାନକୁସୁମୀ ଜାନିସାହିବାସୀ ସମସ୍ୟା ଜଣାଉଛନ୍ତି।

## ପିଇବାପାଣି ପାଇଁ ୩କି.ମି. ଯାଉଛନ୍ତି ସାନକୁସୁମୀ ଜାନି ସାହିବାସୀ

**ନବରଙ୍ଗପୁର, ୨୭।୪(ବି.ପ୍ର.)**

ନବରଙ୍ଗପୁର ବ୍ଲକ ପୂଜାରିଗୁଡ଼ା ପଞ୍ଚାୟତ ଅଧୀନ ସାନକୁସୁମୀ ଗ୍ରାମର ଜାନିସାହିରେ ପାନୀୟ ଜଳର ସଙ୍ଗିନ ସ୍ଥିତି। ଏଠାରେ ଘୋର ପାନୀୟ ଜଳ ସମସ୍ୟା ରହିଛି। ବର୍ତ୍ତମାନ ଗ୍ରୀଷ୍ମଦିନ ହେତୁ ସମସ୍ୟା ଉତ୍କଟ ହୋଇଛି। ପାଣି ପାଇଁ ୩ କିଲୋମିଟର ଚାଲି ଚାଲି ଯିବାକୁ ପଡୁଛି। ସାହି ବାସିନ୍ଦା ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନ ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ପୁନର୍ବାର ସାହିବାସୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ଭେଟିଥିଲେ। ଯଥାଶୀଘ୍ର ସାହିବାସିନ୍ଦାଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନ ହେବ ବୋଲି ଜାନିସାହିର ତିଳୋତ୍ତମା ମାଳି , ଯମୁନା ମୁଦୁଲି, ଲକ୍ଷ୍ମୀ ଜାନି, ତିଲୋମା ତନ୍ତୀ , ଚନ୍ଦ୍ରମା ଜାନି, ବନମାଳୀ ଜାନି, ଚନ୍ଦନା ଜାନି ପ୍ରମୁଖ ଚେତାବନୀ ଦେଇଛନ୍ତି। ତୁରନ୍ତ ପାନୀୟ ଜଳ ଯୋଗାଇଦେବାକୁ ସେ ଦାବି କରିଛନ୍ତି। ବିଡିଓ ପୂଜାରିଗୁଡ଼ା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତ୍ରିନାଥ ବିଷୋୟୀଙ୍କୁ ସାନକୁସୁମୀ ପଠାଇବା ସହ ପାଣି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସାନକୁସୁମୀ ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରି ତୁରନ୍ତ ପାଣି ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜାନିସାହିରେ ଏକ ନଳକୂପ ଖୋଳାଯିବ ବୋଲି ସେ କହିଥିଲେ। ନଳକୂପ ବ୍ୟବସ୍ଥା ହେବା ପର୍ଯ୍ୟନ୍ତ ପାଣିଟାଙ୍କି ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

## କୁମ୍ଭାରଗୁଡା ଗାଁରେ ବସୁଧା ଯୋଜନା ଫେଲ୍

**ସେମିଳିଗୁଡା, ସୁନାବେଡା,୨୭।୪ (ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗଡ଼ା ବ୍ଲକ ଚାରାଙ୍ଗୁଲ ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମରେ ପିଇବା ପାଣିର ସମସ୍ୟା ରହିଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ବିଡିଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଗାଁରେ ୬୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୨୦୦ ଲୋକ ରୁହନ୍ତି। ଗାଁରେ ଦୁଇଟି ନଳକୂପ ଥିବା ବେଳେ ଗୋଟିଏ ଅଚଳ। ଅନ୍ୟଟିରୁ ଅଳ୍ପ ପାଣି ବାହାରିବା ପରେ ତାହା ବନ୍ଦ ହୋଇଯାଉଛି। ଫଳରେ ପାଣି ସମସ୍ୟା ଦେଖାଦେଇଛି। ଦୀର୍ଘ ଦିନ ହେବ ଗାଁ ଲୋକମାନେ ନଈନାଳର ପାଣି ବ୍ୟବହାର କରି ଅନେକ ରୋଗରେ ପଡୁଛନ୍ତି। ସେଥିପାଇଁ ଗ୍ରାମବାସୀ ଓ ଲୋକ ବିକାଶ ମଞ୍ଚ ପକ୍ଷରୁ କୁନି ଖରା, ଦେବକୀ ଖରା, କମଳା ପାଙ୍ଗି, ରାଧା ଖରା, ରିତା ଖରା ଓ ପ୍ରଭାସିନୀ ଖରା ପ୍ରମୁଖ ବୁଧବାର ବିଡିଓଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସରକାର ଲୋକଙ୍କ ସୁବିଧା ପାଇଁ ପ୍ରତ୍ୟେକ ଗାଁରେ ବସୁଧା ଯୋଜନାରେ ପିଇବା ପାଣିର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏହି ଗାଁରେ ବସୁଧା ଯୋଜନା ଫେଲ୍ ମାରିଛି। ଗାଁ ଲୋକଙ୍କ ପାଇଁ ତୁରନ୍ତ ପାଣି ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


ବିଡିଓଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ ଅନାଥ ହେଲେ ୩ ଝିଅ, ପୁଅ

**ମାଲକାନଗିରି,୨୭।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ଚାଲାଣଗୁଡ଼ା ପଞ୍ଚାୟତର ଟିଟିବେରି ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଟିଟିବେରି ଗ୍ରାମର ସାମା କୁରାମି(୩୨)। ସାମା କେନ୍ଦୁପତ୍ର ତୋଳିବାକୁ ଜଙ୍ଗଲକୁ ଯାଇଥିବାବେଳେ ବିଷାକ୍ତ ସାପ ତାଙ୍କ ଗୋଡ଼କୁ କାମୁଡ଼ିଥିଲା। ଘରେ ପହଞ୍ଚିବା ପରେ ଅସହ୍ୟ ଯନ୍ତ୍ରଣା ହୋଇଥିଲା। ଗ୍ରାମବାସୀ ଏହା ଜାଣି ଘରେ ପହଞ୍ଚିବା ବେଳକୁ ସାମାଙ୍କର ମୃତ୍ୟୁ ଘଟି ସାରିଥିଲା। କିଛିଦିନ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ସାମାଙ୍କ ମୃତ୍ୟୁ ଘଟିଛି। ଏହାପରେ ତାଙ୍କର ୨ ପୁଅ ଦୀପୁ, ଇରମା ଏବଂ ଝିଅ ମାଧୁରୀ ଅନାଥ ହୋଇଯାଇଛନ୍ତି। ୩ଭଉଣୀ, ଭାଇ ନାବାଳିକା ଏବଂ ନାବାଳକ ହୋଇଥିବାରୁ ସେମାନଙ୍କୁ ଥଇଥାନ ନିମନ୍ତେ ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଡେପୁଟି କଲେକ୍ଟରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଗୁଣପୁର,୨୭।୪(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଡେପୁଟି କଲେକ୍ଟର ନିରଞ୍ଜନ ନାୟକଙ୍କୁ ବୁଧବାର ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଉପଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ସଭା ହୋଇଥିଲା। ଉପଜିଲାପାଳ ଜେ. ସୋନାଲ ଯୋଗଦେଇ ବିଦାୟୀ ଡେପୁଟି କଲେକ୍ଟରଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ନିଷ୍ପାପର କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧରେ ସହକାରୀ ଜିଲାପାଳ ରାଜେନ୍ଦ୍ର ପ୍ରସାଦ ଚୌଧୁରିଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ବିଦାୟୀ ଡେପୁଟି କଲେକ୍ଟରଙ୍କୁ କେଉଁଝର ଜିଲା ଆନନ୍ଦପୁରର ସେତୁ ପ୍ରକଳ୍ପ ଜୋନ୍ ଅଧିକାରୀଭାବେ ବଦଳି ହୋଇଛି।

### ପ୍ରଫୁଲ୍ଲ କରଙ୍କ ଏକାଦଶାହରେ ସ୍ମୃତିସଭା

**ଗୁଣପୁର,୨୭।୪(ଡି.ଏନ୍.ଏ):** ରାୟଗଡ଼ା ଜିଲା ଗୁଣପୁରସ୍ଥିତ ନ୍ୟୁ ଡ୍ରିମ୍ ଇଣ୍ଡିଆ ସ୍କୁଲରେ ବୁଧବାର ସଙ୍ଗୀତଜ୍ଞ ପ୍ରଫୁଲ କରଙ୍କ ଏକାଦଶାହରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ କରଙ୍କ ଏକାଦଶାହ ପାଳନ ଅବସରରେ କଳା ପରିଷଦ ପକ୍ଷରୁ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସଭାପତି କୈଳାସ ଦାସ ଅଧକ୍ଷତା କରିଥିଲେ। କଳାକାର ତଥା ସଙ୍ଗୀତ ପ୍ରେମୀ ଗୌରି ତ୍ରିପାଠୀ, ସୁରେନ୍ଦ୍ର ମିଶ୍ର, ପ୍ରଶାନ୍ତ ହୋତା, ଦୂର୍ଗା ଶତପଥୀ, ରଞ୍ଜିତ ପାଢ଼ୀ, ଉମାଶଙ୍କର ଦାସ, ଅଶୋକ କର, କୃଷ୍ଣ ସେନାପତି, ବିମଳ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସଙ୍ଗୀତ ଜଗତ ପାଇଁ ପ୍ରଫୁଲ କରଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ।

### ଗୁଣପୁର କଲେଜରେ ଇ-ସମ୍ବଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଗୁଣପୁର,୨୭।୪(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର କଲେଜଠାରେ ଏନ୍-ଲିଷ୍ଟ ନାମକ ଏକ ଇ-ସମ୍ବଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହା ଦ୍ୱାରା ଛାତ୍ରୀଛାତ୍ର ମାନେ ଅନ୍‌ଲାଇନରେ ଇ-ପାଠ୍ୟ ପୁସ୍ତକ ତଥା ଇ-ପତ୍ରପତ୍ରିକା ପାଠ କରିବା ସହ ଡାଉନ୍‌ଲୋଡ କରିବାର ସୁଯୋଗ ପାଇପାରିବେ। ଏଥିରେ ପ୍ରାୟ ଏକ ଲକ୍ଷ ଅନେଶ୍ୱତ ହଜାର ପାଞ୍ଚସହ ଇ-ପୁସ୍ତକ ରହିଥିବାବେଳେ ୬ ହଜାର ଇ-ପତ୍ରିକା ଉପଲବଧ ରହିଛି। କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟିର ଅଧକ୍ଷ ମୋହନ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷ ବାମଦେବ ମିଶ୍ର, ପ୍ରାଧାପକ ଶଶିଭୂଷଣ ମହାନ୍ତି, ସୂର୍ଯ୍ୟ ନାରାୟଣ ପଣ୍ଡା, ଅମୀୟ ରଞ୍ଜନ ମହାନ୍ତି, ସତ୍ୟବାନ ଗରଡ଼ା, ଜଗନ୍ନାଥ ଦୀପ୍, ଅଗାଧୁ ଶବର, ଶ୍ୟାମସୁନ୍ଦର ମହନ୍ତ ଏବଂ ଅଧାପିକା ଦେବିଶ୍ରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଭିମାନ ଅଞ୍ଚଳ ବିକାଶରେ ବାଧକ ସାଜିଛି ବିଦ୍ୟୁତ୍ ସମସ୍ୟା

**ମାଲକାନଗିରି,୨୭।୪(ଡି.ଏନ୍.ଏ.)**

- କାର୍ଯ୍ୟକ୍ଷମ ହୋଇପାରୁନି ବିକାଶମୂଳକ ପ୍ରକଳ୍ପ
- ବଡ଼ପଦର ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ହେଲେ ସୁଧୁରିବ ସମସ୍ୟା
- ଶୀଘ୍ର ବଡ଼ପଡ଼ାରୁ ବଡ଼ପଦରକୁ ୩୩ କେ.ଭି. ବିଦ୍ୟୁତ୍ ତାର ସଂଯୋଗ

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକ ବିଚ୍ଛିନ୍ନାଞ୍ଚଳ ରୂପେ ପରିଚିତ ଥିଲା। ରାଜ୍ୟ ସରକାର ଗୁରୁପ୍ରିୟା ସେତୁ ନିର୍ମାଣକରି ଏହି ଅଞ୍ଚଳକୁ ସ୍ୱାଭିମାନ ଅଞ୍ଚଳର ନାମ ଦେଇଛନ୍ତି। ଦୀର୍ଘ ବର୍ଷ ଧରି ଜଳବନ୍ଦୀ ଅବସ୍ଥାରେ ଥିବା ଆଦିବାସୀ ଅଞ୍ଚଳବାସୀଙ୍କ ବିକାଶର ସ୍ୱପ୍ନ ଦେଖିଛନ୍ତି। ପରିତାପର ବିଷୟ ହେଲା ଏବେ ମଧ ବ୍ଲକ ଅଧୀନ ୬ ପଞ୍ଚାୟତବାସୀ ସମସ୍ୟା ମଧରେ ରହିଛନ୍ତି। ଯୋଡ଼ାମ୍ବ, ଜାନବାଇ, ପାପରମେଟଲା, ଯନ୍ତ୍ରୀ, ଅଣ୍ଡ୍ରାପାଲ୍ଲୀ, ପଣସପୁଟ ପଞ୍ଚାୟତ ଅଞ୍ଚଳରେ ବିକାଶ କାମ ଆଗକୁ ଯାଇପାରୁ ନ ଥିବା ଜଣାପଡ଼ିଛି। ବିଦ୍ୟୁତ୍ ସମସ୍ୟା ଯୋଗୁ ବିକାଶରେ ବାଧା ସୃଷ୍ଟି ହୋଇଛି।

ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଏକ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ହୋଇଛି। ଏଠାରୁ କିଛି ପଞ୍ଚାୟତକୁ ବିଦ୍ୟୁତ୍ ସେବା ପହଞ୍ଚୁଛି। ଅନ୍ୟ ପଞ୍ଚାୟତଗୁଡ଼ିକରେ ବିଦ୍ୟୁତ୍ ସମସ୍ୟା ସମାଧାନ ନିମନ୍ତେ ବଡ଼ପଦରଠାରେ ଆଉ ଏକ ସବ୍‌ଷ୍ଟେଶନ ନିର୍ମାଣ ନେଇ ଯୋଜନା ରହିଛି। ବଡ଼ପଡ଼ାଠାରୁ ବଡ଼ପଦରକୁ ୩୩ କେ.ଭି. ବିଦ୍ୟୁତ୍ ତାର ସଂଯୋଗ କରାଯାଇ ନ ଥିବାରୁ ନୂତନ ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଅଞ୍ଚଳବସୀ ଲୋଭୋଲ୍‌ଟେଜ ଓ ବିଦ୍ୟୁତ୍ କାଟ ସମସ୍ୟା ଭୋଗୁଛନ୍ତି। ସେହିପରି ଉଠା ଜଳସେଚନ ପ୍ରକଳ୍ପ, ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବିଦ୍ୟୁତ୍ ସମସ୍ୟା ଯୋଗୁ ଦକ୍ଷତା ଓ କୌଶଳ ଥାଇ ମଧ ଲୋକେ ହାତବାନ୍ଧି ବସିବାକୁ ବାଧ ହୋଇଛନ୍ତି। ଅନେକ ସମୟରେ ବର୍ଷା କିମ୍ବା ଅନ୍ୟ କାରଣରୁ ୨ ଦିନ ଧରି ବିଦ୍ୟୁତ୍ ସେବା ବିଚ୍ଛିନ୍ନ ରହୁଛି।



ବିଦ୍ୟୁତ୍ ସମସ୍ୟା ଯୋଗୁ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହୋଇ ରହିଛି।

ତେବେ ଗୁରୁପ୍ରିୟା ସେତୁ ମଧ ଦେଇ ୩୩ କେ.ଭି. ବିଦ୍ୟୁତ୍ ସଂଯୋଗ କରାଗଲେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ତେଣୁ ତାହା କରାଯାଇପାରୁନାହିଁ। ବୈଷୟିକ ସମସ୍ୟା ରହିଥିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ପୋଲ ଉପରୁ ତାର ନେବାପାଇଁ ଅନୁମତି ମିଳି ନ ଥିଲା। ଏହା ମଧରେ ଦୁଇ ବର୍ଷ ବିତିଯାଇଥିଲେ ମଧ କାମ ହୋଇପାରୁନାହିଁ। ଏ ନେଇ ଓପିଟିସିଏଲ୍‌ର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଟେଣ୍ଡର ପ୍ରକ୍ରିୟା ସରିଛି। ସ୍ୱତନ୍ତ୍ର କେବୁଲ ଯୋଗେ ୩୩ କେ.ଭି. ତାର ପୋଲ ପାର୍ଶ୍ୱ ଦେଇ ନିଆଯିବା ବ୍ୟବସ୍ଥା କରାଯିବ। ୩ ମାସ ମଧରେ କାମ ହେବ ବୋଲି ସେ କହିଛନ୍ତି। ସେହିପରି ଡିଆର୍‌ଡିଏ ଏପିଡି(ଫାଇନାନ୍ସ) ମାନସ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, କିଛିଦିନ ତଳେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଗସ୍ତ ସମୟରେ ମଧ ସ୍ଥାନୀୟ ଅଧିବାସୀ ବିଦ୍ୟୁତ୍ ସମସ୍ୟା ବିଷୟରେ ଜଣାଇଥିଲେ। ଏ ନେଇ ପିଡବ୍ଲ୍ୟୁଡି ବିଭାଗ ସହ ସଚିବ ଆଲୋଚନା କରିଥିଲେ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ହୋଇଛି। ଶୀଘ୍ର ବଡ଼ପଦର ସବ୍‌ଷ୍ଟେଶନକୁ ୩୩ କେ.ଭି. ବିଦ୍ୟୁତ୍ ତାର ସଂଯୋଗ କରାଯାଇ ବଳକା ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ବିଦ୍ୟୁତ୍ ସମସ୍ୟାର ସମାଧାନ ହେଲେ ଅଞ୍ଚଳରେ ରାଜ୍ୟ ସରକାରଙ୍କ ଅନେକ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଜୟପୁର, ୨୭।୪(ନି.ପ୍ର.)**

ବିବାହ ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜୟପୁର ମହିଳା ଥାନା ପୋଲିସ କୁମୁଲିପୁଟ ଗ୍ରାମର ସାନ୍ତୁନ କୁମାର ମାଝିଙ୍କୁ ଗିରଫ କରିଛି। ଶାନ୍ତନୁ ବୋରିଗୁମ୍ମା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ଓ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ପରେ ଅଭିଯୁକ୍ତ କିନ୍ତୁ ବିବାହ କରିବାକୁ ମନା କରିଦେଇଥିଲେ। ଏହାପରେ ଯୁବତୀ ଜଣକ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମହିଳା ପୋଲିସ ୪୭/୨୨ରେ ମାମଲା ରୁଜୁ କରି ଯୁବତୀଙ୍କ ବୟାନ ରେକର୍ଡ କରିଥିଲେ। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ମହିଳା ଥାନାଧିକାରି ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଅବକାରୀ ଚଢ଼ାଉବେଳେ ମହିଳାଙ୍କ ସହ ୬ ଗିରଫ

**ଜୟପୁର, ୨୭।୪ (ନି.ପ୍ର.)**

ଚଢାଉବେଳେ ଜୟପୁର ଅବକାରୀ ବିଭାଗ ଜଣେ ମହିଳାଙ୍କ ସହ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ୯୦ ଲିଟର ଦେଶୀ ବିଶାକ୍ତ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୌରାଗୁଡାର ଅନିତା ସୌରା, ନିଳିଗୁଡାର ଜିନୁ ଦୁଆରୁ, ବଙ୍ଗଳାବାଡର ଗୌରାଙ୍ଗ ନାୟକ, ସନ୍ତୁ ନାୟକ, କୁନ୍ଦାରିଗୁଡାର କୃଷ ନାୟକ ଓ ନୂଆସାହି ୫ ଲେନ୍‌ର ସୁରେନ୍ଦ୍ର ଅନକା। ଗିରଫ ଅଭିଯୁକ୍ତମାନେ ଦେଶୀମଦ ଚାଲାଣ କରୁଥିବା ବେଳେ ଅବକାରୀ ପୋଲିସ ଚଢାଉ କରିଛି। ଅଭିଯୁକ୍ତମାନଙ୍କ ନାମରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ଅବକାରୀ ନିରିକ୍ଷକ ଦୁବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ୍. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ସାମିଲ ହୋଇଥିଲେ।

# 'ସଙ୍ଗଠନ ମଜଭୁତ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା'





ସମ୍ମିଳନୀରେ ସଙ୍ଗଠନ ସୁଦୃଢ଼ ପାଇଁ ବ୍ୟବସାୟୀମାନେ ଆଲୋଚନା କରୁଛନ୍ତି।

**ମାଲକାନଗିରି,୨୭।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲା ବ୍ୟବସାୟୀ ସଂଘର ପ୍ରଥମ ବାର୍ଷିକ ସମ୍ମିଳନୀ ବୁଧବାର ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ସମସ୍ତ ବ୍ୟବସାୟୀ ସାମିଲ ହୋଇ ସଂଘ ଗଠନର ଉଦ୍ଦେଶ୍ୟ ଏବଂ ଏକ ମଜଭୁତ ସଙ୍ଗଠନ ଗଢ଼ିବା ବିଷୟରେ ଆଲୋଚନା କରିଥିଲେ। ବାର୍ଷିକ ସମ୍ମିଳନୀ ଯୋଗୁ ମାଲକାନଗିରି ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭକରି ପ୍ରତ୍ୟେକ ଗଳିକନ୍ଦିରେ ଥିବା ସମସ୍ତ ବ୍ୟବସାୟ ଓ ଶିଳ୍ପ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସମସ୍ତ ବ୍ୟବସାୟୀ ସମ୍ମିଳନୀରେ ନିଜ ନାମ ପଞ୍ଜୀକରଣ କରିଥିଲେ। ଜୟପୁର ବ୍ୟବସାୟୀ ସଂଘର ଉପଦେଷ୍ଟା ଅଞ୍ଜନି ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ଶଶୀଧର ପଟ୍ଟନାୟକ, ସାଧାରଣ ସମ୍ପାଦକ ଭି. ପ୍ରଭାକର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଅନୁପ ପାତ୍ର ଏବଂ ଗଣେଶ ଆଚାର୍ଯ୍ୟ ଯୋଗଦେଇ ଏକ ମଜଭୁତ ସଙ୍ଗଠନ ଗଢ଼ିବାରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ମାଲକାନଗିରି ବ୍ୟବସାୟୀ ସଂଘର ସଭାପତି ସୁରେଶ ସୋମନି ସଭାରେ ଅଧକ୍ଷତା କରିଥିଲେ। ସଂଘର କାର୍ଯ୍ୟକାରୀ ସଦସ୍ୟ ଦିବାକର ପାଲ ମଞ୍ଚ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଈଶ୍ୱର ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜି. ଶ୍ୟାମବାବୁ ଦୋରା ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ସଭାପତି ସଙ୍ଗଠନ ଗଢ଼ିବାର ଉଦ୍ଦେଶ୍ୟ ଏବଂ ସଂଘୀୟ ମତ ଉପସ୍ଥାପନ କରିଥିଲେ।

# ୨ ନିଖୋଜଙ୍କ ମୃତଦେହ ମିଳିଲା

**ଚିତ୍ରକୋଣ୍ଡା,୨୭।୪(ଡି.ଏନ୍.ଏ.)**

**ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଡଙ୍ଗା ବୁଡ଼ି ୨ ନିଖୋଜ ଘଟଣା**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ବାଲିମେଳା ଜଳଭଣ୍ଡାରରେ ସୋମବାର ଡଙ୍ଗା ବୁଡ଼ି ୨ ଯୁବକ ନିଖୋଜ ଥିଲେ। ବୁଧବାର ସକାଳେ ଉଭୟଙ୍କ ମୃତଦେହ ମିଳିଛି। ଦୁହେଁ ହେଲେ ଯନ୍ତ୍ରୀ ପଞ୍ଚାୟତ ଅନ୍ତର୍ଗତ ଓରିଙ୍ଗ ଗ୍ରାମର ଜଗନ୍ନାଥ ଗୋଲାରୀ(୧୯) ଏବଂ ପୀତାମ୍ବର ମୁଦୁଲି(୧୯)। ସୂଚନାଯୋଗ୍ୟ, ନାରିଙ୍ଗଝୋଲା ଗ୍ରାମରେ ସୋମବାର ସାପ୍ତାହିକ ହାଟ ସାରି ଅପରାହ୍ନରେ ଜଗନ୍ନାଥ, ପୀତାମ୍ବର ଏବଂ ଭକ୍ତରାମ ମୁଦୁଲି ଏକ ଦେଶୀ ଡଙ୍ଗା ଯୋଗେ ଫେରୁଥିଲେ। ଏହି ସମୟରେ ଓରାପଦର ପାଖରେ ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ିଯାଇଥିଲା। ଫଳରେ ୩ ଜଣ ବୁଡ଼ିଯାଇଥିଲେ। ଭକ୍ତରାମ ପହଁରି ପହଁରି କୂଳରେ ପହଞ୍ଚିବାରେ ସଫଳ ହୋଇଥିଲେ। ହେଲେ ଅନ୍ୟ ଦୁଇ ଜଣ ନିଖୋଜ ଥିଲେ। ଯୋଡ଼ାମ୍ବ ପୋଲିସ ଏବଂ ଚିତ୍ରକୋଣ୍ଡା ଅଗ୍ନିଶମ ବାହିନୀର ମିଳିତ ଉଦ୍ୟମରେ ଦୁହିଁଙ୍କ ମୃତଦେହ ଖୋଜି ବାହାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

# ରାୟଗଡ଼ାରେ ଖବରଦାତାଙ୍କୁ ବୁଷ୍ଟର ଡୋଜ୍

**ରାୟଗଡ଼ା ଅଫିସ,୨୭।୪**

ବିଭିନ୍ନ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ପୁଣି ବୃଦ୍ଧିପାଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ମଧ ସତର୍କ ହେଲେଣି। ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ଏହି କ୍ରମରେ ରାୟଗଡ଼ା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାର୍ଯ୍ୟରତ ଖବରଦାତାମାନଙ୍କୁ ବୁଧବାର କୋଭିସିଲ୍ଡର ବୁଷ୍ଟର ଡୋଜ୍ ଟୀକାକରଣ ଆରମ୍ଭ ହୋଇଛି। ଜିଲା ସଂସ୍କୃତି କାର୍ଯ୍ୟାଳୟଠାରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ଡୋଜ୍ ନେବାର ୯ ମାସ ସମ୍ପୂର୍ଣ୍ଣ ହୋଇଥିବା ଖବରଦାତାମାନଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଛି। ପ୍ରଥମ ଦିନରେ ୩୦ରୁ ଉର୍ଦ୍ଧ୍ୱ ଗଣମାଧମ ପତିନିଧି ଉପସ୍ଥିତ ରହି ଟୀକା ନେଇଥିଲେ। ଅର୍ବାନ୍ ହେଲ୍‌ଥ ଆସିଷ୍ଟାଣ୍ଟ ପ୍ରୋଗ୍ରାମ ମ୍ୟାନେଜର କିରଣ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଦେବାଶିଷ ପ୍ରଧାନ ଏବଂ ଷ୍ଟାଫ ନର୍ସ ନମିତା ନାୟକ ଉପସ୍ଥିତ ରହି ଟୀକା ଦେଇଥିଲେ। ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ରାମଚନ୍ଦ୍ର ପାତ୍ର, ପିତବାସ ବିଶ୍ୱାଳ, ଡମ୍ବରୁ ଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପିଲା, ଅଭିଭାବକ, ଶିକ୍ଷକ ସମ୍ମିଳନୀ

**ଗୁଣପୁର,୨୭।୪(ଡି.ଏନ.ଏ)**

ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟରେ ପିଲା, ଅଭିଭାବକ ଏବଂ ଶିକ୍ଷକଙ୍କ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। କରୋନା ପାଇଁ ଦୀର୍ଘ ଦୁଇ ବର୍ଷ ବ୍ୟବଧାନରେ ସ୍କୁଲ ଖୋଲିବା ପରେ ଏହା ପ୍ରଥମ ସମ୍ମିଳନି ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ରାଜେଶ କୁମାର ଗୁପ୍ତାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷକ ବେଣୁମାଧବ ପଟେଲ ଅନୁଷ୍ଠାନର ନିତି ନିୟମ ବିଷୟରେ ଅବଗତ କରାଇଥିଲେ। ପରେଷ କୁମାର ସାହୁ, ଗୌରବ ବସ୍ତ ଏବଂ ଇତିଶ୍ରୀ ବିଦିଶା ଷଡ଼ଙ୍ଗୀ ଉପସ୍ଥିତ ରହି ଅଭିଭାବକ ମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଅଭିଭାବକମାନଙ୍କ ପକ୍ଷରୁ ପ୍ରଶାନ୍ତ ହୋତା, ପଞ୍ଚାନନ ପଣ୍ଡା, ତ୍ରିପତି ପାଣିଗ୍ରାହୀ, ଆର୍. ଶାନ୍ତିଙ୍କ ସମେତ ଅନେକ ଅଭିଭବାକ ଉପସ୍ଥିତ ଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯିବ ବୋଲି ଅଭିଭାବକମାନଙ୍କ ପକ୍ଷରୁ ଏଠାରେ ସୂଚନା ଦିଆଯାଇଛି।

# ବନଗୁରୁ ଟିମ୍‌କୁ ହରାଇ ବଡ଼ପଦର ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

**ଚିତ୍ରକୋଣ୍ଡା,୨୭।୪(ଡି.ଏନ୍.ଏ.)**

**ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ**

ମାଲକାନଗିରି ଜିଲା ବନଖଣ୍ଡ ଅଧୀନ ଚିତ୍ରକୋଣ୍ଡା ବନାଞ୍ଚଳ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକଙ୍କ ଆହ୍ୱାନ କ୍ରମେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲିଙ୍କ ଅଧକ୍ଷତାରେ ବଡ଼ପଦରଠାରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଭିମାନ ଅଞ୍ଚଳର ୮ ଟିମ୍ ଯଥା ଯୋଡ଼ାମ୍ବ, ଇସକାପାଲି, ପାଲାମ, ଖଜୁରିଗୁମା, ଆର୍‌ଏସ୍‌ସି ୯ ନମ୍ବର, ସାରିଆପାଲି ଓ ବନଗୁର ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବନଗୁରୁ ଏବଂ ବଡ଼ପଦର ଟିମ୍ ମଧରେ ହୋଇଥିଲା। ଏଥିରେ ବଡ଼ପଦର ଟିମ୍ ଚାମ୍ପିୟନ ହୋଇଛି। ସେହିପରି ବନଗୁରୁ ଟିମ୍ ରନର୍ସଅପ ଭାବେ ପୁରସ୍କୃତ ହୋଇଛି। ଅନ୍ୟ ପରାଜିତ ଟିମ୍‌କୁ ମଧ ଏଠାରେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ମାଧମରେ ଆଦିବାସୀ ଜନସାଧାରଣ ବେଷ୍ଟ ଶିକାରରୁ ଦୁରେଇ ରହିବା, ଜଙ୍ଗଲରେ ନିଆଁ ଲଗାଇବାରୁ ଦୂରେଇ ରହିବା, ବନ କର୍ମଚାରୀଙ୍କ ଓ ଜନସାଧାରଣଙ୍କ ମଧରେ କିଭଳି ସୁ ସମ୍ପର୍କ ସ୍ଥାପନ ହୋଇପାରିବ ସେ ନେଇ ସଚେତନ କରାଯାଇଥିଲା। ଟୁର୍ନାମେଣ୍ଟକୁ ଚିତ୍ରକୋଣ୍ଡା ବନପାଳ ମୃତ୍ୟୁଞ୍ଜୟ ସେଠି, ବନପାଳ ନିରଞ୍ଜନ ସାହୁ, ପ୍ରଦୀପ ଗରଡ଼ା, ହରି ହନ୍ତାଳ ଓ ପ୍ରମୋଦ ବାଜିଙ୍ଗ ପରିଚାଳନା କରିଥିଲେ । ଉଦ୍‌ଯାପନି କାର୍ଯ୍ୟକ୍ରମରେ ବଡ଼ପଦର ନାଏବ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।

# ମ୍ୟାଲେରିଆର ଭୟାବହତା ନେଇ ସଚେତନତା

**ଗୁଣପୁର,୨୭।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ରେଗେଡ଼ା ପଞ୍ଚାୟତର ନାଉଡ଼ା ଠାରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଉଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମିନତି ପଲାଇଙ୍କ ତତ୍ତ୍ୱବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ରେଗେଡ଼ା ସମିତି ସଭ୍ୟା ବାସନ୍ତି କଲକା ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକର୍ମୀ ବିଷ୍ଣୁପ୍ରିୟା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଶାରି ଟାଣି ଶୋଇବା ସହ ମ୍ୟାଲେରିଆ ରୋଗର ନିରାକରଣ ଏବଂ ଭୟାବହତା ଉପରେ ସଚେତନ କରାଯାଇଥିଲା।

# ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

**କୋରାପୁଟ,୨୭।୪(ସ୍ୱ.ପ୍ର.)**

କୋରାପୁଟ ଅଗ୍ନିଶମ ବିଭାଗ ଦ୍ୱାରା ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ମକଡ୍ରିଲ ପ୍ରଦର୍ଶନ କରାଯାଇଛି। ଅଗ୍ନିକାଣ୍ଡବେଳେ କିପରି ନିଜକୁ ସୁରକ୍ଷିତ କରିପାରିବେ ଓ ଅନ୍ୟମାନଙ୍କୁ ଉଦ୍ଧାର କରିହେବ ସେ ସମ୍ପର୍କରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି। କୋରାପୁଟ ଅଗ୍ନିଶମ ବିଭାଗର ଏସ୍‌ଓ ସଞ୍ଜୀବ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ୧୦ ଜଣିଆ ଟିମ୍ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ଜିଲାପାଳ ଓ ଉପଜିଲାପାଳଙ୍କ ଅଫିସ କର୍ମଚାରୀ, ଅଧିକାରୀମାନଙ୍କୁ ଏହି କୌଶଳ ଶିଖାଯାଇଛି। ରନ୍ଧନ ଗ୍ୟାସ ଜନିତ ଦୁର୍ଘଟଣା, ଅଫିସ ବାସଗୃହ କିମ୍ବା ବହୁତଳ କୋଠାରେ ଅଗ୍ନିକାଣ୍ଡ ଘଟିଲେ କିପରି ଉଦ୍ଧାର ପାଇହେବ, ଏଥିସହ ପୀଡିତଙ୍କୁ କିପରି ଉଦ୍ଧାର କରି ଚିକିତ୍ସାଳୟ ପଠାଯାଇ ପାରିବ ସେ ସମ୍ପର୍କରେ ଅଗ୍ନିଶମ ବିଭାଗ ପକ୍ଷରୁ କୌଶଳ ପ୍ରଦର୍ଶନ କରାଯାଇଛି।

# ରାୟଗଡ଼ା ଜିଲାରେ ୨୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ

**ରାୟଗଡ଼ା ଅଫିସ,୨୭।୪**

**ଖୋଲାଥିବା ପେଟ୍ରୋଲ ପମ୍ପରେ ଲମ୍ବା ଧାଡ଼ି**

ଯୁଦ୍ଧ ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦର ବଢ଼ିଛି। ଏଥିପାଇଁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପାଇଛି। ଫଳରେ ତୈଳ କମ୍ପାନୀ ସମେତ ପେଟ୍ରୋଲ ଓ ଡିଜେଲ ପମ୍ପ ମାଲିକଙ୍କୁ କ୍ଷତି ସହିବାକୁ ପଡୁଛି। ଏହାର ପ୍ରଭାବରେ ୫ ଦିନ ହେଲା ରାୟଗଡ଼ାରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ଅଭାବ ଦେଖାଦେଇଛି। ଏହାଦ୍ୱାରା ଲୋକେ ନାହିଁ ନଥିବା ସମସ୍ୟାର ସମୁଖୀନ ହେଉଛନ୍ତି। ଲିଟର ପିଛା ତୈଳ କମ୍ପାନୀ ଗୁଡ଼ିକ ୧୦ ଟଙ୍କା କ୍ଷତି ସହୁଥିବା ଦର୍ଶାଯାଇଛି। ଫଳରେ ଯେତିକି ପରିମାଣର ପେଟ୍ରୋଲ ଓ ଡିଜେଲ ଜିଲାରେ ଅର୍ଡର ଅନୁଯାୟୀ ପେଟ୍ରୋଲ ପମ୍ପ ଗୁଡ଼ିକୁ ଆସୁଥିଲା ଏବେ ସେଥିରେ ବାଧା ସୃଷ୍ଟି ହୋଇଛି।

ରାୟଗଡ଼ା ଜିଲାରେ ପ୍ରାୟ ୮୫ ଟି ପେଟ୍ରୋଲ ପମ୍ପ ଓ ଡିଜେଲ ପମ୍ପ ରହିଛି। ଜିଲାରେ ପେଟ୍ରୋଲ ଦର ୧୧୬.୩ ଟଙ୍କା ରହିଥିବା ବେଳେ ଡିଜେଲ ୧୦୫.୯୨ ଟଙ୍କା ରହିଛି। ଜିଲାରେ ପେଟ୍ରୋଲ ଅଭାବ ଯୋଗୁ ୨୦ରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପ ବନ୍ଦ ରହିଥିବା ଜଣାପଡ଼ିଛି। ରାୟଗଡ଼ା ସହରରେ ମଧ ପେଟ୍ରୋଲ କେତୋଟି ପମ୍ପ ବନ୍ଦ ରହିଛି। ଏହାଦ୍ୱାରା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯେଉଁଠାରେ ପେଟ୍ରୋଲ ପମ୍ପ ଖୋଲା ରହୁଛି ସେଠାରେ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀ ଏହାର ଲାଭ ଉଠାଇ କଳାବଜାର କରୁଛନ୍ତି। ମୁଖ୍ୟତଃ ଗ୍ରାମାଞ୍ଚଳରେ ଏହା ଅଧିକ ହେଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ କଳାବଜାର ରୋକିବାକୁ ଦାବି ହେଉଛି।

# ପ୍ରଶାସନର ହସ୍ତକ୍ଷେପରେ ଉଠିଲା ମୃତଦେହ

**ଟିକିରି,୨୭।୪(ଡି.ଏନ୍.ଏ.)**

**ଜମି ହଡପ ଅଭିଯୋଗରେ ଶାଶୁଙ୍କ ମୃତଦେହ ରଖି ଧାରଣ ଘଟଣା**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିଠାରେ ଜମି ହଡ଼ପ ଘଟଣାରେ ଶାଶୁଙ୍କ ମୃତଦେହ ରଖି ବୋହୂ ଧାରଣା ଦେବା ଘଟଣାରେ ପ୍ରଶାସନ ହସ୍ତକ୍ଷେପରେ ଦୀର୍ଘ ୩୦ ଘଣ୍ଟାପରେ ବୋହୂ ଧାରଣାରୁ ହଟିବା ସହ ମୃତଦେହ ଉଠାଇ ନେଇଛନ୍ତି। ସ୍ଥାନୀୟ ପୋଲିସ ଏବଂ ମାଜିଷ୍ଟ୍ରେଟଙ୍କ ହସ୍ତକ୍ଷେପ ପରେ ଜମି କ୍ରେତାଙ୍କ ଅନୁପସ୍ଥିତରେ ତାଙ୍କ ପୁଅ ଜମି କିଣାବିକାର ସମସ୍ତ ଦଲିଲ, ସାକ୍ଷୀ ଓ ପ୍ରମାଣ ଥାନାରେ ଉପସ୍ଥାପନ କରିବା ଏବଂ ଏହି ସମୟ ପର୍ଯ୍ୟନ୍ତ ଗୋଦାମକୁ ବନ୍ଦ ରଖିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। କାଶୀପୁର ତହସିଲଦାର ତଥା ମାଜିଷ୍ଟ୍ରେଟ ଶରତ ଶବର, ଟିକିରି ଥାନା ଅଧିକାରୀ ବନ୍ଦନା ନାୟକ ଏବଂ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତରେ କ୍ରେତାଙ୍କ ପୁଅ ଲିଖିତ ପ୍ରତିଶ୍ରୁତି ଦେବାପରେ ଗୋଦାମ ବାରଣ୍ଡାରୁ ମୃତଦେହ ଉଠିଥିଲା।

ସୂଚନାଯୋଗ୍ୟ, ସୋମବାର ରାତିରେ ଶାଶୁ ଗେଲମଣି ନାୟକ(୭୦)ଙ୍କ ମୃତ୍ୟୁ ହୋଇଥିଲା। ଭବାନୀପାଟଣାରେ ରହୁଥିବା ବୋହୂ ଭାନୁମତୀ ମୃତଦେହକୁ ଧରି ଟିକିରିରେ ପହଞ୍ଚିବା ପରେ ସମ୍ପର୍କୀୟମାନଙ୍କ ସହଯୋଗରେ ଗ୍ରାମର ନରସିଂହ ଷଡ଼ଙ୍ଗୀଙ୍କ ଗୋଦାମ ଘର ଆଗରେ ଧାରଣାରେ ବସିଥିଲେ। ଭାନୁମତିଙ୍କ କହିବା ହେଲା ଶାଶୁଙ୍କ ନାମରେ ଥିବା ମୂଲ୍ୟବାନ ଜମି ଏବଂ ଘରକୁ ନରସିଂହ ଷଡ଼ଙ୍ଗୀ ହଡ଼ପ କରି ତାଙ୍କୁ ଏକ ପରିତ୍ୟକ୍ତ ଗୃହରେ ଅସହାୟ ଅବସ୍ଥାରେ ରଖିଥିଲେ। ପରେ ଶାଶୁଙ୍କୁ ନିଜ ଭବାନୀପାଟଣା ନେଇ ନିଜ ପାଖରେ ରଖି ସେବା ଶୁଶ୍ରୁଷା କରୁଥିଲି। ସୋମବାର ତାଙ୍କର ମୃତ୍ୟୁ ଘଟିବା ପରେ ଟିକିରି ନେଇ ଆସିଛି ବୋଲି ସେ କହିଛନ୍ତି। ସେହିପରି ହଡ଼ପ ଜମି ଫେରି ପାଇବାରେ ପୁଅ ଏବଂ ବୋହୂ ହିସାବରେ କୋର୍ଟରେ ମାମଲା ରହିଛି। ସ୍ୱାମୀଙ୍କ ମୃତ୍ୟୁ ପରେ ନିଜ ଗାଁ କୁ ଫେରିଯାଇ ଅଙ୍ଗନୱାଡ଼ିରେ କାମ କରି ଚଳୁଥିବା ଭାନୁମତି କହିଛନ୍ତି। ପାଖରେ ଜଣେ ନଣନ୍ଦ ମଧ ରହୁଛନ୍ତି । ଏବେ ଟିକିରି ଆସିବା ପରେମୁଣ୍ଡ ଗୁଞ୍ଜିବାକୁ ଜାଗା ନାହିଁ। ତେଣୁ ନ୍ୟାୟ ଦାବିରେ ସେ ନିଜ ଜମି ଉପରେ ନିର୍ମାଣ ହୋଇଥିବା ଗୋଦାମ ଘର ଆଗରେ ଶାଶୁଙ୍କ ମୃତଦେହ ରଖି ଧାରଣା ବସିଥିଲେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଦେଶୀ ମଦ ଜବତ, ୪ ବେପାରୀ ଗିରଫ

**କୋଡିଙ୍ଗା, ୨୭।୪(ଡି.ଏନ୍.ଏ.) :** ନବରଙ୍ଗପୁର ଜିଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶ ଓ ନବରଙ୍ଗପୁର ଅବକାରୀ ନିରୀକ୍ଷକ ସୁଧାର କୁମାର ସାହୁଙ୍କ ନେତୃତ୍ୱରେ କୋଷାଗୁମୁଡା ଓ କୋଡିଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଚଢ଼ାଉ କରାଯାଇଛି। ଏହି ଚଢ଼ାଉବେଳେ ବହୁ ପରିମାଣରେ ଦେଶୀ ମଦ ଓ ପୋଚ ଜବତ କରାଯିବା ସହ ୪ ଜଣଙ୍କୁ ଗିରଫ କରାଯାଇଥିବା କୋଡିଙ୍ଗା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତମାନେ ହେଲେ ଲିମଭଟା ଗ୍ରାମର କମାନଟତା ସମରଥ, ମିରିଗୁଡା ଗ୍ରାମର ଚଦମା ଭତ୍ରା, ଆସଙ୍ଗା ଗ୍ରାମର ଦଶନୀ ଭତ୍ରା ଓ ମହିଗୁଡା ଗ୍ରାମର ଚନ୍ଦ୍ର ଭତ୍ରା। ସୂଚନାନୁଯାୟୀ, କୋଷାଗୁମୁଡ଼ା ବ୍ଲକର ରାଜୋଡା, ମାଣ୍ଡିଗୁଡା, ବଡଗଡ଼, ବୁରୁଗୁଡ଼ା, ମିରିଗୁଡା, ଲିମଭଟା ଓ ଆସଙ୍ଗାରେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଜବତ ହୋଇଥିବା ୧୧୦ ଲିଟର ଦେଶୀ ମଦ ଓ ପ୍ରାୟ ୧୨୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ାଉରେ କୋଡିଙ୍ଗା ଅବକାରୀ ବିଭାଗର ଏସ୍ଆଇ ହରପ୍ରସାଦ ରଣା, ଏଏସ୍ଆଇ ଗଜେନ୍ଦ୍ର ଜାନୀ, ରାଜେନ୍ଦ୍ର ପଟ୍ଟନାୟକ, ଅବକାରୀ କନଷ୍ଟେବଳ ଆକୁମ ଖାନ, ଦେବେନ୍ଦ୍ର ସମରଥ, ଜିନା ବଡ଼ନାୟକ, ରଞ୍ଜିତ ଫି ପ୍ରମୁଖ ସାମିଲ ଥିଲେ।

### ପ୍ରଚଣ୍ଡ ତାତିରେ ଜନଜୀବନ ଅସ୍ତବ୍ୟସ୍ତ

**ଆସିକା,୨୭।୪(ଡି.ଏନ୍.ଏ.):** ଆସିକା ଅଞ୍ଚଳରେ ଗତ ସପ୍ତାହେ ହେଲା ପ୍ରଚଣ୍ଡ ଗୋଡ଼ି ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୯ଟାରୁ ଅପରାହ୍ନ ୫ଟା ଯାଏଁ ତାତି ରହୁଛି। ପୂର୍ବାହ୍ନ ୧୧ଟା ପରେ ରାସ୍ତାଘାଟ ଓ ବଜାର ଶୁନଶାନ ହୋଇଯାଉଛି। ବସଗୁଡ଼ିକ ଯାତ୍ରୀ ଶୂନ୍ୟ ରହୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ବାରମ୍ବାର ବିଦ୍ୟୁତ କାଟ ପରିସ୍ଥିତିକୁ ଅଧିକ ଅସମାଳ କରୁଛି। ସହରାଞ୍ଚଳର ପାନୀୟ ଜଳଯୋଗାଣ ସ୍ୱାଭାବିକ ହୋଇପାରୁ ନଥିବା ଯୋଗୁଁ ବିଭିନ୍ନ ସାହି ବସ୍ତିରେ ଜନସାଧାରଣ ଜଳ ସଙ୍କଟକୁ ମଧ ସାମନା କରୁଛନ୍ତି।

# କୋରାପୁଟ ଜଳବାୟୁ କଫି ପାଇଁ ଅନୁକୂଳ

## ଶାବର ଶ୍ରୀକ୍ଷେତ୍ର ବୁଲିଲେ ଉଷା ପାଢ଼ୀ



**କୋରାପୁଟ,୨୭।୪(ସ୍ୱ.ପ୍ର.)**

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ଯୁଗ୍ମ ସଚିବ ତଥା ଆକାଂକ୍ଷୀ ଜିଲା ପ୍ରଭାରୀ ଉଷା ପାଢ଼ି ୨ ଦିନିଆ କୋରାପୁଟ ଗସ୍ତ ସାରି ବୁଧବାର ଦିଲ୍ଲୀ ଫେରିଯାଇଛନ୍ତି। ବୁଧବାର ଦ୍ୱିତୀୟ ଦିନରେ ସେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ପରିଦର୍ଶନ କରିଥିଲେ। ଜଗନ୍ନାଥ ନିକଟରେ ଦୀପ ଜାଳି ସେ ପୂଜାର୍ଚ୍ଚନା କରିଥିଲେ। କୋରାପୁଟରେ ଏହି ଜଗନ୍ନାଥ ମନ୍ଦିର କେବଳ ଏକ ପୂଜାସ୍ଥଳୀ ନୁହେଁ ବରଂ କୋରାପୁଟ ଅଞ୍ଚଳର ସାଂସ୍କୃତିକ ବୈଭବ ବୋଲି ସେ କହିଛନ୍ତି। ଉଷା ପାଢ଼ି କୋରାପୁଟ ଜିଲାର କଫିର ଉତ୍କୃଷ୍ଟ ମାନକୁ ପ୍ରଶଂସା କରିଛନ୍ତି। କୋରାପୁଟ କଫି ଦିଲ୍ଲୀରେ ବେଶ ଆଦୃତ ହୋଇପାରିଥିବା ସେ କହିଛନ୍ତି। ଏହାର ମାନ ଠିକ ରହିଲେ ବିମାନ ସେବା ଯୋଗାଣକାରୀ ସଂସ୍ଥା ମଧ୍ୟ ସେମାନଙ୍କ ଯାତ୍ରୀଙ୍କ ପାଇଁ କୋରାପୁଟ କଫି ପରିବେଷଣ କରିବା କିଛି ଅସମ୍ଭବ ନୁହେଁ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହାପରେ ସେ କୋରାପୁଟ ଜିଲାର ବୋରିଗୁମ୍ମା ବ୍ଲକର ଶଶାହାଣ୍ଡି ସରକାରୀ ହାଇସ୍କୁଲରେ ମିଶନ ଶକ୍ତି ଦ୍ୱାରା ଆୟୋଜିତ ଫୁଡକୋର୍ଟ କାର୍ଯ୍ୟକମରେ ଯୋଗଦେଇଥିଲେ। ସୂଚନାନୁଯାୟୀ, ମଙ୍ଗଳବାର ରାତିରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଉଷା ପାଢ଼ି ଯୋଗଦେଇ ଜିଲାର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। କୋରାପୁଟ ଜିଲାରେ କଫି ପାଇଁ ଅନୁକୂଳ ଜଳବାୟୁ ରହିଥିବାବେଳେ ଏହାର ଫାଇଦା ନେବାକୁ ଜିଲା ପ୍ରଶାସନ ପକ୍ଷରୁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। କଫିକୁ ଏକ ଶିଳ୍ପର ମାନ୍ୟତା ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର କଫିଚାଷକୁ ଅଧିକ ପ୍ରୋତ୍ସାହିତ କରିବାର ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ଆସନ୍ତା ଜୁନ ମାସରେ ଜୟପୁରରୁ ଉଡାନ ଯୋଜନାରେ ବିମାନ ଚଳାଚଳ ଆରମ୍ଭ ହେବ। ଏହାଫଳରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ପର୍ଯ୍ୟଟକ ଜିଲାକୁ ଆସିବା ସହ ଜିଲାରେ ରହିଥିବା ପ୍ରାକୃତିକ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି।

# ଭଙ୍ଗା ମାଟି କୁଡିଆରେ ବିତୁଛି ଦୃଷ୍ଟିହୀନ ରସଙ୍କ ଜୀବନ



ଭଙ୍ଗା ଘର ଆଗରେ ରସ ଜାନୀ।

## ମିଳୁନି ଆବାସ ଘର

**ଦଶମନ୍ତପୁର, ୨୭।୪ (ଡି.ଏନ୍.ଏ.)**

ସରକାର ଅସହାୟଙ୍କ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ସେଗୁଡିକ ସେମାନଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗାଡିଆଗୁଡା ପଞ୍ଚାୟତ ସବର ମହକୁମାର ଦୃଷ୍ଟି ହୀନ ମହିଳା ରସ ଜାନୀ ( ୪୦)ଙ୍କ ପାଖରେ। ରସଙ୍କ ପାଖରେ ନିଜର ବୋଲି କେହି ନାହାନ୍ତି। ଦଦରା ଝାଟିମାଟି କୁଡ଼ିଆ ଘରେ ରହି ଆସୁଛନ୍ତି। ପିଲାଟି ଦିନରୁ ବର୍ଷ ବର୍ଷ ଧରି ସେହି ଝାଟି, ମାଟି କୁଡିଆ ଆଶ୍ରୟ ନେଇଥାନ୍ତି। ବର୍ଷା ଦିନେ ତାଙ୍କ ଘରେ ପାଣି ଗଳେ। ବାରମ୍ବାର ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ପଲିସଭା ଓ ଗ୍ରାମସଭାରେ ନାମ ପଞ୍ଜିକରଣ କରିଆସୁଥିଲେ ହେଁ ତାଙ୍କ ଗୁହାରି ପ୍ରଶାସନିକ ଅଧିକାରୀମାନେ ଆଣଦେଖା କରୁଛନ୍ତି ବୋଲି ସେ କହିଛନ୍ତି। ଏବେ ରସଙ୍କୁ କେବଳ ସରକାରଙ୍କ ୫ ଶହ ଟଙ୍କିଆ ଭତ୍ତା ଓ ଟଙ୍କିକିଆ ଚାଉଳମିଳୁଛି। ସେଥିରେ ତାଙ୍କ ଗୁଜୁରାଣ ମେଣ୍ଟୁଛି। ରସଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଏସମ୍ପର୍କରେ ବିଡିଓ ଡ଼ମ୍ବରୁଧର ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ସେ ସମ୍ପୃକ୍ତ ପିଇଓଙ୍କଠାରୁ ଏସମ୍ପର୍କରେ ବୁଝିବି ବୋଲି କହିଛନ୍ତି।

# ଉନ୍ନୟନ କାର୍ଯ୍ୟରେ ଲୋକପ୍ରତିନିଧି ଓ ଗଣମାଧ୍ୟମର ଭୂମିକା ନେଇ ଆଲୋଚନା

**ମୁନିଗୁଡ଼ା,୨୭।୪(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଲଟାଗୁଡ଼ା ଫାର୍ମହାଉସ ପରିସରରେ ମୁନିଗୁଡ଼ାର ଯୁବ ନେତୃତ୍ୱ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ବୁଧବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସ୍ଥାନୀୟ ଅଞ୍ଚଳର ଉନ୍ନୟନରେ ଲୋକପ୍ରତିନିଧି ଓ ଗଣମାଧ୍ୟମର ଭୂମିକା' ଶୀର୍ଷକକୁ ନେଇ ଆଲୋଚନା ହୋଇଥିଲା। ମୁନିଗୁଡ଼ା ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଯୁବନେତା ଜଗନାଥ ନୁଣ୍ଡରୁକା ଓ ଧୀରେନ୍ଦ୍ର ପାଣିଗ୍ରାହୀ ସଂଯୋଜନା କରିଥିଲେ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ବିଭିନ୍ନ ସମୟର ଉତ୍ତରଦାୟିତ୍ୱକୁ ଜଗନାଥ ପ୍ରଶଂସା କରିବା ସହ ସମାଜ ଆଉ ରାଷ୍ଟ୍ର ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ସ୍ମରଣ କରାଇଥିଲେ। ପ୍ରେସ୍କ୍ଲବ ସଭାପତି ସାଧାରଣ ଲୋକଙ୍କ ପ୍ରତି ସର୍ମପିତ ସେବା ଆଉ ରାଷ୍ଟ୍ର ପ୍ରତି ଦାୟିତ୍ୱବୋଧତା ସାମ୍ବାଦିକଙ୍କ ଧ୍ୟେୟ ହେବା ଆବଶ୍ୟକ ବୋଲି କହିଥିଲେ। ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ ମିଳିଲେ ଉନ୍ନୟନର ଗତି ଆହୁରି ତୀବ୍ର ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସ୍କ୍ଲବ ସମ୍ପାଦକ ନିରଞ୍ଜନ ସାହୁ, ଖବରଦାତା ରାଧେଶ୍ୟାମ ଅଗ୍ରୱାଲ, ମନୋରଞ୍ଜନ ଦଳାଇ, ନନ୍ଦକିଶୋର ପଟ୍ଟନାୟକ, ଗଣେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଆଦର୍ଶ କୁମ୍ଭିଲିଆ, ସ୍ଥାନୀୟ ସରପଞ୍ଚ ପ୍ରକାଶ କରସିକା, ସମିତିସଭ୍ୟ ସାମନ୍ତ ଆମ୍ବାଦି, ଯୁବନେତା ରବି ଦଳେଇ, ଟୁନା କରକରିଆ ଓ ଯିତେନ୍ଦ୍ର ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିତ୍ସା ଅଭାବରୁ ନାବାଳିକାଙ୍କ ମୃତ୍ୟୁ ଅଭିଯୋଗ

**କବିସୂର୍ଯ୍ୟନଗର,୨୭।୪(ଡି.ଏନ.ଏ.)**

କବିସୂର୍ଯ୍ୟନଗର ଡାକ୍ତରଖାନାରେ ଚିକିତ୍ସା ଅଭାବରୁ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ କବିସୂର୍ଯ୍ୟନଗରର ଜାନକୀ ନାହାକଙ୍କ ଝିଅ ପାର୍ବତୀ(୭)। ଝିଅର ଝାଡା ହେଉଥିବାରୁ ଜାନକୀ ବୁଧବାର ଡାକ୍ତରଖାନା ନେଇଥିଲେ। ସେଠାରେ ବିଳମ୍ବରେ ତାଙ୍କର ଚିକିତ୍ସା କରାଯିବା ସହ ମାତ୍ରାଧିକ ମେଡ଼ିସିନ ଦିଆଯାଇଥିଲା। ଏପରକି ଅପରାହ୍ନ ୫ଟା ଯାଏ ତାଙ୍କୁ ଉତ୍ତମ ଚିକିତ୍ସା ମିଳି ନଥିଲା। ତେଣୁ ଝିଅର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି।

# ପୂର୍ବଭଳି ଚାଲିବ ସମତା ଏକ୍ସପ୍ରେସ

**ଭୁବନେଶ୍ୱର,୨୭।୪**

ଦକ୍ଷିଣ ପୂର୍ବ ରେଳପଥ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ବିଶାଖାପାଟଣା–ହଜରତ ନିଜାମୁଦ୍ଦିନ–ବିଶାଖାପାଟଣା ସମତା ଏକ୍ସପ୍ରେସକୁ ସାମୟିକଭାବେ ବାତିଲ କରାଯାଇଥିଲା। ବିଶାଖାପାଟଣା ଠାରୁ ଏପ୍ରିଲ୍ ୨୬ରୁ ନିଜାମୁଦ୍ଦିନରୁ ୨୮ରୁ ବାତିଲ କରାଯାଇଥିଲା। ଯାତ୍ରୀଙ୍କ ସୁବିଧା ଏବଂ ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀଙ୍କ ଆବଶ୍ୟକତା ତଥା ଆଗ୍ରହକୁ ଦେଖି ସମତା ଏକ୍ସପ୍ରେସକୁ ବାତିଲ କରିବା ବଦଳରେ ପୁନଃ ଚଳାଚଳ ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ସମତା ଏକ୍ସପ୍ରେସ ବିଶାଖାପାଟଣା ଠାରୁ ୨୮ ରୁ ଏବଂ ନିଜାମୁଦ୍ଦିନରୁ ୩୦ ରୁ ନିର୍ଦ୍ଧାରିତ ମାର୍ଗ ଏବଂ ସମୟ ସାରଣୀ ଅନୁଯାୟୀ ଚଳାଚଳ କରିବ ବୋଲି ସୂଚନା ମିଳିଛି।

# ବଡ଼ଗାଁକୁ ହରାଇ ଗେଟସାହି ଚାମ୍ପିୟନ




ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ପଟ୍ଟାଙ୍ଗୀ, ୨୭।୪(ଡି.ଏନ୍.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ପଞ୍ଚାୟତ ଅଧୀନ ପଡାଲଗୁଡା ଗ୍ରାମରେ ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍ଯାପିତ ହୋଇଛି। ଗେଟସାହି ସାହି ଓ ବଡଗାଁ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଗେଟସାହି ୨୯ ପଏଣ୍ଟ ପାଇ ବିଜୟୀ ହୋଇଛି। ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟ ଦଳ ଗେଟ ସାହିକୁ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ସମିତି ସଭ୍ୟା ଶିବାନୀ ନାୟକ, ସରପଞ୍ଚ ଆଲମେ ଫୁଲ, ପୂର୍ବତନ ସରପଞ୍ଚ ଭଗବାନ ଖରା, କୃଷ୍ଣଚନ୍ଦ୍ର ଜାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରନର୍ସଅପ୍ ବଡ଼ଗାଁ ଦଳକୁ ୬ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ରେଫେରି ଭାବେ ଟୁନା ଟାକୁଆ, ପ୍ରଫୁଲ୍ଲ ବେହେରା ଏବଂ ରବି ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟ ମ୍ୟାନେଜର ତ୍ରିନାଥ ଗେମେଲ, ଉପଦେଷ୍ଟା ଶରତ ଧଳ, ଭଗବାନ ପଡାଲ, ଜଳେନ୍ଦ୍ର ପଡାଲ, ଲଛମନ ପଡାଲ, ଶିବ କାଲ୍ ପାଡିଆ, ଚନ୍ଦ୍ର ପଡାଲ ଓ ମୋହନ କାଲ୍ ପାଡିଆ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ବୁଝାମଣା ପରେ ଜଙ୍ଗଲକଟା ବିବାଦର ସମାଧାନ

**କୋଡିଙ୍ଗା,୨୭।୪(ଡି.ଏନ୍.ଏ.)**

ଦୀର୍ଘ ଦିନ ହେବ ଧରି ପୂଜାରୀଗୁଡା ଜଙ୍ଗଲ କଟାକୁ ନେଇ ଗ୍ରାମର ୨ଗୋଷ୍ଠୀକୁ ନେଇ ଉପୁଜିଥିବା ସମସ୍ୟାରେ ବବୁଧବାର ପୂର୍ଣ୍ଣଚ୍ଛେଦ ପଡିଛି। କୋଡିଙ୍ଗା ରେଞ୍ଜର କାମେଶ୍ୱର ଆଚାରୀଙ୍କ ଅଧକ୍ଷତାରେ ଗ୍ରାମର ୨ଗୋଷ୍ଠୀକୁ ନେଇ କୋଡିଙ୍ଗା ରେଞ୍ଜ କାର୍ଯ୍ୟାଳୟରେ ଏକ ବୈଠକରେ କରାଯାଇଛି। ଆଗାମୀ ଦିନରେ ଜଙ୍ଗଲକୁ କେହି କାଟିବେ ନାହିଁ । ଏଥିସହ ଜଙ୍ଗଲର ସୀମା ଚିହ୍ନଟ କରାଯିବ। ଆବଶ୍ୟକ ସ୍ଥଳେ ଉଭୟ ଗୋଷ୍ଠୀ ମିଳିତଭାବେ ଜଙ୍ଗଲ କ୍ଲିନିଙ୍ଗ କରି ଶୁଖିଲା ଜାଳ ସଂଗ୍ରହ କରିପାରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ କୋଡିଙ୍ଗା ରେଞ୍ଜର, କୋଡିଙ୍ଗା ରେଞ୍ଜ ଅଧୀନର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରାଗାର୍ଡ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତଥିଲେ। ସୂଚନାନୁଯାୟୀ, ପୂଜାରୀଗୁଡା ଗ୍ରାମରେ ଦୀର୍ଘ ଦିନ ଧରି ୫ଏକରରୁ ଉର୍ଦ୍ଧ୍ୱ ଜଙ୍ଗଲକୁ ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ରକ୍ଷଣାବେକ୍ଷଣା କରି ଜଙ୍ଗଲକୁ ବଢାଇ ଆସୁଥିଲେ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଗ୍ରାମବାସୀ ପରିବାର ପ୍ରତିପୋଷଣ କରନ୍ତି। ତେବେ ଗ୍ରାମର କେତେଜଣ ବ୍ୟକ୍ତି କାହାକୁ କିଛି ନ ଜଣାଇ ଜଙ୍ଗଲ କାଟି ପଦା କରିଥିବା ନେଇ ପୂଜାରୀଗୁଡା ଗ୍ରାମର ଜଙ୍ଗଲ ରକ୍ଷଣାବେକ୍ଷଣା କରୁଥିବା ଗୋଷ୍ଠୀ କୋଡିଙ୍ଗା ରେଞ୍ଜର ଓ ତହସିଲଦାରଙ୍କୁ ଜଣାଇଥିଲେ। ପରେ ନବରଙ୍ଗପୁର ଡିଏଫଓ ଓ ଜିଲା ପ୍ରଶାସନ ନିକଟରେ ସେମାନେ ଫେରାଦ ହୋଇଥିଲେ। ୨୨ତାରିଖରେ ଗୁମଣ୍ଡଳୀ ନର୍ସରୀରେ ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା ।

# ରାଇଘର ବିଇଓଙ୍କୁ ଚନ୍ଦାହାଣ୍ଡି ଅତିରିକ୍ତ ଦାୟିତ୍ୱ

**ଚନ୍ଦାହାଣ୍ଡି, ୨୭।୪(ଡି.ଏନ୍.ଏ.)**

ଚନ୍ଦାହାଣ୍ଡି ବିଇଓ ଉଗ୍ରେସନ ନାୟକ ଅବସର ନେବାପରେ ଚନ୍ଦାହାଣ୍ଡି ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡିଥିଲା। ଫଳରେ ଦୁଇ ମାସ ହେବ ଚନ୍ଦାହାଣ୍ଡି ବ୍ଲକର ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହେଉଥିଲେ। ଏହା ମଧ୍ୟରେ ବୁଧବାର ରାଇଘର ବିଇଓ ଇଶ୍ୱର ଚନ୍ଦ୍ର ମାଝିଙ୍କୁ ଚନ୍ଦାହାଣ୍ଡି ବ୍ଲକ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେ ଚନ୍ଦାହାଣ୍ଡି ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କାର୍ଯ୍ୟରେ ଯୋଗ ଦେବାପରେ ଏବିଇଓ ପ୍ରେମଚାନ୍ଦ ସିଂ ଧୁରୁଆ, ନୀଳକଣ୍ଠ ଦାଶ, ବିଜୟାନନ୍ଦ ସୋରୀ, ଶିକ୍ଷକ ସଂଘ ସଭାପତି ପଦ୍ମଲୋଚନ ସାହୁ , ପ୍ରସନ୍ନ ନାୟକ, ପର୍ଶୁରାମ ସୁନାନୀ, ବଳଭଦ୍ର ବିଷୋୟୀ, ବିଶ୍ୱରଞ୍ଜନ ପଣ୍ଡା, ଚନ୍ଦ୍ରଧ୍ୱଜ ଡଙ୍ଗରୀ, ସୀମାଞ୍ଚଳ ରଥ, ପ୍ରେମଚାନ୍ଦ ବିଷୋୟୀ ଏବଂ ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ମାଝି ବାବୁରିଆ ସ୍କୁଲ ପରିଦର୍ଶନରେ ଯାଇଥିଲେ।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RWS&S DIVISION, RAIRANGPUR**
NATIONAL COMPETITIVE BIDDING THROUGH e-Tendering
**1st Corrigendum to Bid Identification No.85 of 2021-2022**

**No.O-131:** In partial modification to this office Bid Identification No.85 of 2021-2022, the following amendment is made.

1. The last date of bid submission in online is extended up to 17.00 hours of dt.17.05.2022
2. The last date of seeking tender clarification is extended up to 13.00 hours of dt. 13.05.2022
3. The date of opening of the technical bid in online is extended up to 11.00 hours of dt.18.05.2022. All other terms and conditions remains unaltered.

Sd./-Superintending Engineer,RWS&S Division,Rairangpur
OIPR-25010/11/0005/2223

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA,
DIST.: MALKANGIRI, (ODISHA), PIN: 764051, Phones: 06861-232581 (O)/232641 (R),
FAX: 06861-232541, E-mail: unit.head_balimela@yahoo.com
**REGD. OFFICE: ODISHA HYDRO POWER CORPORATION LIMITED**
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR - 22, Tel.: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPOWER
E-mail: ohpc.co@gmail.com / md@ohpcltd.com, WEB: www.ohpcltd.com
**TCN NO.: BHEP/DE III/PRINTING 001/09/2022-23 DATED: 27.04.2022**
No. CAD-319: Sealed tenders are invited from the reputed Printing Press/Agencies/ Firms for supply of Printing Materials to BHEP, Balimela as mentioned below:

| Sl. No. | Description of Materials | Cost of Tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of Bid |
|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 |
| 01 | Supply of Printing Materials to BHEP, Balimela | Rs.2360/- (2000/- + GST @ 18% = Rs.360/-) | NIL Bid security declaration form to be submitted against EMD | 02.05.2022 to 11.00 hrs. on 12.05.2022 | 12.05.2022 upto 11.00 A.M. | 12.05.2022 at 11.30 A.M. |

For details of the tender documents, terms & conditions please visit our website: www.ohpcltd.com.

Sd./- C & P Head
BHEP, Balimela
OIPR-04019/11/0015/2223

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No. CAD-336
**TENDER ALERT**

**1) E-Tender Notice No.CPC-59/2021-22:** Engineering, Supply, Erection, Testing and Commissioning of 2nd 132kV Feeder bay both at 132/33 kV Grid S/S Padampur & 132/33kV Grid S/S Nuapada in Bargarh & Nuapada district of Odisha respectively on Turnkey Contract Basis.
**2) Tender Notice No.SLDC-01/2022-23:** Selection of Project Management Consultant (PMC) to assist SLDC/OPTCL in implementation of of Scheduling, Accounting, Metering and Settlement of Transactions in Electricity (SAMAST)" with an estimated cost of Rs.2.5842 Crore.
Complete set of bidding documents are available on **www.tenderwizard.com/OPTCL** portal and OPTCL's official website: **www.optcl.co.in.**

HIPR-04/2022-23
OIPR-04011/11/0014/2223

**idco** Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
No. CAD-322
Tender Call Notice No. IDCO/HO/P&C/EST/E-1710/03/2021/10105 Dated: 25.04.2022
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work : Upgradation of IDCO proposed Internal Road No. 6 (From SH to IDCO Plot No. 3B) of 18.00 mtr. RoW with RCC Cast-in-Situ Drain at Ramdaspur Industrial Estate, Barang, Cuttack, Odisha (410 mtr. length).
2. Estimated Cost : Rs.129.90 lakh
3. Period of Completion : 03 (Three) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/EST/E-11/2022-23 | 04.05.2022 at 17.00 hrs. | 19.05.2022 upto 17.00 hrs. |

Further details can be seen from the e-Procurement Portal: **www.tendersodisha.gov.in.** and Corrigendum if any will not be published in Newspapers and can only be seen in the e-Procurement portal **www.tendersodisha.gov.in** and **www.idco.in**
OIPR-14003/11/0030/2223
Sd./- Chief General Manager (P&C), IDCO, Bhubaneswar

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା,କଟକ**
**DIRECTORATE OF FISHERIES, ODISHA, CUTTACK**
Ph-0671 -2414061, Fax-0671-2410521
E-mail Id- director.odifish@gmail.com
Notice- No.5889 /F P & F -XVII- 02/22 / Dated.25.04.2022
**SHORT QUOTATION CALL NOTICE**
**FOR PRINTING OF LEAFLETS AND BOOKS**
**No.M-09:** Sealed Quotations are invited from interested Firms/ Suppliers/ Printing press/ Publishers for printing and supply of Matsya Darpan(News letter), Leaflets, Books, Compedium, Paper folders etc for the Directorate of Fisheries, Odisha , Cuttack for the year 2022-23. The details in this regard vide Notice No- 5885/dt.25.04.22 is available in the Website of FISHFED- www.fishfedodisha.in which can be downloaded. The last date of receipt of quotation with all documents is 13th May, 2022 latest by 1.00 PM through Registered /Speed Post only.

Sd./- DIRECTOR
OIPR-06015/11/0004/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-333: OSIC GST No. 21AAACO2101M1Z1
**TENDER CALL NOTICE**
Ref. No.1913/OSIC/MKT Dt.27.04.2022
The OSIC Ltd., Cuttack invites sealed bids from experienced vendors empanelled with OSIC for supply of ALNA with mirror and 8 box combined for use of boarder students staying in SSD Hostels in Mayurbhanj District. The detail schedules, terms and conditions of the tender document can be downloaded from www.osicltd.in . Any corrigendum/ changes/ modifications will appear in OSIC Ltd. website: www.osicltd.in only and the responsibility lies with the bidders to download the same before the last date of submission of bids.

By order of MD
Sd/-Manager(Mktg)
OIPR-14073/11/0012/2223

**WATCO**
**OFFICE OF THE GENERAL MANAGER,**
**WATCO DIVISION-I, VANIVIHAR SQUARE**
**BHUBANESWAR, ODISHA, PIN-751022**
Phone / FAX: - 0674-2542821 / e-Mail: gmdivonewatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
No.C-163: GMWATCO-I/6/ 2022-23 Dt.25.04.2022
No.2204, Date 25.04.2022
01.Name of the work : Provision for shifting of 150 mm water supply pipe line from Nuagan sqr. To Gothapatana near ROTI for Improvement of road (4-lanning) from Nuagan to Kateni, under WATCO Section Ghatikia, Bhubaneswar
02 Estimate cost : Rs. 83.14 lakh
03 Period of completion : 3 (Three Months)
04 Date & Time of availability of bid document In the portal : From 11.00 AM of Dt.30.04.2022 to 5.00 PM of 12.05.2022
05 Last date / time of receipt of bids in the portal : 5.00 PM of 12.05.2022
06 Last date & time of seeking clarification : 5.00 PM of 04.05.2022
07 Date & Time of opening of bids : At 12.30 PM of 13.05.2022
08 Name and Address of the Officer Inviting Bid : General Manager WATCO Division-I, BBSR
Name & Address of Officer Inviting Bid: **The General Manager, WATCO Division-I, BBSR, Odisha**
Further details can be seen from the e-Procurement portal "**https://www.tendersodisha.gov.in**"

Sd./- General Manager, WATCO Division-I, BBSR
OIPR-13083/11/0004/2223

ଧରିତ୍ରୀ
DHARITRI
Thursday, April 28/2022



## କୋଇଲା ଆମଦାନୀ ବୃଦ୍ଧି ହେବ

**ନୂଆଦିଲ୍ଲୀ:** କୋଇଲାର ଚାହିଦାକୁ ନଜରରେ ରଖି ଆଗାମୀ ତିନି ବର୍ଷ ପାଇଁ ଭାରତ କୋଇଲା ଆମଦାନୀ ବୃଦ୍ଧି କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଆର୍‌କେ ସିଂହ ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେହିଭଳି ମନ୍ତ୍ରୀଙ୍କ ସୂଚନା ଅନୁସାରେ ବିଶ୍ୱର ୨ୟ ସର୍ବାଧିକ କୋଇଲା ଆମଦାନୀ କରୁଥିବା ଭାରତ ୨୦୨୫ ମସିହା ସୁଦ୍ଧା ବୈଶ୍ୱିକ ଡିମାଣ୍ଡରେ ଏକ ମହତ୍ତ୍ୱପୂର୍ଣ୍ଣ ବୃଦ୍ଧି କରିପାରେ। ମଙ୍ଗଳବାର ମନ୍ତ୍ରୀଙ୍କର ରାଜ୍ୟଗୁଡ଼ିକ ସହିତ ହୋଇଥିବା ବୈଠକରେ ରାଜ୍ୟଗୁଡ଼ିକୁ କୋଇଲା ଉତ୍ପାଦନ ଜାରି ରଖିବାକୁ କୁହାଯାଇଛି। ଯାହାଦ୍ୱାରା ୨୦୨୫ ସୁଦ୍ଧା କୋଇଲା ଉତ୍ପାଦନ କ୍ଷେତ୍ରରେ ଭାରତକୁ ଉଲ୍ଲେଖନୀୟ ଫଳାଫଳ ମିଳିପାରିବ।

### ସଂକ୍ଷେପରେ

## ଏଚ୍‌ୟୁଏଲ୍‌ର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୨୭।୪:** ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ୍) ପକ୍ଷରୁ ବୁଧବାର ୨୦୨୧-୨୨ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସ ପାଇଁ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ତ୍ରୈମାସରେ କମ୍ପାନୀର ସ୍ୱତନ୍ତ୍ର ମୋଟ୍ ଲାଭ ୮% ବୃଦ୍ଧି ଘଟି ୨,୩୨୭ କୋଟି ରହିଛି। ଏହି ହାର ଗତ ବର୍ଷ ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ୨,୧୪୩ କୋଟି ଥିଲା। ଫାଷ୍ଟ ମୁଭିଙ୍ଗ୍ କଞ୍ଜୁମର ଗୁଡ୍ସ (ଏଫ୍‌ଏମ୍‌ସିଜି) ସେକ୍ଟରର ଏହି ଅଗ୍ରଣୀ କମ୍ପାନୀର ମାର୍ଚ୍ଚ ତ୍ରୈମାସରେ ମୋଟ୍ ରାଜସ୍ୱରେ ୧୧% ବୃଦ୍ଧି ଘଟି ୧୩,୪୬୨ କୋଟି ଟଙ୍କା ରହିଛି। ଏହି ହାର ପୂର୍ବ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୦-୨୧ର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ୧୨,୧୩୨ କୋଟି ଟଙ୍କା ରହିଥିଲା। ଆର୍ଥିକ ବର୍ଷ ୨୦୨୧-୨୨ରେ କମ୍ପାନୀର ସର୍ବମୋଟ୍ କାରବାର ୫୦,୩୩୬ କୋଟି ଟଙ୍କା ରହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ କମ୍ପାନୀର ସର୍ବମୋଟ୍ କାରବାର ୪୫,୩୧୧ କୋଟି ରହିଥିଲା। ଏ ସମ୍ପର୍କରେ ଏଚ୍‌ୟୁଏଲ୍‌ର ସିଇଓ ଏବଂ ମ୍ୟାନେଜିଂ ଡାଇରେକ୍ଟର ସଞ୍ଜୀବ ମେହେଟା କହିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ଅନେକ ଚ୍ୟାଲେଞ୍ଜ ଅତିକ୍ରମ କରି ଏହି ସଫଳତା ପ୍ରାପ୍ତ କରିପାରିଛୁ। କ୍ରମାଗତ ଭାବରେ ଏଚ୍‌ୟୁଏଲ୍‌ର ଉତ୍ତମ ପ୍ରଦର୍ଶନ ଆମର ରଣନୈତିକ ସ୍ୱଷ୍ଟତା ଏବଂ ବ୍ରାଣ୍ଡ୍‌ର ଦୃଢ଼ତାକୁ ପ୍ରତିପାଦିତ କରୁଛି।

## ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୨୭।୪:** ସପ୍ତାହର ୩ୟ କାରବାର ଦିନ ଅର୍ଥାତ୍ ବୁଧବାର ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଚଳିତ ସପ୍ତାହ ଆରମ୍ଭରୁ ବଜାରରେ ହ୍ରାସ ବୃଦ୍ଧି ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସମୟରେ ସେନ୍‌ସେକ୍ସରେ ୫୩୭.୨୨ ପଏଣ୍ଟ (୦.୯୪%) ଏବଂ ନିଫ୍ଟିରେ ୬୨.୪୦ ପଏଣ୍ଟ (୦.୯୪%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୬,୮୧୯.୩୯ ଇଣ୍ଡେକ୍ସ ଏବଂ ୧୭,୦୩୮.୪୦ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା।

# ସାର ସବ୍‌ସିଡିକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୨୭।୪



- ପ୍ରଥମ ୬ମାସ ପାଇଁ ୬୦,୯୩୯ କୋଟି
- ୧୪ କୋଟି ଚାଷୀ ଲାଭବାନ୍ ହେବେ

କେନ୍ଦ୍ର କ୍ୟାବିନେଟ୍ ପକ୍ଷରୁ ବୁଧବାର ଫସ୍‌ଫେଟିକ୍ ଆଣ୍ଡ ପୋଟାସିକ୍ (ପି ଆଣ୍ଡ କେ) ସାର ପାଇଁ ସବ୍‌ସିଡିରେ ପ୍ରାୟ ୫୦% ବୃଦ୍ଧିକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏଥିସହିତ ଖରିଫ ଋତୁରେ ସାର ଦାମ୍ ବୃଦ୍ଧି ହେବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିମଣ୍ଡଳ ସବ୍‌ସିଡିକୁ ୧,୬୫୦ ଟଙ୍କାରୁ ବୃଦ୍ଧି କରି ବ୍ୟାଗ୍ ପିଛା ୨୫୦୦ ଟଙ୍କା ପ୍ରସ୍ତାବରେ ସମ୍ମତି ପ୍ରଦାନ କରିଛନ୍ତି। ଫଳରେ ପି ଆଣ୍ଡ କେ ସାର ସବ୍‌ସିଡିକୁ ୨୧,୦୦୦ କୋଟି ଟଙ୍କାରୁ ୬୦,୯୩୯.୨୩ କୋଟି ଟଙ୍କାକୁ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳ ପକ୍ଷରୁ ଏପ୍ରିଲ୍‌ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଚାଲୁଥିବା ଖରିଫ ଋତୁ ପାଇଁ ପି ଆଣ୍ଡ କେ ସାର ଲାଗି ପୋଷକ ଏବଂ ତତ୍ତ୍ୱ ଆଧାରିତ ସବ୍‌ସିଡି ଦର ପାଇଁ ଏହି ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାଦ୍ୱାରା ଦେଶର ୧୪ କୋଟି ଚାଷୀ ଲାଭବାନ୍ ହେବେ। ତେବେ ଏହାଦ୍ୱାରା ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ସାର ସବ୍‌ସିଡି ଉପରେ କେନ୍ଦ୍ରର ବ୍ୟୟ ୨.୧୦ ଲକ୍ଷ କୋଟିରୁ ୨.୩୦ ଲକ୍ଷ କୋଟି ମଧ୍ୟରେ ରହିବ ବୋଲି ଅନୁମାନ କରାଯାଉଛି। ରିପୋର୍ଟ ଅନୁସାରେ ଏହା ଅନ୍ୟ ଆର୍ଥିକ ବର୍ଷ ତୁଳନାରେ ଏକ ବର୍ଷର ସାର ସବ୍‌ସିଡି ପାଇଁ ସର୍ବାଧିକ ବ୍ୟୟ। ପୂର୍ବରୁ ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ବଜେଟରେ ସାର ସବ୍‌ସିଡି ପାଇଁ ୧.୦୫ଲକ୍ଷ କୋଟି ଟଙ୍କାର ଅନୁମାନ କରାଯାଇଥିଲା। ବୈଶ୍ୱିକ ଅଶୋଧିତ ତୈଳ ବୃଦ୍ଧି ପ୍ରଭାବକୁ କମ୍ କରିବା ପାଇଁ ସରକାର ଏଭଳି ପଦକ୍ଷେପ ନେଇଥିବା ଅନୁମାନ କରାଯାଉଛି। ଏହାଛଡ଼ା ସରକାର ସବ୍‌ସିଡି ବୃଦ୍ଧି ନ କଲେ ଚାଷୀଙ୍କୁ ଅଧିକ ଦାମ୍‌ରେ ସାର କ୍ରୟ କରିବାକୁ ପଡ଼ିବ। ତେବେ ସରକାର ଚାଷୀଙ୍କୁ ବୋଝ ଦେଇ ନିଜେ କୌଣସି ରାଜନୈତିକ ରିସ୍କ ନେବାକୁ ଚାହୁଁ ନ ଥିବା ଆଶା କରାଯାଉଛି। ସୂଚନାଯୋଗ୍ୟ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ସାର ତିଆରି ଖର୍ଚ୍ଚ ବୃଦ୍ଧି ପାଇଛି। ଯୁଦ୍ଧ ଦ୍ୱାରା ଫସ୍‌ଫେଟିକ୍ ଆଣ୍ଡ ପୋଟାସିୟମ୍ ସାରର ଯୋଗାଣ ପ୍ରଭାବିତ ହୋଇଛି। ସାର କମ୍ପାନୀଗୁଡ଼ିକ ଅନୁସାରେ କାନାଡା, ଚାଇନା, ଜୋର୍ଡନ, ମାଲେସିଆ, ଇଣ୍ଡୋନେସିଆ ଏବଂ ଆମେରିକାରୁ ସାର ତିଆରି କଞ୍ଚାମାଲ ଆସୁଥିବାରୁ ଦର ବୃଦ୍ଧି ପାଇଛି।

## ଦି ଗ୍ରେଟ୍ ଅକ୍ଷୟ ତୃତୀୟା ସେଲ୍

ଭୁବନେଶ୍ୱର,୨୭।୪

KHIMJI
Jewellers since 1936

ରାଜ୍ୟର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ଅଳଙ୍କାର ସଂଗ୍ରହ ସହ 'ଦି ଗ୍ରେଟ୍ ଅକ୍ଷୟ ତୃତୀୟା ସେଲ୍'ର ଶୁଭାରମ୍ଭ କରାଯାଇଛି। ଦେବୀ ଅନ୍ନପୂର୍ଣ୍ଣା ଏହିଦିନ ଜନ୍ମ ହୋଇଥିବାରୁ ଲୋକେ ଅକ୍ଷୟ ତୃତୀୟାରେ ଘରକୁ ସୁନା କ୍ରୟ କରି ନିଜର ସମୃଦ୍ଧି ଏବଂ ବର୍ଷ ଶୁଭାରମ୍ଭର ପ୍ରାରମ୍ଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ଖିମ୍‌ଜୀ ଜୁଏଲର୍ସର 'ଦି ଗ୍ରେଟ୍ ଅକ୍ଷୟ ତୃତୀୟା ସେଲ୍'ରେ ସୁନା ଅଳଙ୍କାରର ସମ୍ପୂର୍ଣ୍ଣ ମୂଲ୍ୟ ଉପରେ ୫.୪% ପର୍ଯ୍ୟନ୍ତ ରିହାତି, ହୀରା ଉପରେ ୨୦% ଓ ରୁପା ସାମଗ୍ରୀର ଗଢ଼ା ମୂଲ୍ୟ ଉପରେ ୩୦% ରିହାତି ଉପଲବ୍ଧ ରହିଛି। ଏହି ଅଫର ଚଳିତ ବର୍ଷ ୨୭ ଏପ୍ରିଲରୁ ମେ ୮ ପର୍ଯ୍ୟନ୍ତ ଉପଲବ୍ଧ ରହିବ କୁହାଯାଇଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି,ଏହା ଆମର ୮୬ ତମ ବର୍ଷ। ଆମେ ସମସ୍ତ ଗ୍ରାହକଙ୍କ ପାଇଁ ରିହାତି ସହ ଅକ୍ଷୟ ତୃତୀୟାର ପର୍ବକୁ ଆନନ୍ଦଦାୟକ କରିବାକୁ ଚାହୁଁଛୁ। ସେହିଭଳି ରିହାତି ବ୍ୟତୀତ ସୁଲଭ ମୂଲ୍ୟରେ ପାରମ୍ପରିକ ଅଳଙ୍କାର ଡିଜାଇନର ସଂଗ୍ରହ ମଧ୍ୟ ନେଇ ଆସିଛୁ। ପ୍ରତିଷ୍ଠାନର ଅଫରଗୁଡିକର ଲାଭ ଉଠାଇବା ପାଇଁ ଗ୍ରାହକ ଏହାର ଭୁବନେଶ୍ୱର,ରାଉରକେଲା,ବ୍ରହ୍ମପୁର ଏବଂ କଟକର ଷ୍ଟୋରଗୁଡିକ ପରିଦର୍ଶନ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି।

## ମେ ୪ରୁ ମହିଳା ବାଣିଜ୍ୟ ମେଳା-୨୦୨୨

ଭୁବନେଶ୍ୱର,୨୭।୪




ଓଡ଼ିଶାରେ ପ୍ରଥମ ଥର ପାଇଁ ମହିଳା ଶିଳ୍ପୋଦ୍ୟୋଗୀମାନଙ୍କ ଦ୍ୱାରା ଏକ ୫ଦିନିଆ 'ମହିଳା ବାଣିଜ୍ୟ ମେଳା-୨୨'ର ଆୟୋଜନ କରାଯାଉଛି। ମେ ୪ରୁ ୮ତାରିଖ ପର୍ଯ୍ୟନ୍ତ ଏହି ମେଳା ସ୍ଥାନୀୟ ଜନତା ମଇଦାନରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ସମଗ୍ର ଓଡ଼ିଶାରୁ ବିଭିନ୍ନ ବର୍ଗର ଶିଳ୍ପୋଦ୍ୟୋଗୀଙ୍କୁ ନେଇ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ସହ ବ୍ୟବସାୟିକ ବାତାବରଣ ମଧ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି।

ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲ ପରିସରରେ ଆଇସିସି ୱିମେନ୍ ଏଣ୍ଟରପ୍ରିନ୍ୟୁରଶିପ୍ କାଉନ୍‌ସିଲ୍ (ଆଇଡବ୍ଲ୍ୟୁଇସି) ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ମାଧ୍ୟମରେ ମେଳାର ବିସ୍ତୃତ ସୂଚନା ଓ ଆଭିମୁଖ୍ୟ ସମ୍ପର୍କରେ ଆଇଡବ୍ଲ୍ୟୁଇସିର ଉଦ୍ୟୋକ୍ତା ସୁକୀର୍ତ୍ତି ପଟ୍ଟନାୟକ, ଉପ-ଉଦ୍ୟୋକ୍ତା ତନୟା ପଟ୍ଟନାୟକ, ଆଇସିସିର ଅଧ୍ୟକ୍ଷ ଜେ.ବି. ପାଣି ଓ ଉପାଧ୍ୟକ୍ଷ ମହେନ୍ଦ୍ର ଗୁପ୍ତା ଏବଂ ଜେ.ପି. ପଲ୍ ପ୍ରମୁଖ ଉପସ୍ଥିତ ରହି ମେଳାର ସମସ୍ତ ସୂଚନା ପ୍ରଦାନ କରିଥିଲେ।

ଉକ୍ତ ମେଳା ଜରିଆରେ ରାଜ୍ୟର ଶତାଧିକ ମହିଳା ବ୍ୟବସାୟୀ ଷ୍ଟଲ୍ ମାଧ୍ୟମରେ ନିଜର ବ୍ୟବସାୟକୁ ବୃଦ୍ଧି ତଥା ପ୍ରଚାର ପ୍ରସାର କରାଇବା ନିମନ୍ତେ ବ୍ୟାପକ ସୁଯୋଗ ପାଇବେ। ଏହା ବ୍ୟତୀତ ମେଳାର ସମୟ ଅବଧି ମଧ୍ୟରେ ବିଭିନ୍ନ ପ୍ରକାର କର୍ମଶାଳା, ସେମିନାର ୱାର୍କଶପ୍, ଟକ୍ ଶୋ, ନିବେଶକ କାର୍ଯ୍ୟକ୍ରମ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗୀୟ ଯୋଜନାଗୁଡିକର ଆର୍ଥିକ ଶିକ୍ଷା ତଥା ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମର ଯୋଜନା ରହିଛି।

## ନାସ୍‌କମ୍‌ର ଅଧ୍ୟକ୍ଷ ହେଲେ ରାମାନୁଜମ

ନୂଆଦିଲ୍ଲୀ,୨୭।୪

ଟିସିଏସ୍‌ର ସଭାପତି (ଏଣ୍ଟରପ୍ରାଇଜ୍ ଗ୍ରୋଥ୍ ବିଜ୍‌ନେସ୍) କ୍ରିଷ୍ଣନ ରାମାନୁଜମ ଚଳିତ ଆର୍ଥିକ ବର୍ଷ ପାଇଁ ନାସ୍‌କମ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ୨୦୨୧-୨୨ରେ ସେ ନାସ୍‌କମ୍‌ର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସଫ୍ଟୱେର ଓ ସେବା କମ୍ପାନୀଗୁଡ଼ିକର ଜାତୀୟ ସଂଘ (ନାସ୍‌କମ୍) ହେଉଛି ଭାରତରେ ପ୍ରଯୁକ୍ତି ଶିଳ୍ପର ପ୍ରମୁଖ ବ୍ୟବସାୟ ସଂଘ ଓ ଚାମ୍ବର, ଯାହା ଅଧୀନରେ ୩୦୦୦ରୁ ଅଧିକ ସଦସ୍ୟ ରହିଛନ୍ତି। ନାସ୍‌କମ୍‌ରେ ଷ୍ଟାର୍ଟଅପ୍ ସଂସ୍ଥାଠାରୁ ଆରମ୍ଭ କରି ବହୁଦେଶୀୟ କମ୍ପାନୀ ପର୍ଯ୍ୟନ୍ତ ଓ ଉତ୍ପାଦ, ସେବା, ଗ୍ଲୋବାଲ କାପାବିଲିଟି ସେଣ୍ଟରରୁ ଇଞ୍ଜିନିୟରିଂ ସଂସ୍ଥା ପର୍ଯ୍ୟନ୍ତ ବିବିଧ ବର୍ଣ୍ଣାଳୀର ସଦସ୍ୟ ରହିଛନ୍ତି। ୧୯୯୧ରେ କ୍ରିଷ୍ଣନ ଟିସିଏସ୍‌ରେ ଯୋଗଦେଇଥିଲେ।

## ବିଓଆଇର ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୭।୪

ଚଳିତ ଆର୍ଥିକ ବର୍ଷ ଆରମ୍ଭ ହୋଇଯାଇଥିବାରୁ ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ପକ୍ଷରୁ ଏକ ଗ୍ରାହକ ସମ୍ପର୍କ କାର୍ଯ୍ୟକ୍ରମ ନିକଟରେ ସ୍ଥାନୀୟ ଇଡ୍‌କଲ ଅଡିଟୋରିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. କେ. ଦାସ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କୁ ବ୍ୟାଙ୍କ ସହିତ ଥିବା ସେମାନଙ୍କର ଦୃଢ଼ ସମ୍ପର୍କ ପାଇଁ ସେ କୃତଜ୍ଞତା ଜଣାଇବା ସହ କହିଥିଲେ, ଆର୍ଥିକ ପୁନରୁଦ୍ଧାର ପ୍ରକ୍ରିୟାରେ ବ୍ୟାଙ୍କ ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ ଏବଂ ଏହା ବ୍ୟାପକ ଓ ଦୀର୍ଘସ୍ଥାୟୀ । ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ଭୁବନେଶ୍ୱର ଜୋନ୍‌ର ବିଭିନ୍ନ ବିଭାଗର ୩୦ଜଣ ହିତାଧିକାରୀଙ୍କୁ ୧୦୦କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ (ପୂର୍ବ) ଦ୍ୱାରା ଏହାର ୧୦ଟି ଜୋନ୍ ମାଧ୍ୟମରେ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଋଣ ମଞ୍ଜୁର କରାଯାଇଥିଲା। ଏହା ମୁଖ୍ୟତଃ ଖୁଚୁରା, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ସହିତ ସରକାରଙ୍କ ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ ଏବଂ ପିଏମ୍ ସ୍ୱନିଧିକୁ ଯୋଜନା ଅନ୍ତର୍ଭୁକ୍ତ କରିଛି। ସେହିପରି ଡିଜିଟାଲ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହିତ କରିବା ପାଇଁ ୫୦ରୁ ଊର୍ଦ୍ଧ୍ୱ ପିଓଏସ୍ ମେଶିନ୍ ଏବଂ ଭିମ୍ ୟୁପିଆଇ କ୍ୟୁଆର୍ ଗ୍ରାହକମାନଙ୍କୁ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ୩୦ଜଣ ବ୍ୟବସାୟିକ ପ୍ରତିନିଧି ଏହି ଅବସରରେ ନିଯୁକ୍ତ ହୋଇଥିଲେ। ଶେଷରେ ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓଡ଼ିଶାର ବିଶିଷ୍ଟ ବ୍ୟକ୍ତିତ୍ୱ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମଭୂଷଣ ପ୍ରତିଭା ରାୟ, ନ୍ୟାଶନାଲ ଷ୍ଟାର୍ଟ ଅପ୍ ଆୱାର୍ଡ ୨୦୨୧ ଏବଂ ନ୍ୟାଶନାଲ ଏଣ୍ଟରପ୍ରେନ୍ୟୁରଶିପ୍ ଆୱାର୍ଡ ୨୦୧୯ ଜ୍ଞାନରଞ୍ଜନ ଦାସଙ୍କୁ ସମ୍ମାନିତ କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧତା ଅଂଶବିଶେଷ ଓଡ଼ିଶା ବ୍ଲାଇଣ୍ଡ ଆସୋସିଏସନ୍‌କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

### ଫୁର୍‌ସତ୍

## ଆଦିତ୍ୟ କହିଲେ ବାପା ଶମ୍ମିଙ୍କ ପ୍ରେମ କାହାଣୀ



**ମୁମ୍ବାଇ:** ହିନ୍ଦୀ ଚଳଚ୍ଚିତ୍ର ଜଗତର ଖ୍ୟାତନାମା ଅଭିନେତା ଶମ୍ମି କପୁର। ଅଭିନୟ ସାଙ୍ଗକୁ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ସେ ଖୁବ୍ ଚର୍ଚ୍ଚାରେ ରହିଆସୁଥିଲେ। ନିକଟରେ ଏକ ସାକ୍ଷାତ୍‌କାରରେ ଶମିଙ୍କ ପ୍ରେମ କାହାଣୀ ବାବଦରେ କହିଛନ୍ତି ପୁଅ ଆଦିତ୍ୟ ରାଜ୍ କପୁର। ଅଭିନେତ୍ରୀ ନୂତନଙ୍କ ସହ ଶମ୍ମି କପୁରଙ୍କ ପ୍ରେମ ସମ୍ପର୍କ କାହାରିକୁ ଅଛପା ନାହିଁ। ଗୁଡ଼ାଏ ଦିନ ଦୁହେଁ ଖବର ହୋଇ ରହିଥିଲେ ମଧ୍ୟ ସେମାନେ ବିବାହ କରି ନ ଥିଲେ। ତେବେ ଏହା ପଛର କାରଣ କାହାରିକୁ ଜଣା ନ ଥିବାବେଳେ ହୁଏତ ଦୁହିଁଙ୍କ ବୟସ କମ୍ ହୋଇଥିବା କାରଣରୁ ଦୁହେଁ ବିବାହ ପାଇଁ ନିଷ୍ପତ୍ତି ନେଇ ପାରି ନ ଥିବା କହିଛନ୍ତି ଆଦିତ୍ୟ। ୧୯୫୫ରେ ଶମ୍ମି ବାଲିଙ୍କୁ ବିବାହ କରିଥିଲେ। ଦୁହିଁଙ୍କ ବୈବାହିକ ଜୀବନ ବେଶ୍ ଖୁସିରେ କଟିଥିଲା। କିନ୍ତୁ ୧୯୬୫ରେ ବାଲିଙ୍କ ଅକାଳ ବିୟୋଗ ଘଟିଥିଲା। ବାଲିଙ୍କ ମୃତ୍ୟୁ ପରେ ଶମି ଏମିତି ଜଣେ ସାଥୀଙ୍କ ସନ୍ଧାନରେ ଥିଲେ ଯେ, ତାଙ୍କ ସହ ଦୁଇ ପିଲାଙ୍କ ଲାଳନପାଳନ ଦାୟିତ୍ୱ ନେବ। ଏହାପରେ ଶମିଙ୍କ ଜୀବନକୁ ଆସିଲେ ମୁମତାଜ। ସେ ସମୟରେ ମୁମ୍‌ତାଜ ସଫଳତାର ଶିଡ଼ି ଚଢୁଥିବାବେଳେ ଶମିଙ୍କୁ ବାହାହେବା ପାଇଁ ସେ ବାରଣ କରିଥିବା ଆଦିତ୍ୟ କହିଛନ୍ତି। କାର୍ଯ୍ୟବ୍ୟସ୍ତତା ଭିତରେ ବିତିଗଲା ଗୁଡାଏ ଦିନ। ଜୀବନସାଥୀ ସନ୍ଧାନରେ ଜାରି ରଖିଥିବାବେଳେ ନୀଲା ଦେବୀଙ୍କ ସହ ତାଙ୍କ ଭେଟ ହେଲା। ପରେ ଦୁହେଁ ବୈଦିକ ରୀତିନୀତିରେ ବାହା ହୋଇଥିଲେ। ନୀଲାଙ୍କ ଭଲପାଇବା ଆଦିତ୍ୟ କି ପୃଥିବୀଙ୍କ ପ୍ରତି କୌଣସି ପ୍ରକାରେ କମ୍ ନ ଥିବା ଆଦିତ୍ୟ କହିଛନ୍ତି। ସେହିପରି ଶମ୍ମିଙ୍କ ହାତ ଧରିବା ପରେ ନୀଲା ସନ୍ତାନ ଜନ୍ମ ନ କରିବାର ନିଷ୍ପତ୍ତି ନେଇଥିଲେ।

# ପୁଟିନ୍‌ଙ୍କ ପ୍ରେମିକା ଆଲିନା



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ନିଆରା ବ୍ୟକ୍ତିତ୍ୱ ପାଇଁ ବେଶ୍ ଜଣାଶୁଣା। ୬୯ ବର୍ଷୀୟ ଏହି ରାଷ୍ଟ୍ର ମୁଖ୍ୟ ନିଜ ପ୍ରେମ ସମ୍ପର୍କକୁ ନେଇ ମଧ୍ୟ ସେତିକି ଚର୍ଚ୍ଚିତ ଯେତିକି ତାଙ୍କ ରାଷ୍ଟ୍ର ପରିଚାଳନା କରିବାର ଦକ୍ଷତା ପାଇଁ। ଭ୍ଲାଡିମିର ପୁଟିନ୍‌ଙ୍କ ସମ୍ପର୍କ ପୂର୍ବତନ ଜିମ୍‌ନାଷ୍ଟିକ୍ ଚାମ୍ପିୟନ୍ ଆଲିନାଙ୍କ ସହ ୨୦୦୬ରୁ ଗଢ଼ିଉଠିଥିଲା। ଆଲିନା ପୁଟିନ୍‌ଙ୍କଠାରୁ ବୟସରେ ୩୦ ବର୍ଷ ସାନ। ସେ ମାରାଟୋଭନା କାବାଇଭା ଏକାଧାରାରେ ଜଣେ ନାରୀନେତ୍ରୀ, ମିଡିଆ ମ୍ୟାନେଜର, ଅବସରପ୍ରାପ୍ତ ଇଣ୍ଡିଭିଜୁଆଲ ରିଦମିକ୍ ଜିମ୍‌ନାଷ୍ଟ। ଦୁଇଟି ଅଲମ୍ପିକ ମେଡାଲ, ୧୪ ୱାର୍ଲ୍ଡ ଚାମ୍ପିଅନ୍‌ଶିପ୍ ମେଡାଲ ସାଙ୍ଗକୁ ୨୧ ୟୁରୋପିଆନ୍ ଚାମ୍ପିଅନ୍‌ଶିପ୍ ମେଡାଲ ସେ ହାସଲ କରିଛନ୍ତି। ୨୦୦୭ରୁ ୨୦୧୪ ପର୍ଯ୍ୟନ୍ତ ଆଲିନା ଷ୍ଟେଟ୍ ଡୁମା ଡେପୁଟି ଦାୟିତ୍ୱ ନିର୍ବାହ କରିଥିବାବେଳେ ୨୦୧୩ରେ ତାଙ୍କୁ ନ୍ୟାଶନାଲ ମିଡିଆ ଗ୍ରୁପ୍‌ର ବୋର୍ଡ ଅଫ୍ ଡିରେକ୍ଟର ଗ୍ରୁପ୍‌ର ଅଧ୍ୟକ୍ଷା କରାଯାଇଥିଲା। ଖାଲି ରାଜନୀତି କି କ୍ରୀଡ଼ା କ୍ଷେତ୍ରରେ ନୁହେଁ ଅଭିନୟରେ ମଧ୍ୟ ସେ ନିଜ ଦକ୍ଷତାକୁ ପ୍ରତିପାଦନ କରିଛନ୍ତି। ୨୦୦୧ରେ ଜାପାନିଜ୍ ଫିଲ୍ମ 'ରେଡ୍ ସାଡୋ'ରେ ସେ ଅଭିନୟ କରିଥିଲେ। ସଙ୍ଗୀତ କ୍ଷେତ୍ରରେ ତାଙ୍କର ଆଗ୍ରହ ଥିବାବେଳେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କୁ ଏହା ତ୍ୟାଗ କରିବାକୁ ପଡ଼ିଥିଲା। ୨୦୦୦ରେ ଆଲିନା ଜଣେ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଏକ ଖବର କାଗଜ ପ୍ରକାଶ କରିବା ପରେ ଉକ୍ତ ଖବର କାଗଜକୁ ସରକାରଙ୍କ ପକ୍ଷରୁ ବନ୍ଦ କରିଦିଆଯାଇଥିଲା। ୨୦୧୪ରେ ପୁଟିନ୍ ତାଙ୍କ ପ୍ରଥମ ସ୍ତ୍ରୀ ଲ୍ୟୁଡମିଳାଙ୍କୁ ଛାଡ଼ପତ୍ର ଦେଇଥିଲେ। ୨୦୦୯ରେ ଆଲିନା ପ୍ରଥମ ସନ୍ତାନର ଜନନୀ ହୋଇଥିବାବେଳେ ୨୦୧୫ରେ ରୁଷିଆର ଏକ ଭିଆଇପି ହସ୍ପିଟାଲରେ ସେଆଉ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ପ୍ରାୟ ୪ ବର୍ଷ ପରେ ମସ୍କୋର କୁଲାକୋଭ ମାଟରନିଟି କ୍ଲିନିକ୍‌ରେ ସେ ଦୁଇ ଯମଜ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ସୂଚନାଯୋଗ୍ୟ ଆଲିନା ତାଙ୍କ ୪ ପିଲାଙ୍କ ସହ ସୁଇଜରଲ୍ୟାଣ୍ଡର ଏକ ଗୋପନୀୟ ସ୍ଥାନରେ ଆଶ୍ରୟ ନେଇଛନ୍ତି।

## ଶିଶୁଙ୍କୁ ଗ୍ରାସିଛି ଅଜଣା ଯକୃତ ରୋଗ

**ନୂଆଦିଲ୍ଲୀ:** ନବଜାତ ଶିଶୁଙ୍କଠାରୁ ଆରମ୍ଭ କରି ୧୬ ବର୍ଷ ବୟସ ପର୍ଯ୍ୟନ୍ତ ପିଲାଙ୍କୁ ଅଜଣା ଯକୃତ ରୋଗ ଗ୍ରାସ କରିବାରେ ଲାଗିଛି। ବ୍ରିଟେନ, ଆମେରିକା ସମେତ ୧୦ ଦେଶର ଶିଶୁଙ୍କଠାରେ ଏହି ରୋଗ ଦେଖାଯାଇଛି। ୧୨ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଲିଭର ଟ୍ରାନ୍ସପ୍ଲାଣ୍ଟ କରାଯାଇଥିବାବେଳେ ୧୦୦ ଶିଶୁଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଦେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ରୋଗର ଚିହ୍ନଟ ପାଇଁ ଡବ୍ଲ୍ୟୁଏଚ୍‌ଓର ସ୍ୱତନ୍ତ୍ର ଟିମ୍ ଅଧ୍ୟୟନ ଜାରି ରଖିଛି।ଏପ୍ରିଲ ୨୧ ସୁଦ୍ଧା ଏହି ଅଜଣା ରୋଗ ଦ୍ୱାରା ୧ ମାସରୁ ୧୬ ବର୍ଷ ବୟସ ମଧ୍ୟରେ ୧୬୯ ଜଣ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ବ୍ରିଟେନରେ ସର୍ବାଧିକ ୧୧୪ ଜଣ ଶିଶୁ ଯକୃତ ରୋଗରେ ଆକ୍ରାନ୍ତ ହୋଇଥିବାବେଳେ ସ୍ପେନ୍‌ରେ ୧୩, ଇସ୍ରାଏଲରେ ୧୨, ଆମେରିକାରେ ୯ ଏବଂ ଡେନ୍‌ମାର୍କରେ ୧୨ ଜଣ ଏହି ଅଜଣା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୭ ଜଣଙ୍କ କ୍ଷେତ୍ରରେ ଲିଭର୍ ଟ୍ରାନ୍ସପ୍ଲାଣ୍ଟ କରାଯାଉଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ଏହି ଅଜଣା ରୋଗ ଦାଉରେ ବାନ୍ତି ହେବା, ପେଟ କାଟିବା, ଜଣ୍ଡିସ, ଝାଡ଼ା ଆଦି ଲକ୍ଷଣ ଦେଖିବାକୁ ମିଳିଛି।



ଦୀପିକା ପାଡୁକୋନ



## କାନ୍ସ ଜୁରି ହେବେ ଦୀପିକା

**ମୁମ୍ବାଇ:** ଚଳିତ ବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲ ୨୦୨୨ରେ ଦୀପିକା ପାଡୁକୋନ ଜୁରି ହେବା ପାଇଁ ମନୋନୀତ ହୋଇଛନ୍ତି। ଆୟୋଜିତ ପ୍ରତିଯୋଗିତାରେ ମୋଟ ୯ ଜଣ ଜୁରି ରହିବେ, ଯେଉଁଥିରେ ୫ ଜଣ ପୁରୁଷ ଓ ୪ ଜଣ ମହିଳା ଅଛନ୍ତି। ୨୦୧୭ରୁ ଦୀପିକା ରେଡ୍ କାର୍ପେଟରେ ନଜରକୁ ଆସୁଥିବାବେଳେ ୧୦ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଦୀପିକାଙ୍କୁ ଦେଖିବାକୁ ମିଳିବ। ତେବେ କାନ୍ସରେ ଜୁରି ହେବା ନେଇ ଦୀପିକା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଫ୍ରେଞ୍ଚ ଅଭିନେତା ଭିନସେଣ୍ଟ ଲିଣ୍ଡୋନ ଜୁରିର ସଭାପତି ପଦରେ ରହିବେ। ଦୀପିକାଙ୍କ ସହିତ ଆକ୍ଟର-ଡିରେକ୍ଟର ରେବେକା ହାଲ୍, ନୁମି ରାପାସେ, ଇଟାଲିଆନ୍ ଅଭିନେତା ଜସ୍ମିନ ଟ୍ରିନ୍‌କା, ଆଶଘର ଫାରହିଦ, ଲାଦ ଲି, ଜେଫ୍ ନିକୋଲ୍ସ ଏବଂ ଜୋଆସିମ ଟ୍ରିୟର ପ୍ରମୁଖ ଜୁରି ଭାବେ କାର୍ଯ୍ୟ କରିବେ। ତେବେ ମେ ୨୮ରେ ବିଜେତାଙ୍କ ନାମ ଗାଲା ସମାରୋହରେ ଘୋଷଣା କରାଯିବ । ନିକଟରେ ଦୀପିକା ପାଡୁକୋନ ଟାଇମ୍ ୧୦୦ ଇମ୍ପାକ୍ଟ ଆୱାର୍ଡ ସେରେମୋନିରେ ସାମିଲ ହୋଇଥିଲେ। ଏ ନେଇ ସ୍ୱାମୀ ରଣବୀର ସିଂ ସୋସିଆଲ ମିଡିଆରେ ଫଟୋ ଶେୟାର କରିଥିଲେ।

## କର୍ମକ୍ଷେତ୍ରରେ ନିରାପତ୍ତା ଅପରିହାର୍ଯ୍ୟ




କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ଦୃଷ୍ଟି ଦେବା ଅତ୍ୟନ୍ତ ଜରୁରୀ । ଏହା ଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟ କ୍ଷମତା ବୃଦ୍ଧି ସହିତ ବିକାଶ ଧାରା ଜାରି ରହିଥାଏ। ଏ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ଏପ୍ରିଲ ୨୮ରେ କର୍ମକ୍ଷେତ୍ରରେ ନିରାପତ୍ତା ସ୍ୱାସ୍ଥ୍ୟ ବିଶ୍ୱ ଦିବସ ପାଳନ କରାଯାଇଥାଏ। ଏହି ଦିବସ ଜାତିସଂଘର ସ୍ୱୀକୃତି କ୍ରମେ ପାଳିତ ହୋଇଥାଏ। ଏହି ଦିବସ ପାଳନ ଅବସରରେ କର୍ମକ୍ଷେତ୍ରରେ ନିରାପଦ ଭାବେ ସମ୍ପାଦନ ଏବଂ ଦୁର୍ଘଟଣା ଆଦିକୁ ରୋକିବା ନେଇ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରାଯାଇଥାଏ। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ଜାରି ହୋଇଥିବା ମାନଦଣ୍ଡ ଆଧାରରେ କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରାଯାଇଥାଏ। କର୍ମକ୍ଷେତ୍ରରେ ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ପାଇଁ ଏହି କର୍ମକ୍ଷେତ୍ରରେ ନିରାପତ୍ତା ସ୍ୱାସ୍ଥ୍ୟ ବିଶ୍ୱ ଦିବସ ପ୍ରଥମେ ୨୦୦୩ରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ପାଳନ କରାଯାଇଥିଲା । ସେବେଠାରୁ ଏହା ପ୍ରତିବର୍ଷ ପାଳନ ହୋଇଆସୁଛି।




ନୂଆଦିଲ୍ଲୀରେ ଭାଜପା ନେତାମାନେ ବୁଲଡୋଜର ଭୟ ଦେଖାଇ ଦୋକାନୀଙ୍କଠାରୁ ଅର୍ଥ ଦାବି କରୁଥିବା ଅଭିଯୋଗ ଆଣି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ବିକ୍ଷୋଭ କରାଯାଇଛି।

# ମନ୍ତବ୍ୟକୁ ନେଇ କଂଗ୍ରେସରେ ଚିଠି ଯୁଦ୍ଧ

- ନିରଞ୍ଜନ ଓ ଜୟଦେବଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ କାହିଁକି : ସୁର
- ହନୁ ମଲାବେଳେ ସତ କହେ : ନିରଞ୍ଜନ




ସୁର ରାଉତରାୟ ଓ ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୨୭।୪(ବ୍ୟୁରୋ)

ଘର କଳି ରାଜ୍ୟ କଂଗ୍ରେସ ପାଇଁ କାଳ ପାଲଟିଛି। ଯେଉଁଥିପାଇଁ ଦଳ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ନୈରାଶଜନକ ପ୍ରଦର୍ଶନ କରିବା ପରେ ରାଜ୍ୟବାସୀଙ୍କ ଭରସା, ବିଶ୍ୱାସ ହରାଇଥିବା ସ୍ପଷ୍ଟ ହୋଇଛି। ତେଣୁ ଏବେ ପିସିସି ସଭାପତିଠାରୁ ଆରମ୍ଭ କରି ପୂରା ନୂଆ ଟିମ୍ ଗଠନ ପାଇଁ ପ୍ରଭାରୀ ଏ. ଚେଲ୍ଲାକୁମାର ଲାଗି ପଡିଥିଲେ ମଧ୍ୟ ଦଳର ପୁରୁଖା ନେତାଙ୍କୁ ପୁରୁଣା ରୋଗ ଛାଡୁ ନାହିଁ। ବୟାନବାଜି ପରେ ଏବେ ଚିଠି ଯୁଦ୍ଧ ଆରମ୍ଭ ହୋଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଗତ ଶନିବାର ଦେଇଥିବା ବୟାନକୁ ନେଇ ବିବାଦ ତେଜିବାରେ ଲାଗିଛି। ଉଭୟ ବିଧାୟକ ରାଉତରାୟ ଓ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁହାଁମୁହିଁ ହୋଇଛନ୍ତି। ପିସିସି ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବାବେଳେ ବିଧାୟକ ମଧ୍ୟ ପାଲଟା ଚିଠି ଲେଖି ଉତ୍ତର ମାଗିଛନ୍ତି।

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି)ରେ କିଏ କ'ଣ ରହିବ, ତାହା ବିଜେଡି ପକ୍ଷରୁ ନିଷ୍ପତ୍ତି ନିଆଯାଉଛି। ପିସିସି ସଭାପତି ଓ ରାଜ୍ୟ ପ୍ରଭାରୀ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇଙ୍ଗିତରେ ହେଉଥିବା ବିଧାୟକ ରାଉତରାୟ ମନ୍ତବ୍ୟ ରଖିଥିଲେ। ସେହିପରି ବର୍ତ୍ତମାନର ପିସିସି ସଭାପତି ଚୟନ ମଧ୍ୟ ସେହି ଢଙ୍ଗରେ କରାଯିବ ବୋଲି ସେ କହିଥିଲେ। ତେବେ ଏହାକୁ ନେଇ ଦଳ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗଣମାଧ୍ୟମରେ ଏଭଳି ମନ୍ତବ୍ୟ କଂଗ୍ରେସ ପାଇଁ ଅତ୍ୟନ୍ତ କ୍ଷତିକାରକ ଓ ଏଥିପାଇଁ ଦଳ ସମାଲୋଚିତ ହେବା ସହ ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ମଙ୍ଗଳବାର ପିସିସି ପକ୍ଷରୁ ସଭାପତି ନିରଞ୍ଜନ ପଟ୍ଟନାୟକ ବିଧାୟକ ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତେବେ ଏହାର ଜବାବ ଦେଇଛନ୍ତି ସୁର। ମଙ୍ଗଳବାର କ୍ଷମା ମାଗିବାକୁ ମନା କରିଦେଇଥିବାବେଳେ ବୁଧବାର ସେ ହାତରେ ଲଫାପା ଧରି କଂଗ୍ରେସ ଭବନରେ ପହଞ୍ଚିଥିଲେ। ପିସିସି ସଭାପତିଙ୍କ ଉଦ୍ଦେଶ୍ୟରେ ମୁଖପାତ୍ର ପଦ୍ମାକର ଗୁରୁଙ୍କୁ ଚିଠି ପ୍ରଦାନ କରିଥିଲେ।

ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଦଳୀୟ ଟିକେଟ ବଣ୍ଟନ, ସଭାପତି ପରିବର୍ତ୍ତନ, ବିଧାୟକ ଦଳ ନେତା ପରିବର୍ତ୍ତନରେ ହେର୍‌ଫେର ହୋଇଥିବା ନେଇ ବଡ଼ ବଡ଼ କଂଗ୍ରେସ ନେତା ଅଭିଯୋଗ କରିବା ସହ ଗଣମାଧ୍ୟମରେ ବିବୃତ୍ତି ରଖିଛନ୍ତି। ଏହା ଦଳର କ୍ଷତି ପହଞ୍ଚାଇ ନ ଥିଲା କି? ୨୦୧୯ ଟିକେଟ ବଣ୍ଟନରେ ହେରଫେର ଓ ଫଳାଫଳ ନେଇ ବିବୃତ୍ତି ତଥା ପଞ୍ଚାୟତ ଓ ପୌର ନିର୍ବାଚନରେ କେଉଁ ନେତା କେତେ ପ୍ରଚାର କରିଥିଲେ, ତାହାର ହିସାବ ରାଉତରାୟ ମାଗିଛନ୍ତି। ସେହିପରି ସେ କହିଛନ୍ତି, ମୁଁ ଗତ ୫୦ ବର୍ଷର ଦଳର ଜଣେ ଶୃଙ୍ଖଳିତ ସଦସ୍ୟ। ଅନ୍ୟ ନେତାଙ୍କ ପରି ନଟରପଟର ଧନ୍ଦା ନାହିଁ। ପୂର୍ବରୁ ନିରଞ୍ଜନ ଓ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ଥିଲେ ମଧ୍ୟ ସେମାନେ କ୍ଷମା ମାଗିଛନ୍ତି କି ବୋଲି ରାଉତରାୟ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ପିସିସି ସଭାପତି ନିରଞ୍ଜନ କହିଛନ୍ତି, ପୂର୍ବରୁ ମୁଁ ଏଭଳି କିଛି କହିନାହିଁ ଓ ଜୟଦେବ ବି କିଛି କହିଥିବା ମୁଁ ଜାଣିନାହିଁ। ଏଆଇସିସି ଓ ଶୃଙ୍ଖଳା କମିଟି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ। ପୂର୍ବରୁ ଏହିପରି ବକ୍ତବ୍ୟ ଦଳୀୟ ନେତାମାନେ ଦେଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ହୋଇନାହିଁ ପ୍ରଶ୍ନରେ ନିରଞ୍ଜନ କହିଛନ୍ତି 'ହନୁ ମଲା ବେଳେ ସତ କହେ'।

# ବ୍ରହ୍ମପୁର ଭାଜପାରେ ଗୋଷ୍ଠୀ କନ୍ଦଳ ଆରମ୍ଭ

## ଲେଖାଶ୍ରୀଙ୍କୁ ଦେଖାଦେଲେନି ମେୟର ପ୍ରାର୍ଥୀ ସବିତା

ବ୍ରହ୍ମପୁର ଅଫିସ,୨୭।୪

ବ୍ରହ୍ମପୁର ପୌର ନିର୍ବାଚନ ଫଳାଫଳ ଘୋଷଣାର ମାସେ ବିତିଛି। ଦୁର୍ବଳ କଂଗ୍ରେସ ସଂଗଠନର ଫାଇଦା ନେଇ ଭାଜପାର ଭୋଟ ହାର ବଢ଼ିଛି। ୨୦୧୩ ନିର୍ବାଚନରେ ଖାତା ଖୋଲିପାରି ନ ଥିବା ଭାଜପାରୁ ଏଥର ୭ କର୍ପୋରେଟର ନିର୍ବାଚିତ ହୋଇଥିବାରୁ ନେତା ବାହାସ୍ଫୋଟ ମାରୁଛନ୍ତି। ଅପରପକ୍ଷରେ ମେୟର ପ୍ରାର୍ଥୀ ସବିତା ସୁଆର ପାଣିଗ୍ରାହୀ ଓ ଦଳର ନେତାଙ୍କ ମଧ୍ୟରେ ଅନ୍ତଃକନ୍ଦଳ ଆରମ୍ଭ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ପୌର ନିର୍ବାଚନ ଫଳାଫଳ ସମୀକ୍ଷା ବୈଠକରେ ଏହି ସଂକେତ ମିଳିଛି। ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏଥିରେ ଯୋଗ ଦେଇଥିଲେ। ତେବେ ସବିତା ଆସି ନ ଥିଲେ ଏବଂ ଲେଖାଶ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ନ ଥିଲେ। ଏହା ଭାଜପା ରାଜନୀତିକୁ ଗୋଳିଆ କରିଛି।

ବୁଧବାର ଯୋଗାଯୋଗ ବେଳେ ଧରିତ୍ରୀକୁ ସବିତା କହିଛନ୍ତି, ସମୀକ୍ଷା ବୈଠକ ଓ ଲେଖାଶ୍ରୀ ଆସୁଥିବା ତାଙ୍କୁ ଆଗୁଆ ସୂଚନା ଦିଆଯାଇ ନ ଥିଲା। ତେଣୁ ସେ ଉପସ୍ଥିତ ହୋଇପାରି ନ ଥିଲେ। ଅନ୍ୟପକ୍ଷରେ ଏକ ଘରୋଇ କାର୍ଯ୍ୟ ପାଇଁ ଦିଗପହଣ୍ଡି ବ୍ଲକ ଅଞ୍ଚଳକୁ ପଳାଇଥିଲେ। ଖୋଲାଖୋଲି ଆରୋପ ନ କରି ପରୋକ୍ଷରେ ବ୍ରହ୍ମପୁର ଭାଜପା ନେତାଙ୍କୁ ଟାର୍ଗେଟ କରିଛନ୍ତି। ଏ ସମ୍ପର୍କରେ ଦଳ ରାଜ୍ୟ ସଂଗଠନକୁ ମଧ୍ୟ ଜଣାଇ ଦେଇଥିବା ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ, ମେୟର ପାଇଁ ପ୍ରତ୍ୟକ୍ଷ ନିର୍ବାଚନରେ ୪୫ ହଜାରରୁ ଅଧିକ ଭୋଟ ପାଇଥିବାରୁ ସୁଆର ରେକର୍ଡ ସୃଷ୍ଟି କରିଥିବା ସମୀକ୍ଷକ ଆଲୋଚନା କରୁଛନ୍ତି।

ପ୍ରତିକ୍ରିୟାରେ ପୌର ନିର୍ବାଚନ ପରିଚାଳନା କରିଥିବା ପୂର୍ବତନ ଜିଲା ସଭାପତି ତଥା ଗତ ସାଧାରଣ ନିର୍ବାଚନର ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତି କହିଛନ୍ତି, ସୋମବାର ସବିତାଙ୍କୁ ଜଣାଇ ଦିଆଯାଇଥିଲା। ସମୀକ୍ଷା ବୈଠକରେ ଲେଖାଶ୍ରୀ ଯୋଗଦେବାର ସ୍ପଷ୍ଟ ଭାବେ କୁହାଯାଇଥିଲା। ତଥାପି ସେ ନ ଆସି ଆଗୁଆ କୁହାଯାଇ ନ ଥିବା ମିଥ୍ୟା ଆରୋପ କରୁଛନ୍ତି। ସବିତାଙ୍କ ସମ୍ପର୍କରେ ରାଜ୍ୟ ସଂଗଠନକୁ ଜଣାଇ ଦିଆଯାଇଛି ଏବଂ ଲେଖାଶ୍ରୀ ନିଜେ ସବୁ କଥା ଦେଖିଛନ୍ତି। ତେଣୁ ଏବେ ସବିତା ଓ କାହ୍ନୁଙ୍କ ମଧ୍ୟରେ ଶୀତଳଯୁଦ୍ଧ ଆରମ୍ଭ ହୋଇଥିବା ଅନୁମାନ କରାଯାଇଛି।

# ଚିଲିକା ବିଧାୟକଙ୍କୁ ସର୍ତ୍ତମୂଳକ ଜାମିନ

ବାଣପୁର,୨୭।୪(ଡି.ଏନ୍.ଏ.): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ହାଇକୋର୍ଟରୁ ୭ଦିନ ପାଇଁ ସର୍ତ୍ତମୂଳକ ଜାମିନ ମିଳିବା ପରେ ବୁଧବାର ବାଣପୁରସ୍ଥିତ ଜେଲରୁ ମୁକୁଳିଛନ୍ତି। ସ୍ୱାସ୍ଥ୍ୟଗତ ଚିକିତ୍ସା ନିମନ୍ତେ ବିଧାୟକଙ୍କୁ ଉଚ୍ଚ ନ୍ୟାୟାଳୟ ଏହି ଅନ୍ତରୀଣ ଜାମିନ ଦେଇଛନ୍ତି। ତାଙ୍କର ଅନ୍ତରୀଣ ଜାମିନ ଅବଧି ସରିବା ପରେ ଆସନ୍ତା ମେ ୪ ତାରିଖ ଦିନ ସକାଳ ସାତ ଘଣ୍ଟିକା ସମୟରେ ବିଧାୟକ ଆତ୍ମସମର୍ପଣ କରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ବିଧାୟକଙ୍କ ପାଇଁ କୋର୍ଟ ଏକାଧିକ ସର୍ତ୍ତାବଳୀ ରଖିଥିବା ଜଣାପଡିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୧୨ରେ ବ୍ଲକ ଅଫିସ ସମ୍ମୁଖରେ ବିଧାୟକ ଲୋକଙ୍କ ଉପରକୁ ଗାଡ଼ି ଚଢ଼ାଇ ଦେବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲେ।

# ତାରାଙ୍କ ଇସ୍ତଫା ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୭।୪(ବ୍ୟୁରୋ)

କଂଗ୍ରେସର ଦଳୀୟ ନିର୍ବାଚନ ଚାଲିଥିବା ବେଳେ ଦଳର ଆମୂଳଚୂଳ ପରିବର୍ତ୍ତନ ହେବା ନେଇ ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର ସୂଚନା ଦେଇଛନ୍ତି। ଏହାପରେ ଦଳୀୟ ପଦରୁ ଜଣଙ୍କ ପରେ ଜଣେ ଇସ୍ତଫା ଦେବା ନେଇ ଚର୍ଚ୍ଚା ଜୋର ଧରିଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବୁଧବାର କଂଗ୍ରେସ ବିଧାୟକ ଦଳର ମୁଖ୍ୟ ସଚେତକ ପଦରୁ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ମଙ୍ଗଳବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ବିଧାୟକ ଦଳ ନେତା ପଦରୁ ଇସ୍ତଫା ଦେବା ନେଇ ଚର୍ଚ୍ଚା ହୋଇଥିଲା। ତେବେ ଦଳୀୟ ପଦରୁ ଏହି ଦୁଇ ବିଧାୟକ ନିଜର ଇସ୍ତଫା ନେଇ କୌଣସି ସୂଚନା ଦେଇ ନଥିବା ବେଳେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ମଧ୍ୟ ଏ ନେଇ ସ୍ପଷ୍ଟ କରାଯାଇ ନାହିଁ।

ସୂଚନାଯୋଗ୍ୟ ଯେ, କଂଗ୍ରେସର ଦଳୀୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ସମସ୍ତ ସାଂଗଠନିକ ଜିଲ୍ଲା ପାଇଁ ରିଟର୍ଣ୍ଣି ଅଫିସର (ଡିଆରଓ) ନିଯୁକ୍ତି ଦିଆଯାଇଛି। ସେମାନେ ବ୍ଲକ ଓ ଦଳର ତୃଣମୂଳ ସ୍ତରୀୟ ନେତା ଚୟନ କରିବେ। ସଂଗଠନକୁ ସମ୍ପୂର୍ଣ୍ଣ ପୁନର୍ବିନ୍ୟାସ କରିବା ପାଇଁ ଉଭୟ ବିଧାୟକ ଦଳୀୟ ପଦବୀରୁ ଇସ୍ତଫା ଦେବା ନେଇ କର୍ମୀ ମହଲରେ ଆଲୋଚନା ହେଉଛି।

# 'ସରକାର ସତ୍‌ମାର୍ଗରେ ରୁହନ୍ତୁ'

ପୁରୀ ଅଫିସ,୨୭।୪

- ପରିକ୍ରମା ପ୍ରକଳ୍ପ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଅପରାଜିତା
- ଚାଲି ଚାଲି ବଡ଼ଦାଣ୍ଡରେ ପହଞ୍ଚିଲେ, ପ୍ରକଳ୍ପ ନିର୍ମାଣସ୍ଥଳକୁ ଗଲେନାହିଁ

ପ୍ରଶାସନର ବାଧା ସତ୍ତ୍ୱେ ବୁଧବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପୁରୀ ଗସ୍ତ କରିଛନ୍ତି। ଟାଣ ଖରାରେ ଶତାଧିକ ସମର୍ଥକଙ୍କ ସହ ସେ ବଡ଼ଦାଣ୍ଡରେ ଚାଲି ଚାଲି ଅରୁଣ ସ୍ତମ୍ଭ ସମ୍ମୁଖରେ ପହଞ୍ଚି ଦଣ୍ଡ ପ୍ରଣାମ କରିବା ପରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶ୍ରୀମନ୍ଦିରରୁ ଫେରିବା ପରେ ଅପରାଜିତା କହିଥିଲେ, ବହୁ ଘାତ ପ୍ରତିଘାତ ପରେ ନୀଳଚକ୍ରର ଦର୍ଶନ ହେଲା। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ବହୁ ଇଚ୍ଛା ଥିଲା, ଆଜି ତାହା ପୂରଣ ହୋଇଛି। ପୋଲିସ ବନ୍ଧୁମାନେ ସବୁ ଛକରେ ଅବରୋଧ କଲେ। ତଥାପି କୌଣସି ପ୍ରଶାସନିକ ଅଧିକାରୀଙ୍କୁ ଦୋଷ ଦେଉନାହିଁ, ବରଂ ଧନ୍ୟବାଦ ଦେଉଛି। ସମସ୍ତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କାମ କରୁଛନ୍ତି। ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅପରାଜିତା କହିଥିଲେ, ରାଜ୍ୟ ସରକାର ସତ୍‌ମାର୍ଗରେ ରହିବା ଶିଖନ୍ତୁ। ପାରିଦର୍ଶିତା ରକ୍ଷା କରନ୍ତୁ। ଆଇନ ବିରୋଧରେ କାର୍ଯ୍ୟ ନ କରନ୍ତୁ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ଆମସାର୍ ଆକ୍ଟ ଉଲ୍ଲଂଘନ କରାଯାଇଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ବିନା ଅନୁମୋଦନରେ କାର୍ଯ୍ୟ କରାଯାଉଛି। ପ୍ରକଳ୍ପ କାର୍ଯ୍ୟ ପୂର୍ବରୁ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡାର୍ ସର୍ଭେ ଓ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଷ୍ଟଡି କରାଯାଇନାହିଁ। ରାଜ୍ୟ ସରକାର ଭୁଲ୍ କରିଛନ୍ତି, ଏଣୁ ମୋତେ ରୋକାଯାଉଛି। ଏଏସ୍‌ଆଇ ଅଧୀନରେ ଆସୁଥିବା ମନ୍ଦିରରେ ଏଏସ୍‌ଆଇ ଅନୁମୋଦନ ବିନା ରକ୍ଷଣାବେକ୍ଷଣ କିମ୍ବା ସୌନ୍ଦର୍ଯ୍ୟକରଣ କରା ନ ଯାଉ। ଏଭଳି କାର୍ଯ୍ୟ ଆଇନଗତ ଭାବେ ଭୁଲ ହୋଇଥିବାରୁ ବିରୋଧ କରୁଛୁ। ସେହିଭଳି କେଉଁ ସଂରକ୍ଷଣ ଅଧିକାରୀ ଓ ଯନ୍ତ୍ରୀ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ଅତି ନିକଟରେ ୩୦ ଫୁଟ୍ ଗଭୀର ଖୋଳିବାକୁ ଅନୁମତି ଦେଇଛନ୍ତି ସେ ସମ୍ପର୍କରେ ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି। ଯଦି ପାରଦର୍ଶିତା ଅଛି, ତେବେ ରାଜ୍ୟ ସରକାର ଏ ନେଇ ରାଜ୍ୟବାସୀଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପୁରୀ ଏମ୍‌ପି ପିନାକୀ ମିଶ୍ର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅବଗତ ନ ଥିଲେ। ସେଥିପାଇଁ ଲୋକସଭାରେ କେବଳ ୪ଟି ଶୌଚାଳୟ ନିର୍ମାଣ ହେଉଥିବା କହିଥିଲେ। ଏହା ଆଦୌ ଗ୍ରହଣୀୟ ନୁହେଁ। ପରିକ୍ରମା ପ୍ରକଳ୍ପ ମାମଲା ଏବେ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ନ୍ୟାୟାଳୟର ବିଧି ବ୍ୟବସ୍ଥାକୁ ସମ୍ମାନ ଦେବା ଦରକାର। ରାଜ୍ୟ ସରକାର ସତମାର୍ଗରେ ଥିଲେ ଜିଲା ପ୍ରଶାସନକୁ ଆମ ରାସ୍ତା ଅବରୋଧ କରିବାର ଆବଶ୍ୟକତା ପଡ଼ି ନ ଥାନ୍ତା। ପ୍ରତିବାଦ ଓ ଅବରୋଧ କରିବାର ଅର୍ଥ ଏହା ଯେ, ସରକାର ପ୍ରକଳ୍ପ କାର୍ଯ୍ୟରେ ପାରିଦର୍ଶିତା ରକ୍ଷା କରିନାହାନ୍ତି।

ସୂଚନାଯୋଗ୍ୟ, ପୂର୍ବାହ୍ନ ୧୦ଟାରେ ଅପରାଜିତା ତାଙ୍କ ସମର୍ଥକଙ୍କ ସହ କାର୍ ଯୋଗେ ଚନ୍ଦନପୁରସ୍ଥିତ କାଠପୋଲ ନିକଟରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ପୋଲିସ ରୋକି ଦେଇଥିଲା। ସେ ପଦଯାତ୍ରା ପାଇଁ ଆସିନାହାନ୍ତି ବରଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଛନ୍ତି ବୋଲି କହିବା ପରେ କେବଳ ତାଙ୍କ ଗାଡ଼ିକୁ ଛାଡ଼ିବାକୁ ପୋଲିସ ରାଜି ହୋଇଥିଲା। ତେବେ ଅପରାଜିତା ନିଜ ସମର୍ଥକଙ୍କ ସହ ଚାଲି ଚାଲି କିଛି ବାଟ ଯିବା ପରେ କାର୍ ଯୋଗେ ପୁରୀ ସହରକୁ ପ୍ରବେଶ କରିଥିଲେ। ପୁଣି ମେଡିକାଲ ଛକଠାରେ ତାଙ୍କ ଗାଡ଼ି ରୋକି ଦିଆଯିବାରୁ ସେ ଚାଲି ଚାଲି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ। ତେବେ ସେ ପ୍ରକଳ୍ପ ଖନନ ସ୍ଥଳୀ ଓ ନିର୍ମାଣ କାର୍ଯ୍ୟ ଦେଖିବାକୁ ଯାଇ ନ ଥିଲେ।



ଚନ୍ଦନପୁରଠାରେ ପୋଲିସ ଅଟକାଇବାରୁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗାଡ଼ିରୁ ଓହ୍ଲାଇ ସମର୍ଥକଙ୍କ ସହ କଥା ହେଉଛନ୍ତି।

# ଅପରାଜିତାଙ୍କ ବିରୋଧରେ ଏତଲା

ପୁରୀ ଅଫିସ,୨୭।୪

ପୁରୀ ଜିଲା ପ୍ରଶାସନ ପଦଯାତ୍ରାକୁ ଅନୁମତି ଦେଇ ନ ଥିବା ବେଳେ ଅପରାଜିତା ପଦଯାତ୍ରା କରିଥିବା ଅଭିଯୋଗ ଆଣି ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ସମେତ ବିଜେଡି କର୍ମୀଙ୍କ ପକ୍ଷରୁ ପୁରୀ ଟାଉନ ଥାନା ଓ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ବିଜେଡି ନେତା ଶୁଭାଶିଷ ଖୁଣ୍ଟିଆ ଓ ଗୌରହରି ଦାଶ ପ୍ରମୁଖ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଶୁଭାଶିଷ କହିଛନ୍ତି, ରାଜ୍ୟ ସରକାରଙ୍କ ଐତିହ୍ୟ ପ୍ରକଳ୍ପକୁ ସାରା ବିଶ୍ୱରେ ପ୍ରଶଂସା ମିଳୁଥିବା ବେଳେ ଅପରାଜିତା ମହାପ୍ରଭୁଙ୍କ କାର୍ଯ୍ୟରେ ଅଯଥା ରାଜନୀତି କରୁଛନ୍ତି। ବଡ଼ଦାଣ୍ଡରେ ଆଇନକୁ ଅବମାନନା କରିଛନ୍ତି।

## ଶ୍ରୀକୃଷ୍ଣ ସିନେମା ହଲ୍ ଗଳି ନିକଟରେ ଟମାଟୋ ମାଡ଼

ଅନ୍ୟପକ୍ଷରେ ଶ୍ରୀମନ୍ଦିର ନିକଟସ୍ଥ ଶ୍ରୀକୃଷ୍ଣ ସିନେମା ହଲ୍ ଗଳି ନିକଟରେ ଅପରାଜିତାଙ୍କୁ ଟମାଟୋ ମାଡ଼ କରାଯାଇଥିଲା। ଯୁବ କଂଗ୍ରେସ ପକ୍ଷରୁ ଏହି ଟମାଟୋ ମାଡ଼ କରାଯାଇଥିବା ଚର୍ଚ୍ଚା ହେଉଥିଲେ ମଧ୍ୟ ଏନେଇ ସ୍ପଷ୍ଟ ସୂଚନା ମିଳିନାହିଁ। ଟମାଟୋ ମାଡ଼ର ଭିଡିଓ ଫୁଟେଜରେ ଜଣେ ଯୁବକ ଟମାଟୋ ମାଡ଼ କରି ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଛି।

**Bhubaneswar Municipal Corporation**

**Auction Sale Notice for Package of / Individual Parking lots in BMC area**

No.22620/BMC, Date:26.04.2022
XXII(L)- 39/2019 (Pt)

**No.C-154:**Sealed tenders are invited by registered post /speed post/ Courier only addressed to the Commissioner, BMC Bhubaneswar from intending parties in prescribed tender form along with EMD mentioned against the **5 Packages consisting of 14 parking lots and Individual 30 parking lots for One year** as in the Notice and in the website. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and BMC Website - **http://bmc.gov.in.**
The important dates & information are as follows:-
1. Date of Issue of Tender Paper: **27.04.2022**
2. Last date for sale of Tender Paper at BMC Office: **18.05.2022 (During Office hour)**
3. Last Date of submission of written queries for clarification: **05.05.2022**
4. Pre-bid Meeting: **06.05.2022 at 12.00 Noon**
5. Last date for submission of Tender Paper: **19.05.2022 upto 5.00 P.M**
6. Earnest Money Deposit (EMD) : 10% of Upset Price
7. Tender Cost (Non-refundable): Rs. 500/-(Rupees Five Hundred only)
8. Opening of tender papers: **20.05.2022 at 4.00 P.M.**

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0023/2223

**INTEGRATED TRIBAL DEVELOPMENT AGENCY, NABARANGPUR**

No. 924/2022
931
Date: 27.04.2022

**QUOTATION CALL NOTICE**

No. CAD-335: Sealed quotations in plain paper are invited from intending authorized dealers/manufacturers/reputed suppliers/specific manufacturers for supply of Gym equipments and Electronics & Computer accessories. The details of the quotation are available in the website: **https://nabarangpur.nic.in** from 27.04.2022 to 11.05.2022 upto 5.00 P.M. The quotation paper will be opened on 12.05.2022 at 11.00 A.M. in the office of the Project Administrator, ITDA, Nabarangpur. Further, any addendum/corrigendum/cancellation of tender can be seen in the website only.

**Sd./- P.A., ITDA, Nabarangpur**
OIPR-19195/11/0002/2223

**Bhubaneswar Municipal Corporation**

Progress through Partnership for better Bhubaneswar
XXII(L) - 33/17 (Pt)
**RFP No.2268/Date:26.04.2022**

**RFP for "Advertisement Rights on Government Land for North Zone and under 3 different packages of South West Zone in BMC"**

**No.C-151:**Bhubaneswar Municipal Corporation invites sealed proposals from intending agencies for having the requisite qualification as per terms stipulated in the detailed RFP document for undertaking Advertising rights on Government Land for North Zone and under 3 different packages of South West Zone in BMC. The detailed RFP document shall be made available in the website bmc.gov.in from 27.04.2022 at 12:00 noon onwards. The last date of receipt of application is till 5:00 P.M. on 25.05.2022. For any clarification an e-mail may be sent on bmcpmu@bmc.gov.in.

**By Order**
**Sd./- Dy.Commissioner (Revenue)**
**Bhubaneswar Municipal Corporation**
OIPR-13002/11/0019/2223

**OFFICE OF THE MUNICIPAL COUNCIL, SUBARNAPUR**

**No.1522, Dt.27.4.2022**

**QUOTATION CALL NOTICE**

**No.C-156:**Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2022-23. The rate quoted documents should be submitted to the undersigned on or before **07.05.2022 at 11.00 A.M** and the same will be opened **on dt.07.05.2022 at 12.00 P.M** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e.. **www.subarnapur.nic.in** w.e.f 28.04.2022 to 07.05.2022 at 11.00 A.M. The quotationer shall have to deposit Rs.2000/- (Rupees Two Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal .delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

**Sd./- Executive Officer, Sonepur Municipality**
OIPR-13098/11/0005/2223

**OFFICE OF THE MUNICIPAL COUNCIL: SUNDARGARH**

**No.3138, Dt.27.04.2022**

**COMPETITIVE BIDDING THROUGH e-Procurement**

**NOTICE INVITING TENDER**

**Bid Reference No.SNGM-01/2022-23/Dt. 04.2022**

**No.C-157:**On behalf of the Sundargarh Municipality, on-line e-tender Percentage Rate Bids are invited by the Executive Officer, Sundargarh Municipality from the intending and eligible class/category of bidders in conformity with the Detailed Tender Call Notice in Single cover bid system i.e. Technical Bid & Financial Bid for execution of the works mentioned in the DTCN. Contractors validly registered/empanelled under Sundargarh Municipality are also eligible to participate for the works as per condition of DTCN.
1. Total No. of works for which Tenders invited: 10 Nos.
2. Place of Execution: Inside of Sundargarh Municipality.
3. Estimated Cost of work: Rs. 1,13,930/- to Rs.17,85,388/-
4. Eligible Class of Contractors: Registered Contractors of **Class-'D' to Class-'C'** as indicated against the work mentioned in the Tender Call Notices.
5. Intending bidders have to participate through **"On-Line"** bidding only. The website for online bidding is **https://www.tendersodisha.gov.in.in**
6. The bid documents will be available in the above website from 11 A.M on 29.04.2022 to 5 P.M on 08.05.2022 for online bidding.
7. Bids received online will be opened at **11 A.M on 09.05.2022.**
8. The bidder must possess valid and compatible **Digital Signature Certificate (DSC)**
9. The DTCN for bid shall be available in the e-procurement portal **https://www.tendersodisha.gov.in** for on-line bidding.

**Sd./- Executive Officer, Sundargarh Municipality**
OIPR-13130/11/0001/2223

**INVITATIONS FOR BIDS (IFB)** No. L-28
GOVERNMENT OF ODISHA
**AGRICULTURE & FARMERS' EMPOWERMENT DEPARTMENT**
**DIRECTORATE OF HORTICULTURE, ODISHA, BHUBANESWAR**
**e-Procurement Notice**
Bid Reference Number - E.E.-DH (O) - 01 of 2022-23
No. 4217
Tender Call Notice No. 2C(H4)40/21
Dt.26.04.2022

| | | |
|---|---|---|
| Name of the work | : | Construction of Infrastructure works |
| Estimated cost of Projects | : | Varies from Rs.5.00 lakh to Rs.70.00 lakh |
| Total No. of Projects | : | 12 (Twelve) Nos. of Projects |
| Class of Contractor/Eligible Criteria | : | "D", "C", "B" & "A" Class (of Odisha PWD) or relevant Class of other licensing authorities. |
| Period of Completion | : | As per TCN |

Other details:

| Procurement Officer | Bid Reference Number | Availability of Tender Online for Bidding | | Submission of Original Documents | Date & Place of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer (Agril), Office of the Directorate of Horticulture, Odisha, Bhubaneswar | E.E. - DH (O) - 01 of 2022-23 | 02.05.2022 at 11.00 A.M. | 13.05.2022 upto 5.00 P.M. | During office hours of working days from Dt.17.05.2022 at 11.00 A.M. to 18.05.2022 upto 05 P.M. in the Office Chamber of the Executive Engineer, Directorate of Horticulture, Krushi Bhawan, Bhubaneswar | Dt.19.05.2022 at 11 A.M. in the Office Chamber of the Executive Engineer, Directorate of Horticulture, Krushi Bhawan, Bhubaneswar, Odisha |

Further details can be seen from the website **www.tendersodisha.gov.in**.
OIPR-01038/11/0001/2223
**Sd./- Executive Engineer (Agril.), O/o. Director of Horticulture**

# ବ୍ରୋଞ୍ଜ ଜିତିଲେ ଚପଲ ବିକାଳିଙ୍କ ପୁଅ

**ବେଙ୍ଗାଲୁରୁ, ୨୭।୪**


ପଦକ ସହ ଗଜାନନ ସହଦେବ ଖାଣ୍ଡାଗାଲେ।

ମହାରାଷ୍ଟ୍ରର ବିଡ୍ ଜିଲାର ତାଲୱାଡା ଗ୍ରାମର ୨୨ ବର୍ଷୀୟ ଗଜାନନ ସହଦେବ ଖାଣ୍ଡାଗାଲେ ବର୍ଷେ ତଳେ ମୋବାଇଲ ଗେମ୍ ପବ୍‌ଜୀରେ ମାତିଥିଲେ। ଦିନକୁ ଘଣ୍ଟା ଘଣ୍ଟା ଧରି ସେ ମୋବାଇଲରେ ଗେମ୍ ଖେଳୁଥିଲେ। କିନ୍ତୁ ଲୋକପ୍ରିୟ ଶୁଟିଂ ଗେମ୍ ପ୍ରତି ଥିବା ତାଙ୍କ ଦୁର୍ବଳତା ତାଙ୍କୁ ଯେ ଦିନେ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସରେ ବ୍ରୋଞ୍ଜ ପଦକ ଆଣିଦେବ ତାଙ୍କୁ ଜଣା ନ ଥିଲା। ୨୦୧୯ରେ ଗଜାନନ ଜିଭି ମାଭାଲାଙ୍କର ଶୁଟିଂ କ୍ୟାମ୍ପ ସମ୍ପର୍କରେ ଜାଣିବାକୁ ପାଇଥିଲେ, ଯେଉଁଠାରେ ଶୁଟିଂ ପ୍ରତି ଇଚ୍ଛୁକ ଥିବା ଛାତ୍ରୀଛାତ୍ର ଟ୍ରାଏଲ ଦିଅନ୍ତି। ଦକ୍ଷ ପବ୍‌ଜୀ ଖେଳାଳି ଭାବେ ଖ୍ୟାତି ଅର୍ଜନ କରିଥିବା ଗଜାନନ ଶୁଟିଂ ପ୍ରତି ଆଗ୍ରହ ପ୍ରକାଶ କରିବା ସହ ଟ୍ରାଏଲ ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ସେଠାରେ ଲକ୍ଷ୍ୟ ଭେଦ କରିବାର ଦକ୍ଷତାକୁ ସେ ଚିହ୍ନିଥିଲେ। ‘‘ପବ୍‌ଜୀରେ ଟାର୍ଗେଟକୁ ଠିକ୍ ଭାବେ ଲକ୍ଷ୍ୟ କରିବାକୁ ପଡ଼େ। ଏହି ଗେମ୍ ଜରିଆରେ ତାହା କେଉଁଭଳି କରାଯାଏ, ମୁଁ ବୁଝିଛି। ଶୁଟିଂ ଟ୍ରାଏଲ୍ସର ପ୍ରଥମ ଦିନ ରାଇଫଲ ଧରିବା ପରେ ମୋତେ ଭଲ ଅନୁଭବ ହୋଇଥିଲା। ପୂର୍ବରୁ ମୁଁ କଦାପି ରାଇଫଲ ଦେଖି ନ ଥିଲି। ଚୟନ ଶିବିର ପରେ ସ୍ଥାନୀୟ ଓ ଜାତୀୟ ଟୁର୍ନାମେଣ୍ଟର ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ମୋ ପ୍ରଦର୍ଶନ ଭଲ ରହିଥିଲା। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଏହି ଖେଳକୁ ଆପଣେଇବା କଷ୍ଟକର ବୋଲି ମୋତେ ଜଣାଥିଲା। ଦାମୀ ଯନ୍ତ୍ରପାତି, ଗିୟର, ଟ୍ରାଭେଲିଂ ଖର୍ଚ୍ଚ, ଡାଏଟ ଏବଂ ଶାରୀରିକ ଫିଟ୍‌ନେସକୁ ବଜାୟ ରଖିବା ତାଙ୍କ ପାଇଁ ସମ୍ଭବପର ନ ଥିଲା’’ ବୋଲି ଗଜାନନ କହିଛନ୍ତି। ଦୁଃଖିତ ଗଜାନନ ବାପା ମା’ଙ୍କୁ ଶୁଟର ହେବାର ସ୍ୱପ୍ନ ପୂରଣ କରିବା ଲାଗି ଅନୁରୋଧ କରିଥିଲେ। ପୁଅର ଶୁଟିଂ କ୍ୟାରିୟର ଲାଗି ଗାଁରେ ଚପଲ ବିକି ଚଳୁଥିବା ଗଜାନନଙ୍କ ବାପା ପୈତୃକ ଜମିର କିଛି ଅଂଶ ବିକି ଦେଇଥିଲେ। ସେହି ସମୟରେ ସେ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାଗ୍ୟବଶତଃ, ତାଙ୍କର ଏହି କ୍ୟାଟେଗୋରି ବଦଳିବାର ନିଷ୍ପତ୍ତି ଯୋଗୁ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆସିଥିଲା। ସେ ୨୦୨୧ ଅକ୍ଟୋବରରେ ଜିଭି ମାଭାଲାଙ୍କର ଶୁଟିଂ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟରେ ୪୦୦ରୁ ୩୯୭ ସ୍କୋର କରି ନୂଆ ରେକର୍ଡ ସୃଷ୍ଟି କରିଥିଲେ। ୬ ମାସ ପରେ ସେ ଜାତୀୟ ଚୟନ ଶିବିରର କ୍ୱାଲିଫିକେଶନ ରାଉଣ୍ଡରେ ୬୩୦.୩ ସ୍କୋର ସହ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଏବେ ସାବିତ୍ରୀବାଇ ଫୁଲେ ପୁଣେ ୟୁନିଭରସିଟି ପକ୍ଷରୁ ପ୍ରତିନିଧିତ୍ୱ କରି କର୍ଣ୍ଣାଟକର ବେଙ୍ଗାଲୁରୁରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ପ୍ରତିଯୋଗିତାରେ ସେ ୨୬୦.୨ ସ୍କୋର ସହ ବ୍ରୋଞ୍ଜ ପଦକ ଜିତିଛନ୍ତି।

## ବିଜୟ ସହ ମୁମ୍ବାଇ ସିଟିର ଐତିହାସିକ ଅଭିଯାନ ଶେଷ

**ରିୟାଦ, ୨୭।୪ (ପିଟି):** ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ (ଏସିଏଲ୍)ରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) କ୍ଲବ ମୁମ୍ବାଇ ସିଟି ଏଫ୍‌ସି ବିଜୟ ସହ ଅଭିଯାନ ଶେଷ କରିଛି। ମଙ୍ଗଳବାର ରାତିରେ ଖେଳାଯାଇଥିବା ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ମୁମ୍ବାଇ ସିଟି ୧-୦ ଗୋଲରେ ଇରାକର ଏୟାର ଫୋର୍ସ କ୍ଲବକୁ ହରାଇ ଦେଇଛି। ପ୍ରଥମାର୍ଦ୍ଧରେ ଡିଏଗୋ ମୌରିସିଓ (୩୧ତମ ମିନିଟ୍)ଙ୍କ ଗୋଲ ବଳରେ ମୁମ୍ବାଇ କିଙ୍ଗ ଫାହଦ ଇଣ୍ଟରନ୍ୟାଲଶନାଲ ଷ୍ଟାଡିୟମରେ ୩ ପଏଣ୍ଟ ହାସଲ କରିଛି। ଏସିଆର ସବୁଠୁ ବଡ଼ ଫୁଟ୍‌ବଲ କ୍ଲବ ପ୍ରତିଯୋଗିତାରେ ଏହା ମୁମ୍ବାଇ ଦଳର ଦ୍ୱିତୀୟ ବିଜୟ। ଡବଲ ରାଉଣ୍ଡ ରବିନ ଗ୍ରୁପ ଲିଗ୍‌ରେ ଏହି ଆଇଏସ୍‌ଏଲ୍ କ୍ଲବ ପୂର୍ବରୁ ସମାନ ଦଳକୁ ୨-୧ ଗୋଲରେ ହରାଇ ଏଏଫ୍‌ସି ଚାମ୍ପିୟନ ଲିଗ୍ ଇତିହାସରେ ପ୍ରଥମ ଭାରତୀୟ କ୍ଲବ ଭାବେ ବିଜୟ ହାସଲ କରିଥିଲା। ଦୁଇଟି ବିଜୟ ଯୋଗୁ ମୁମ୍ବାଇ ସିଟି ୬ ମ୍ୟାଚ୍‌ରୁ ୭ ପଏଣ୍ଟ ସହ ଗ୍ରୁପ୍ ବି’ରେ ଦ୍ୱିତୀୟ ସ୍ଥାନରେ ରହିଛି।

# ମହିଳା ଭାରୋତ୍ତୋଳନରେ କିଟ୍‌କୁ ଚାମ୍ପିୟନ୍ସ ଟ୍ରଫି

**ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

**ଭୁବନେଶ୍ୱର, ୨୭।୪ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଭାରୋତ୍ତୋଳନ ଇଭେଣ୍ଟ ମହିଳା ବର୍ଗରେ କିଟ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଛି। ଫଳରେ ଏହାକୁ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରାଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଦଳରେ ଥିବା ପ୍ରତିଯୋଗୀଙ୍କ ମଧ୍ୟରେ ସ୍ନେହା ସୋରେନ ସ୍ୱର୍ଣ୍ଣ (୪୯ କେଜି), ମୋତି ଜାନି ରୌପ୍ୟ (୫୯ କେଜି) ପଦକ ପାଇଥିବାବେଳେ ରଞ୍ଜିତା ମାଝି ୪ର୍ଥ (୪୯ କେଜି), ଅଭିଷିକ୍ତା କାଦୁଲୁରି ୪ର୍ଥ (୮୧ କେଜି), ଅପରାଜିତା ଭୂୟାଁ ୫ମ (୫୯ କେଜି) ଓ ଏମ. କୀର୍ତ୍ତି ୫ମ (୭୬ କେଜି) ସ୍ଥାନ ଅଧିକାର କରିଥିଲେ। ଲକି ରାଣୀ ପାତ୍ର କୋଚ୍ ଓ ଶୁଭକାନ୍ତ ମଲିଆ ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଥିଲେ। ଚାମ୍ପିୟନ୍ସ ଟ୍ରଫି ହାସଲ କରିଥିବାରୁ ପ୍ରତିଯୋଗୀମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ଓ ସପୋର୍ଟ ଷ୍ଟାଫ୍‌ଙ୍କ ସହ କିଟ୍ ବିଶ୍ୱବିଦ୍ୟାଳୟ ମହିଳା ଭାରୋତ୍ତୋଳନ ଦଳ।

# ଶେନ ୱର୍ନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବ ରାଜସ୍ଥାନ

**ନଭି ମୁମ୍ବାଇ, ୨୭।୪ (ପିଟି)**

ଆସନ୍ତା ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ କିମ୍ବଦନ୍ତୀ ଅଷ୍ଟ୍ରେଲିଆନ ଲେଗ୍ ସ୍ପିନର ଶେନ ୱର୍ନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବ ରାଜସ୍ଥାନ ରୟାଲ୍ସ। ୱର୍ନ ଉଦ୍‌ଘାଟନୀ ଆଇପିଏଲ୍ ସିଜନରେ ଟ୍ରଫି ହାତେଇଥିଲେ। ୨୦୦୮ ଫାଇନାଲରେ ତାଙ୍କ ନେତୃତ୍ୱାଧୀନ ରାଜସ୍ଥାନ ୩ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ହରାଇ ଥିଲା। ଆସନ୍ତା ଶନିବାର ଦଳର ଏକମାତ୍ର ଆଇପିଏଲ ଟ୍ରଫିର ୧୪ ବର୍ଷ ପୂର୍ତ୍ତି ଅବସରରେ ଦଳର ପ୍ରଥମ ଅଧିନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବ ବୋଲି ଆଇପିଏଲ୍ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ଏହି ଅବସରରେ ୱର୍ନଙ୍କ ଭାଇ ଜାସନ ଉପସ୍ଥିତ ରହିବେ। ସେ ଜୟପୁରରେ ପ୍ରତିଷ୍ଠିତ ଫ୍ରାଞ୍ଚାଇଜର ଆମନ୍ତ୍ରଣକୁ ଗ୍ରହଣ କରିଛନ୍ତି। ସର୍ବକାଳୀନ କିମ୍ବଦନ୍ତୀ କୁହାଯାଉଥିବା ୱର୍ନ ଗତ ମାସରେ ଥାଇଲାଣ୍ଡର ଏକ ରିଜର୍ଟରେ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ତାଙ୍କୁ ୫୨ ବର୍ଷ ହୋଇଥିଲା। ‘‘ଯେଉଁ ଷ୍ଟାଡିୟମରେ ୱର୍ନ ଦିନେ ଆଇପିଏଲ୍ ଟ୍ରଫି ଉଠାଇଥିଲେ, ସେଠାରେ କ୍ରିକେଟ ଜଗତ ଏକତ୍ରିତ ହୋଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ। ତେବେ ଏହା ଏକ ଶୋକସଭା ନୁହେଁ, ବରଂ ଜଣେ ମହାନ୍ ବ୍ୟକ୍ତିଙ୍କୁ ମନେ ପକାଇବା ଏବଂ କ୍ରିକେଟ ପ୍ରତି କଦାପି ଶେଷ ନ ହେଲା ଭଳି ତାଙ୍କର ଅବଦାନକୁ ସାଲ୍ୟୁଟ କରିବାର ଏକ ଉଦ୍ୟମ। ତାଙ୍କ ଶବ୍ଦ, ଏନର୍ଜି ଏବଂ ଫିଲ୍ଡ ବାହାରେ ଓ ଭିତରେ ତାଙ୍କ କାର୍ଯ୍ୟଶୈଳୀ ବିଶ୍ୱରେ ହଜାର ହଜାର ଜୀବନକୁ ପ୍ରଭାବିତ କରିଛି’’ ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ରାଜସ୍ଥାନ ଫ୍ରାଞ୍ଚାଇଜ ଏହି ଉତ୍ସବର ନେତୃତ୍ୱ ନେବ ଏବଂ ଏହାକୁ ବିସିସିଆଇର ସମର୍ଥନ ମିଳିଛି। ରାଜସ୍ଥାନ ରୟାଲ୍ସ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବାକୁ ଥିବା ଖେଳାଳି ଜର୍ସିର କଲାରରେ ‘ଏସ୍‌ଡବ୍ଲ୍ୟୁ୨୩’କୁ ପରିଧାନ କରିବେ। ଡି ୱାଇ ପାଟିଲ ଷ୍ଟାଡିୟମର ଏକ ସ୍ୱତନ୍ତ୍ର ଅଞ୍ଚଳକୁ ଶେନ ୱର୍ନ ଟ୍ରିବ୍ୟୁଟ ଗ୍ୟାଲେରୀ କରାଯାଇଛି।

# କୋହଲିଙ୍କୁ ଆଇପିଏଲ୍‌ରୁ ଓହରିବାକୁ ପରାମର୍ଶ ଦେଲେ ଶାସ୍ତ୍ରୀ

**ମୁମ୍ବାଇ, ୨୭।୪**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ବ୍ୟାଟର ବିରାଟ କୋହଲି ଚଳିତ ଆଇପିଏଲ ସିଜନରେ କ୍ୟାରିୟରର ସବୁଠୁ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଏପର୍ଯ୍ୟନ୍ତ ୯ ମ୍ୟାଚ୍‌ରୁ ସେ ମାତ୍ର ୧୨୮ ରନ୍ କରିଛନ୍ତି। ଏହି ବ୍ୟାଟର ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଓ ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ପ୍ରଥମ ବଲରେ ଆଉଟ୍ ହୋଇଥିବା ବେଳେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ସେ ମାତ୍ର ୯ ରନ୍ କରିଥିଲେ। ଭାରତୀୟ ଦଳର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ପୁଣି ଥରେ କୋହଲିଙ୍କୁ ତୁରନ୍ତ ବ୍ରେକ ନେବା ଲାଗି ପରାମର୍ଶ ଦେଇଛନ୍ତି। ‘‘ମୋ ମତରେ ଛୁଟି ତାଙ୍କୁ ନିହାତି ଦରକାର। କାରଣ ସେ ନନ୍ ଷ୍ଟପ କ୍ରିକେଟ ଖେଳୁଛନ୍ତି ଏବଂ ଦୀର୍ଘ ଦିନ ଧରି ସମସ୍ତ ଫର୍ମାଟର ଅଧିନାୟକ ମଧ୍ୟ ଥିଲେ। ବିରତି ନେବା ତାଙ୍କ ପାଇଁ ବୁଦ୍ଧିମାନ ନିଷ୍ପତ୍ତି ହେବ। ବେଳେବେଳେ ସନ୍ତୁଳନ ରକ୍ଷା କରିବାକୁ ପଡ଼େ। ଯଦି ତୁମେ ଲମ୍ବା ଅନ୍ତର୍ଜାତୀୟ କ୍ୟାରିୟର ଚାହୁଁଛ ଏବଂ ଆଗାମୀ ୫ରୁ ୬ ବର୍ଷ ଖେଳିବାକୁ ଚାହୁଁଛ, ତେବେ ଯେଉଁମାନଙ୍କୁ ତୁମେ ଯତ୍ନ କର, ସେମାନଙ୍କ ପାଇଁ ଚଳିତ ଆଇପିଏଲ୍‌ରୁ ଓହରିଯାଅ’’ ବୋଲି ଯତୀନ ସପ୍ରୁଙ୍କ ୟୁଟ୍ୟୁବ ଚ୍ୟାନେଲରେ ଶାସ୍ତ୍ରୀ କହିଛନ୍ତି। ‘‘ତୁମେ ୧୪ରୁ ୧୫ ବର୍ଷ ଧରି ଖେଳି ଆସୁଛ। କେବଳ ବିରାଟଙ୍କୁ ମୁଁ ଏକଥା କହୁଛି, ତାହା ନୁହେଁ। ଯଦି ତୁମେ ଖେଳିବାକୁ ଚାହୁଁଛ ଏବଂ ଭାରତ ପାଇଁ ଭଲ କରିବାକୁ ଇଚ୍ଛୁକ, ତେବେ ତୁମକୁ କେଉଁଠାରେ ବ୍ରେକ୍ ନେବାର ଅଛି, ତାହାକୁ ଧାର୍ଯ୍ୟ କରିବାକୁ ପଡ଼ିବ। ବ୍ରେକ୍ ନେବା ଲାଗି ଆଇପିଏଲ ସବୁଠୁ ଉଚିତ ସମୟ। କାରଣ କେବଳ ଆଇପିଏଲ ସମୟରେ ହିଁ ଟିମ୍ ଇଣ୍ଡିଆ କୌଣସି କ୍ରିକେଟ ଖେଳେ ନାହିଁ। ବେଳେବେଳେ ତୁମକୁ ଏହା କରିବାକୁ ପଡ଼ିବ ନ ହେଲେ ଫ୍ରାଞ୍ଚାଇଜକୁ ସ୍ପଷ୍ଟ ଭାବେ କହିଦିଅ, ମୁଁ କେବଳ ଅଧା ମ୍ୟାଚ୍ ଖେଳିବି। ସେଥି ଲାଗି ଅଧା ଟଙ୍କା ଦେବେ। ଏହା ପୂରା ସରଳ। ଜଣେ ଅନ୍ତର୍ଜାତୀୟ କ୍ରିକେଟର ଭାବେ ଶୀର୍ଷରେ ପହଞ୍ଚିବାକୁ ହେଲେ ଏଭଳି କଠିନ ନିଷ୍ପତ୍ତି ନେବାକୁ ପଡ଼ିବ’’ ବୋଲି ଶାସ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ବିରାଟ ଏବେ ବି ଯୁବ ଅଛନ୍ତି। ତାଙ୍କ ପାଖରେ ଆହୁରି ୫ର ୬ ବର୍ଷର କ୍ରିକେଟ ରହିଛି। ଗତ କିଛି ମାସ ହେଲା ତାଙ୍କୁ କଠିନ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି।




## ରାଜ୍ୟ ଖବର

# ରାଜଧାନୀରେ ପାଇକଙ୍କ ରଣହୁଙ୍କାର


ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ବୁଧବାର ଓଡ଼ିଶା ବୀର ମହାସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଉଛି।

**ଭୁବନେଶ୍ୱର, ୨୭।୪ (ବ୍ୟୁରୋ)**

**ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସଙ୍ଗ**

ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ଏବଂ ପାଇକ ରେଜିମେଣ୍ଟ ଗଠନ ଆଦିରେ ପୁଣି ଥରେ ରାସ୍ତାକୁ ଓହ୍ଲାଇଛନ୍ତି ପାଇକ ସଂଘ। ପାଇକଙ୍କ ରଣହୁଙ୍କାରରେ ବୁଧବାର ଗର୍ଜି ଉଠିଥିଲା ରାଜଧାନୀ। ପାରମ୍ପରିକ ବେଶଧରି ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରି ବିଶାଳ ପାଇକ ଆଖଡ଼ା ଜନଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମାଷ୍ଟର କ୍ୟାଣ୍ଟିନ ଛକରୁ ହଜାର ହଜାର ପାଇକ ଏକ ବିରାଟ ଶୋଭାଯାତ୍ରାରେ ଖଣ୍ଡା, ତଲୱାର, ଗଦା, ମୁଦ୍‌ଗର ଧରି ପାଇକ ଆଖଡ଼ା ପ୍ରଦର୍ଶନ କରି, ରଣ କୁହାଟ ଦେଇ ରାମ ମନ୍ଦିର ଛକ ଅତିକ୍ରମ କରି ପ୍ରଦର୍ଶନୀ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ଓଡ଼ିଶା ବୀର ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ କହିଥିଲେ ଯେ, ଓଡ଼ିଶାର ଖୋର୍ଦ୍ଧା ମାଟିରୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବ୍ରିଟିଶମାନଙ୍କ ବିରୋଧରେ ଆରମ୍ଭ ହୋଇଥିଲା। ତେଣୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ଉତ୍ସବ ଦିଲ୍ଲୀର ବିଜ୍ଞାନ ଭବନରେ ପାଳନ ଅବସରରେ ମତବ୍ୟକ୍ତ କରିଥିଲେ। ସେହି ଆଧାରରେ ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାହାଡ଼ ପାଦଦେଶରେ ଆସି ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରି ପାଇକ ବିଦ୍ରୋହ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ନିଜର ମନ୍ତବ୍ୟ ରଖିଥିଲେ। କିନ୍ତୁ ବର୍ତ୍ତମାନ ଏହାକୁ ଅସ୍ୱୀକାର କରାଯିବା ଓଡ଼ିଶାର ଜନସାଧାରଣଙ୍କ ସ୍ୱାଭିମାନ ପ୍ରତି ଏହା କୁଠାରାଘାତ। ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବା ସହିତ ପଞ୍ଜାବ ରେଜିମେଣ୍ଟ, ଗୋର୍ଖା ରେଜିମେଣ୍ଟ ଓ ଆସାମ ରେଜିମେଣ୍ଟ ପରି ଯଥାଶୀଘ୍ର ଓଡ଼ିଶାରେ ପାଇକ ରେଜିମେଣ୍ଟ ଗଠନ କରାଯିବା ନେଇ ଦାବି ରହିଛି। ଏହାଦ୍ୱାରା ଓଡ଼ିଶା ଯୁବକମାନଙ୍କ ବେକାରି ସମସ୍ୟାର ସମାଧାନ ହେବା ସହ ସେମାନେ ଦେଶମାତୃକାର ସେବା ପାଇଁ ସୈନ୍ୟବାହିନୀରେ ଯୋଗ ଦେଇପାରିବେ। ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଛନ୍ତି, ଏହିସବୁ ଦାବି ସହ ରାଜ୍ୟ ସରକାର ଯଥାଶୀଘ୍ର ବରୁଣେଇରେ ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ବିନା ମୂଲ୍ୟରେ ଯୋଗାଇ ଦିଅନ୍ତୁ। ଏହାଦ୍ୱାରା ଯଥାଶୀଘ୍ର ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ହୋଇପାରିବ। ସଙ୍ଗଠକ ତଥା ଗୀତିକାର ବଦ୍ରିନାରାୟଣ ମିଶ୍ର ଏହି ସମାବେଶ ପାଇଁ ପୁରୀରୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମର ସଂଯୋଜକ ନରେନ୍ଦ୍ର ପୃଷ୍ଟି, ଅନ୍ୟତମ ସଂଯୋଜକ ଡ. ଅଶୋକ ସୁନ୍ଦରାୟ, ଗଣେଶ ସାମନ୍ତ, ରମାକାନ୍ତ ମହାପାତ୍ର, ବିଶ୍ୱଭୂଷଣ ଛୋଟରାୟ, ଅବନୀକାନ୍ତ ଜେନା, ପଦ୍ମଚରଣ ରାୟ ତଥା ଓଡ଼ିଶାର ପ୍ରତ୍ୟେକ ଜିଲାର ବହୁ ଦଳବେହେରା, ଦଳେଇ, ପାଇକ ଆଖଡ଼ା ଗୁରୁ ଓ ହଜାର ହଜାର ପାଇକ ଆଖଡ଼ା ଦଳ ଯୋଗଦାନ କରି ଏହିସବୁ ଦାବି ପ୍ରତି ନିଜର ସମର୍ଥନ ଜ୍ଞାପନ କରିଥିଲେ।

# ଅବକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

**ସୋର/ଖଇରା, ୨୭।୪ (ଡି.ଏନ.ଏ.)**

**ସ୍କୁଟି ସହ ମଦ ବିକ୍ରେତାଙ୍କୁ ଖସାଇନେଲେ ସହଯୋଗୀ**

ଅବକାରୀ ବିଭାଗ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରି ଜଣେ ମଦ ବ୍ୟବସାୟୀଙ୍କୁ ତାଙ୍କ ସହଯୋଗୀମାନେ ଖସାଇ ନେବା ଚର୍ଚ୍ଚାର ବିଷୟ ହୋଇଛି। ଆକ୍ରମଣରେ ଗୁରୁତର କର୍ମଚାରୀ ଅର୍ଜୁନ ମଲ୍ଲିକଙ୍କୁ ଚିକିତ୍ସାପାଇଁ ପ୍ରଥମେ ଖଇରା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ରାତିରେ ମଦ ବ୍ୟବସାୟୀ ଜଣକ ନିଜ ସ୍କୁଟିରେ ମଦ ନେଇ ଯାଉଥିବା ବେଳେ ସୋର-କୁପାରୀ ରାସ୍ତାର ମହତୀପୁର ଛକ ନିକଟରେ ପୂର୍ବରୁ ଜଗି ରହିଥିବା କେନ୍ଦ୍ରୀୟ ଅବକାରୀ ଗୋଇନ୍ଦା ବିଭାଗ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ଅନ୍ୟ କର୍ମଚାରୀମାନେ ଆସିଥିବା ବୋଲେରୋରେ ଯାଉଥିବା ବେଳେ ଅର୍ଜୁନ ସ୍କୁଟିରେ ଅଭିଯୁକ୍ତଙ୍କୁ ବସାଇ ପଛେପଛେ ଯାଉଥିଲେ। ହଠାତ ତୁଡିଗଡ଼ିଆଠାରେ ମଦବ୍ୟବସାୟୀଙ୍କ କିଛି ସହଯୋଗୀ ଅର୍ଜୁନଙ୍କୁ ଅଟକାଇ ପ୍ରଥମେ ତାଙ୍କର ମୋବାଇଲକୁ କଚାଡ଼ି ଭାଙ୍ଗି ଦେଇଥିଲେ। ପରେ ତାଙ୍କୁ ଆକ୍ରମଣ କରି ମଦ ବ୍ୟବସାୟୀଙ୍କ ସହ ତାଙ୍କ ସ୍କୁଟିକୁ ଛଡ଼ାଇ ନେଇ ପଳାଇଥିଲେ।

# ଭୋଜି ଖାଇ ଶତାଧିକ ଆକ୍ରାନ୍ତ

**ନୂଆପଡା ଅଫିସ/ବୋଡେନ, ୨୭।୪ (ଡି.ଏନ.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ ଲିଟିସର୍ଗି ଗାଁରେ ଭୋଜିଖାଇ ଝାଡ଼ାବାନ୍ତିରେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ବୋଡେନ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୦ରୁ ଉର୍ଦ୍ଧ୍ୱ ଚିକିତ୍ସିତ ହେଉଥିବା ବେଳେ ଅଧିକ ଗୁରୁତରଙ୍କୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ପାଇ ଏକ ଡାକ୍ତରୀ ଟିମ୍ ଗାଁକୁ ଯାଇ ସେଠାରେ ଥିବା ବିଦ୍ୟାଳୟରେ ୫୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତଙ୍କୁ ଚିକିତ୍ସିତ କରୁଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ସୂଚନା ଯେ, ବୁଧବାର ଲିଟିସର୍ଗି ଗାଁରେ କୁମାରୀ ଉତ୍ସବ (କୁଣାବେରା) ହୋଇଥିଲା। ଏହି ଉତ୍ସବରେ ବନ୍ଧୁବାନ୍ଧବମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମଧ୍ୟାହ୍ନରେ ଭୋଜି ଖାଇ ପ୍ରଥମେ ଶିଶୁମାନେ ଆକ୍ରାନ୍ତ ହୋଇଥିଲେ। ଝାଡ଼ାବାନ୍ତି ହେବା ଦେଖି ୧୦୮ ଆମ୍ବୁଲାନ୍ସ ଯୋଗେ ବୋଡେନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗ୍ରାମବାସୀ କହିବା ମୁତାବକ ଗାଁରେ ଏକ ନଳକୂପ ଦୀର୍ଘ ଦିନରୁ ଖରାପ ହୋଇରହିଥିଲା। ତାହାକୁ ମରାମତି କରି ସେହି ପାଣି ବ୍ୟବହାର କରୁଛନ୍ତି। ଏହି ନଳକୂପରେ ଫ୍ଲୋରାଇଡଯୁକ୍ତ ପାଣି ରହିଥିବାରୁ ନିଷିଦ୍ଧ ଘୋଷଣା କରାଯାଇଥିଲା। ଏହି ନଳକୂପ ପାଣି ଦ୍ୱାରା ଏହି ପ୍ରକାର ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ନିମନ୍ତ୍ରିତ ଅତିଥିମାନଙ୍କୁ ପାଣି ପାଉଚ ପିଇବା ପାଇଁ ଦିଆଯାଇଥିଲା। ପାଉଚ ପାଣିରେ କିଛି ମିଶି ଥାଇପାରେ ବୋଲି ମଧ୍ୟ ଲୋକେ ଅନୁମାନ କରୁଛନ୍ତି। ଏ ସଂକ୍ରାନ୍ତରେ ବୋଡେନ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସଞ୍ଜୀବ ନାଏକଙ୍କୁ ପଚାରିବାରୁ ଭୋଜି କିମ୍ବା ପାଣି ଦ୍ୱାରା ଏଭଳି ହୋଇଥାଇ ପାରେ। ଖାଦ୍ୟ ପରୀକ୍ଷା କଲେ କ’ଣ ହୋଇଛି ଜଣାପଡିବ। ଖାଦ୍ୟ ନମୁନା ସଂଗ୍ରହ ପରେ ପରୀକ୍ଷା ପାଇଁ ପଠାଯିବ ବୋଲି ଡାକ୍ତର କହିଥିଲେ।

ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ପ୍ରମୋଦ କୁମାର କର
ଆବିର୍ଭାବ - ୦୩.୦୨.୧୯୫୪
ତିରୋଧାନ - ୧୯.୦୪.୨୦୧୨
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
D-71984

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ୱ ବଳଭଦ୍ର ପ୍ରସାଦ ମହାନ୍ତି
129, ବାପୁଜୀନଗର, ଭୁବନେଶ୍ୱର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା । ଆଜି ବି ଆପଣଙ୍କ ଅନୁପସ୍ଥିତି ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆମକୁ ଶୋକ ସାଗରରେ ଭସାଇଦେଇ ପ୍ରଭୁଙ୍କ କୋଳକୁ ବାହୁଡିଗଲେ । ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ପାଇଁ ପ୍ରେରଣାର ଉତ୍ସ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
- ଶୋକସନ୍ତପ୍ତ -
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୨୭୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଷଷ୍ଠ ଶ୍ରାଦ୍ଧ ବାର୍ଷିକୀ

ୱ ଅରୁଣ କୁମାର ମହାନ୍ତି
ଆବିର୍ଭାବ - ୧୯.୦୧.୧୯୫୯
ତିରୋଧାନ - ୨୮.୦୪.୨୦୧୬
ତୁମେ ଅକସ୍ମାତ ଆମକୁ ଶୋକସାଗରରେ ଭସାଇ ଅମର ପୁରକୁ ଚାଲିଗଲ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସଭାବ, କର୍ତ୍ତବ୍ୟ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
ତୁମର ଶୋକ ସନ୍ତପ୍ତ :
ସ୍ତ୍ରୀ- ସାଗରିକା, ପୁତ୍ର- ଅଭିଷେକ
ଝିଅ- ଇପ୍‌ସିତା ଏବଂ ମହାନ୍ତି ପରିବାର ବର୍ଗ ।
D-259

ଏକାଦଶାହ ଉପଲକ୍ଷେ

ୱ କୁମାରୀ ଦେଇ
ଜନ୍ମ : ୦୫.୦୩.୧୯୩୬
ତିରୋଧାନ: ୧୮.୦୪.୨୦୨୨
ବୋଉ, ତୁ ଆମମାନଙ୍କ ପାଇଁ ଥିଲୁ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସହନଶୀଳତାର ପ୍ରତୀକ। ଆମ ଜୀବନରେ ତୋର ଶୂନ୍ୟ ସ୍ଥାନ ଅପୂରଣୀୟ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-: ଶୋକ ସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାର ବର୍ଗ
D-71891

# ଟିପ୍ସ ବାଣ୍ଟୁଛନ୍ତି ତାପସୀ

ତାପସୀ ପାନ୍ନୁଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ସେ ଏବେ ନିଜ ସାଙ୍ଗମାନଙ୍କୁ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ହେଲେ କେଉଁ ପ୍ରକାର ଟିପ୍ସ ବାଣ୍ଟୁଛନ୍ତି ଜାଣିବେନି ? କଥା କ'ଣ କି ନିକଟରେ ତାଙ୍କର କେତେଜଣ ସାଙ୍ଗମାନଙ୍କ ସହ ତାପସୀଙ୍କର ଭେଟ ହୋଇଗଲା। ବାସ୍, ଆଲୋଚନା ତ ଲମ୍ବି ଚାଲିଲା। ଏହି ସମୟରେ ନିଜର ଫିଟ୍‌ନେସ ନେଇ କିଛି କହିବାକୁ ଭୁଲି ନ ଥିଲେ ତାପସୀ। ଏହାପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି ବୋଲି ସୂଚନା ଦେଇଥିଲେ ସେ। ଆଉ ତା'ପରେ ସେଠାରେ ଉପସ୍ଥିତ ସାଙ୍ଗମାନଙ୍କୁ ଯୋଗ ବିଷୟରେ ଅନେକ ଟିପ୍ସ ଦେଇଥିଲେ। 'ଯୋଗ ଦ୍ୱାରା ଜଣେ ନିଜକୁ ଅନେକାଂଶରେ ଫିଟ୍ ରଖିପାରିବ। ପ୍ରତିଦିନ ମୁଁ ଯେମିତି ହେଲେ କିଛି ସମୟ ଯୋଗ କରିଥାଏ। ତା'ସହ ଏକ୍ସରସାଇଜ ଏବଂ ଡାଏଟିଂ ପ୍ରତି ମଧ୍ୟ ଗୁରୁତ୍ୱ ଦିଏ ବୋଲି କହନ୍ତି ତାପସୀ।'



# ଭୁଲନ୍ତି ନାହିଁ ସାନ୍ୟା



ସାନ୍ୟା ଯେତେବେଳେ ବାହାରକୁ ଯାଆନ୍ତି, ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନ ଥାଏ, ତେବେ ମାର୍କେଟ୍‌ରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି ? ମେକ୍‌ଅପ୍ କିଟ୍। ସାନ୍ୟା ବାହାରକୁ କିମ୍ବା ଶୁଟିଂ ସେଟ୍‌କୁ ଗଲେ ସାଙ୍ଗରେ ଏହି କିଟ୍ ନେଇଯାଆନ୍ତି। ଏ ନେଇ ସାନ୍ୟା କହନ୍ତି, 'ଶୁଟିଂ ସେଟ୍‌ରେ ମୁଁ ସବୁବେଳେ ନିଜ ମେକ୍‌ଅପ୍ କିଟ୍ ବ୍ୟବହାର କରିଥାଏ। ତେଣୁ ଶୁଟିଂକୁ ଯିବା ପୂର୍ବରୁ ଏହାକୁ ସାଙ୍ଗରେ ନେବାକୁ ଆଦୌ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଡାକ୍ତର ହେବାକୁ। ହେଲେ ତାହା ତ ହୋଇପାରିଲା ନାହିଁ। ସେ ନେଇ ମୋର ଅନୁଶୋଚନା କରିବାର ମଧ୍ୟ ନାହିଁ।'

# ପଙ୍କଜ ଯାହା ଭାବିଥିଲେ...




ବେଳେବେଳେ ମଣିଷ ଯାହା ଭାବିଥାଏ, ତାହା ଦେଖୁ ଦେଖୁ ପୂରଣ ହୋଇଯାଇଥାଏ। ଏଥର ପଣା ସଂକ୍ରାନ୍ତି ଅବସରରେ ସଙ୍କଟମୋଚନ ହନୁମାନଙ୍କ ଉପରେ ଏକ ଭଜନ ଗାଇବାକୁ ଆଶା ରଖିଥିଲେ ଅନ୍ୟତମ ବିଶିଷ୍ଟ ଗାୟକ ପଙ୍କଜ ଜାଲ୍। ଦେଖୁଦେଖୁ କିଛି ଦିନ ପରେ ତାଙ୍କୁ ଏପରି ଏକ ସୁଯୋଗ ମିଳିଥିଲା। ଏହି ଭଜନ କ୍ୟାସେଟ୍‌ଟି ହେଲା 'ଆଞ୍ଜନେୟ ହନୁମାନ'। ପୃଥ୍ୱୀରାଜ ଡେଭୋଶନାଲ ବ୍ୟାନରରେ ଉକ୍ତ ଭାବାତ୍ମକ କ୍ୟାସେଟଟିକୁ ପ୍ରଯୋଜନା କରିଛନ୍ତି ଶୀତଲ କର। ଏହାର ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ପଙ୍କଜ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ସ୍ମୃତି ଆର୍। ଖାସ୍ କଥା ହେଲା ଏହି କ୍ୟାସେଟ୍‌ର ଭିଜୁଆଲରେ ଅଭିନୟ କରିଛନ୍ତି ରିଷି। ଏହାପୂର୍ବରୁ ଅନେକ ଭଜନ କ୍ୟାସେଟ୍ ପାଇଁ କଣ୍ଠଦାନ କରିସାରିଛନ୍ତି ପଙ୍କଜ। କେବଳ ସେତିକି ନୁହେଁ, 'ତୁ ମୋ ଆଖିରେ ତାରା', 'ଓ ମାଇଁ ଲଭ୍', 'ବାହୁଡ଼ିବେ ମୋ ଜଗା ବଳିଆ', 'ସ୍ମାଇଲ୍ ପ୍ଲିଜ୍' 'ସାବତ ମା' ଏବଂ 'ଆଖିରେ ଆଖିରେ' ଆଦି ଓଡ଼ିଆ ଚଳଚ୍ଚିତ୍ର ପାଇଁ ଗୀତ ଗାଇସାରିଛନ୍ତି ସେ।

# 'ସୀତା ବିବାହ'ର ପୃଷ୍ଠଭୂମି

**ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ୧୯୩୬ ଏପ୍ରିଲ ୨୮ରେ ପରଦା ଉପରକୁ ଆସିଥିଲା। ସେହି ଚିତ୍ର ସମ୍ପର୍କରେ କିଛି ରୋଚକ କଥାକୁ ନେଇ ଉପସ୍ଥାପନା...**

ପୁରୀର ରାମଚଣ୍ଡୀ ସାହିରେ ଶ୍ରୀରାମଚଣ୍ଡୀଙ୍କ ମନ୍ଦିର ନିକଟରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗରେ ଗୋଟିଏ ବିନୋଦନ କେନ୍ଦ୍ର 'ଜଗନ୍ନାଥ କ୍ଲବ' ନାମରେ ପ୍ରତିଷ୍ଠିତ ହୋଇଥିଲା। ଏହି କ୍ଲବଟିରେ ପୁରୀ ସହରର ଏକ ପୁରାତନ କ୍ଲବ୍ ଭାବରେ ବହୁ ଜ୍ଞାନୀ ଗୁଣୀଜନଙ୍କର ସମାବେଶ ହେଉଥିଲା। କ୍ଲବ ମେମ୍ବରମାନଙ୍କ ମଧ୍ୟରେ ଗିରୀଶ ଚନ୍ଦ୍ର ଘୋଷ ନାଟ୍ୟପ୍ରେମୀ ଭାବେ ପରିଚିତ ଥିବାବେଳେ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଉଭୟ ସଙ୍ଗୀତ ଓ ନାଟ୍ୟପ୍ରେମୀ ଭାବେ ଜଣାଶୁଣା ଥିଲେ। ଯାଜପୁରର ପ୍ରସିଦ୍ଧ ଗ୍ରାମ ସପନପୁରରେ ଜନ୍ମିତ ବିଶିଷ୍ଟ ଶିକ୍ଷାବିତ୍ ଏବଂ ପ୍ରଶାସକ କାମପାଳ ମିଶ୍ର ଜଣେ ନାଟ୍ୟକାର ଭାବରେ ପ୍ରସିଦ୍ଧି ଲାଭ କରିଥିଲେ। ସେ ଲେଖିଥିବା ୪ଟି ନାଟକ ମଧ୍ୟରୁ ପ୍ରକାଶିତ ନାଟକ 'ସୀତା ବିବାହ' ଅଭିନୀତ ହୋଇ ବେଶ୍ ପ୍ରଶଂସା ସହ ଲୋକପ୍ରିୟତା ମଧ୍ୟ ଲାଭ କରିଥିଲା। 'ସୀତା ବିବାହ' ନାଟକର ଲୋକପ୍ରିୟତା ଦୃଷ୍ଟିରୁ ପୁରୀର ଜଗନ୍ନାଥ କ୍ଲବ୍‌ର ଅଧିକାଂଶ ସଭ୍ୟ 'ସୀତା ବିବାହ'ର ଚଳଚ୍ଚିତ୍ର ରୂପ ପାଇଁ ଆଗ୍ରହୀ ହୋଇ ଉଠିଥିଲେ। ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ମଧ୍ୟ ନାଟକଟିର ପ୍ରଶଂସା ସମ୍ପର୍କରେ ଅବଗତ ଥିଲେ। ସର୍ବସମ୍ମତି କ୍ରମେ ନାଟ୍ୟକାର କାମପାଳ ମିଶ୍ରଙ୍କ ଲୋକପ୍ରିୟ ନାଟକ 'ସୀତା ବିବାହ'କୁ ଚଳଚ୍ଚିତ୍ର ରୂପ ଦେବା ପାଇଁ ସ୍ଥିର ହେଲା।

ଚଳଚ୍ଚିତ୍ର ନିର୍ମାଣରେ ଗୁରୁଦାୟିତ୍ୱ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଉପରେ ନ୍ୟସ୍ତ କରାଗଲା। ଏହି ଚିତ୍ର ପାଇଁ ପ୍ରିୟନାଥ ଗାଙ୍ଗୁଲି ପ୍ରାୟ ୩୦ ହଜାର ଟଙ୍କାର ବ୍ୟୟ ଅଟକଳ କରିଥିଲେ। 'ସୀତା ବିବାହ'ର ଚିତ୍ରନାଟ୍ୟ ଲେଖିଥିଲେ ମୋହନ ଗୋସ୍ୱାମୀ ଓ ସଂଳାପ ରଚନା କରିଥିଲେ ଡା. ଅଦ୍ୱୈତ ଚରଣ ମହାନ୍ତି।

ଅଦ୍ୱୈତ ଚରଣ ମହାନ୍ତି ମଧ୍ୟ ଲକ୍ଷ୍ମଣ ଭୂମିକାରେ ଅଭିନୟ କରିଥିଲେ। ସେହିପରି ମୋହନ ସୁନ୍ଦର ଦେବ ଗୋସ୍ୱାମୀ ଋଷି ବିଶ୍ୱାମିତ୍ର ଭୂମିକାରେ ଅଭିନୟ କରିଥିଲେ। ନିର୍ଦ୍ଦେଶନାର ଦାୟିତ୍ୱ ମଧ୍ୟ ସେ ବୁଝିଥିଲେ। ସଂଳାପ ଲେଖା ଶେଷ ହେବା ପରେ ପ୍ରତ୍ୟେକ ସିନ୍ ପାଇଁ କଳାକାରମାନେ ନିଜ ନିଜ ଚରିତ୍ରରେ ଅଭିନୟ ପାଇଁ ରିହର୍ସାଲ ହେଉଥିଲା। ଚିତ୍ରଟିର ସମସ୍ତ ସିନ୍ ରିହର୍ସାଲ ଚୂଡ଼ାନ୍ତ



ମୋହନ ସୁନ୍ଦର ଦେବ ଗୋସ୍ୱାମୀ

ହେବା ପରେ ଶୁଟିଂ କାର୍ଯ୍ୟ ଠିକ୍‌ଠାକ୍ ଶେଷ ହେବା ନିମନ୍ତେ ପ୍ରିୟନାଥ ଗାଙ୍ଗୁଲି, ପ୍ରଫୁଲ୍ଲ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାମଚନ୍ଦ୍ରଙ୍କ ଭୂମିକାରେ ଅଭିନୟ ପାଇଁ କଟକର ମାଖନଲାଲ ବାନାର୍ଜୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା। ସେହିପରି ସୀତା ଭୂମିକା ପାଇଁ କଟକର ପ୍ରଭାବତୀ ଦେବୀ (ବଡ଼ ବୁଢ଼ୀ)ଙ୍କ ନାମ ସ୍ଥିର ହୋଇଥିଲା। ଲକ୍ଷ୍ମଣ ଭୂମିକା ପାଇଁ ଅଦ୍ୱୈତ ଚରଣ ମହାନ୍ତିଙ୍କ ନାମ ସ୍ଥିର କରାଯାଇଥିଲା। ମୋହନ ସୁନ୍ଦର ଗୋସ୍ୱାମୀ ନିଜେ ବିଶ୍ୱାମିତ୍ର ଭୂମିକାରେ ଅଭିନୟ କରିଥିଲେ। ଅନ୍ୟାନ୍ୟ ଚରିତ୍ରରେ କୃଷ୍ଣଚନ୍ଦ୍ର ସିଂହ, ଗଣେଶ୍ୱର ରଥ, ନୀଳକଣ୍ଠ ମିଶ୍ର, ସତ୍ୟବାଦୀ ତ୍ରିପାଠୀ, ରାଧାରାଣୀ, ବୁଦ୍ଧିମତୀ, ଲକ୍ଷ୍ମୀପ୍ରିୟା, ପାର୍ବତୀ ଏବଂ କୃଷ୍ଣମଣି ଅଭିନୟ କରିଥିଲେ।

'ସୀତା ବିବାହ'ର ସମସ୍ତ କାର୍ଯ୍ୟ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ତଥା ସମସ୍ତ ସହଯୋଗୀଙ୍କ ସହଯୋଗରେ ଶେଷ ହୋଇଥିଲା। ଏଭଳି ଏକ ମହନୀୟ କାର୍ଯ୍ୟ ପାଇଁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ନାମ ଉକ୍ତ ଚଳଚ୍ଚିତ୍ରର ସୂଚକ, ଆୟୋଜକ, ପ୍ରଯୋଜକ ଓ ନିର୍ଦ୍ଦେଶକ ଭାବେ ପ୍ରକାଶ ପାଇଥିଲା। ୧୯୩୬ ଏପ୍ରିଲ ୨୮ରେ ମୁକ୍ତିଲାଭ କରିଥିବା ପ୍ରଥମ ଓଡ଼ିଆ ସିନେମା 'ସୀତା ବିବାହ'ର ସମୟ ସୀମା ଥିଲା ଦୁଇ ଘଣ୍ଟା। ଦୀର୍ଘ ୧୨ ରିଲ୍ ବିଶିଷ୍ଟ ଏହି ଚଳଚ୍ଚିତ୍ରରେ ମୋଟ୍ ଖର୍ଚ୍ଚ ହୋଇଥିଲା ୨୯,୭୮୧ ଟଙ୍କା ୧୦ ଅଣା। ବେଙ୍ଗଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଟ୍ ପକ୍ଷରୁ କଲିକତା ଲାଲ ବଜାର ପୋଲିସ କମିଶନ ଏହାକୁ ସେନ୍ସର ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ସେତେବେଳେ ଗୋଟିଏ ଶୋ'ର ସମୟସୀମା ଥିଲା ୩ ଘଣ୍ଟା। ତେଣୁ 'ସୀତା ବିବାହ' ପ୍ରଦର୍ଶନ ସହ ଘଣ୍ଟାଏ ଲମ୍ବା ବଙ୍ଗଳା ସାମାଜିକ ଚିତ୍ର 'ମଣିକାଞ୍ଚନ' ମଧ୍ୟ ଦର୍ଶକମାନଙ୍କୁ ପ୍ରଦର୍ଶନ କରାଯାଉଥିଲା। ଅନ୍ୟପକ୍ଷରେ ସେହି ସମୟରେ ନିଆଁ ଲାଗି ପ୍ରଥମ ଓଡ଼ିଆ ସିନେମାର ସମସ୍ତ ସନ୍ତକ ପୋଡ଼ି ଯାଇଥିଲା। ହେଲେ ମୋହନଙ୍କ ଘରେ କେବଳ ସ୍କ୍ରିପ୍ଟ ହିଁ ରହିଯାଇଥିଲା। ପରବର୍ତ୍ତୀ ସମୟରେ ବଟରାଜ ଦେବ ଗୋସ୍ୱାମୀଙ୍କ ଅନୁମତି କ୍ରମେ ୨୦୧୭ରେ ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ ଏହି ସ୍କ୍ରିପ୍ଟକୁ ପୁସ୍ତକ ଆକାରରେ ପ୍ରକାଶ କରିବାରେ ସକ୍ଷମ ହୋଇଛି।

*–ଦିଲୀପ ହାଲି*
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ଘାରିଛି ୱେବ୍ ସିରିଜ୍ ନିଶା

ପ୍ରଥମ ଥର ପାଇଁ ୱେବ୍ ସିରିଜ୍‌ରେ ଅଭିନୟ କରିବା ପରେ ସୋନମ କପୁରଙ୍କ ଖୁସି କହିଲେ ନ ସରେ। ଭବିଷ୍ୟତରେ ଯଦି ଅଫର ମିଳେ ତେବେ ଏଭଳି ସିରିଜ୍‌ରେ ଅଭିନୟ କରିବାକୁ ପଛାଇବେ ନାହିଁ। କଥା ପୁଣି ଏତିକିରେ ସୀମିତ ହୋଇ ରହିନାହିଁ। ନିଜେ ମଧ୍ୟ ୱେବ୍ ସିରିଜ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି। ଏ ସମ୍ପର୍କରେ ସୋନମ କହନ୍ତି, 'ପ୍ରଥମେ ୱେବ୍ ସିରିଜ୍‌ରେ ଆକ୍ଟିଂ କରିବାକୁ ଆଗ୍ରହ ନ ଥିଲା। ହେଲେ ଥଣ୍ଡା ମିଜାଜରେ ଚିନ୍ତା



କରି ଭାବିଲି ଏବେ ଡିଜିଟାଲ ପ୍ଲାଟଫର୍ମର ଚାହିଦା କାହିଁରେ କେତେ। ତେଣୁ ଏ ନେଇ ଆଗେଇଲେ କିଛି ଅସୁବିଧା ନାହିଁ। ମୁଁ ନିଜେ କେତୋଟି ୱେବ୍ ସିରିଜ୍ ନିର୍ମାଣ କରିବାକୁ ଯୋଜନା କରୁଛି। ଏଥିପାଇଁ ଭଲ ଭଲ କାହାଣୀ ସନ୍ଧାନରେ ଅଛି। ଯେତେବେଳେ ସବୁ ଫାଇନାଲ ହେବ ସେ ନେଇ ମୁଁ ନିଜ ପଟରୁ ଜଣାଇ ଦେବି।'

ତେବେ ୱେବ୍ ସିରିଜ୍ ସୋନମଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।

# କେବଳ ଡେଟ୍ ପାଇଁ..

ପରିଣୀତି ଚୋପ୍ରା ଏବେ ଅନୁତାପ କରୁଛନ୍ତି। ହେଲେ କିଛି ଲାଭ ନାହିଁ। ଯେଉଁ ଅଫରଟି ତାଙ୍କୁ ମିଳିଥିଲା ସେ ତାହାକୁ ହାତଛଡ଼ା କରିସାରିଛନ୍ତି। କେବଳ ସେତିକି ନୁହେଁ, ସେହି ଭୂମିକା ପାଇଁ ରଶ୍ମିକା ମାନ୍ଧାନାଙ୍କୁ ସାଇନ୍ କରାଯାଇଛି ଏବଂ ଏହାର ଶୁଟିଂ ମଧ୍ୟ ଇତି ମଧ୍ୟରେ ଆରମ୍ଭ ହୋଇଯାଇଛି। ଏଥିରେ ନାୟକ ରୋଲ୍‌ରେ ଅବତୀର୍ଣ୍ଣ ହୋଇଛନ୍ତି ରଣବୀର କପୁର। କଥା କ'ଣ କି ଏହି ଅଫର ପୂର୍ବରୁ ଇମତିୟାଜ ଅଲ୍ଲୀଙ୍କ 'ଚମକିଲା' ପାଇଁ ପରିଣୀତି ଡେଟ୍ ଦେଇସାରିଥିଲେ। ଏ ନେଇ ସେ କହନ୍ତି, 'ଯେତେବେଳେ ମୋତେ 'ଆନିମଲ' ପାଇଁ ଯୋଗାଯୋଗ କରାଗଲା ଏବଂ କୁହାଗଲା ଯେ, ଖୁବ୍‌ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ ସେତେବେଳେ ମୁଁ ଅଡୁଆରେ ପଡ଼ିଯାଇଥିଲି। କାରଣ ଏହାପୂର୍ବରୁ ମୁଁ 'ଚମକିଲା' ପାଇଁ ଡେଟ୍ ଫାଇନାଲ କରିସାରିଥିଲି। ତେଣୁ ବାଧ୍ୟ ହୋଇ ଏହି ଅଫରଟିକୁ ହାତଛଡ଼ା କରିଥିଲି।' ଯଦି ପରିଣୀତି 'ଆନିମଲ୍'ରେ ଅଭିନୟ କରିଥାଆନ୍ତେ, ତେବେ ସେ ପ୍ରଥମ ଥର ପାଇଁ ରଣବୀର କପୁରଙ୍କ ସହ ବଡ଼ ପରଦାରେ ଦେଖିବାକୁ ମିଳିଥାଆନ୍ତେ। ଏବେ ପରିଣୀତିଙ୍କ ହାତରେ ନୂଆ ସିନେମା 'ଉଚ୍ଚାଇ' ଏବଂ ଆଉ ଏକ ଅନଟାଇଟଲ୍‌ଡ ଫିଲ୍ମ ରହିଛି।




# କାନ୍ଦି ପକାଇଲେ କଙ୍ଗନା

କଙ୍ଗନା ରାଣାଓ୍ୱତ ନିକଟରେ ଏମିତି ଭାବପ୍ରବଣ ହୋଇପଡ଼ିଲେ ଯେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଗଡ଼ିପଡ଼ିଲା। ସେ ଏବେ 'ତେଜାସ୍' ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କୁ ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ନିଜ ଭୂମିକା ସମ୍ପର୍କରେ ସୂଚନା ଦେଉଦେଉ ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏ ନେଇ କଙ୍ଗନା କହନ୍ତି, 'ଏହି ଫିଲ୍ମର ଶୁଟିଂ ପାଇଁ ମେକ୍‌ଅପ୍ ନେବା ପରେ ଯେତେବେଳେ ନିଜକୁ ଆଇନା ସମ୍ମୁଖରେ ଦେଖିଲି ମୁଁ ଇମୋଶନାଲ ହୋଇପଡ଼ିଥିଲି। ଏୟାରଫୋର୍ସ ଡ୍ରେସ ପିନ୍ଧିବା ଛୋଟିଆ କଥା ନୁହେଁ। ଅଭିନୟ ପାଇଁ ହେଉ ସେଥିରେ କିଛି ନାହିଁ, ଏହି ଗେଟ୍‌ଅପ୍‌ରେ ମୋ ମନରେ ଦେଶଭକ୍ତି ଭାବନା ଆହୁରି ଜାଗ୍ରତ ହୋଇଉଠିଥିଲା। ଏପରି କି କିଛି ସମୟ ପାଇଁ ମୁଁ ସ୍ଥିର ହୋଇ ଠିଆ ହୋଇଯାଇଥିଲି। ମୋ ଆଖିରୁ ଦୁଇ ଟୋପା ଆନନ୍ଦାଶ୍ରୁ ଗଡ଼ି ପଡ଼ିଥିଲା।' ଏହି ଫିଲ୍ମ ବ୍ୟତୀତ ତାଙ୍କ ହାତରେ ଆଉ ଦୁଇଟି ଅଫର ଅଛି। ସେ ନେଇ ଭଲ ଭାବରେ ଚିନ୍ତା କରିବା ପରେ ଯାହା ନିଷ୍ପତ୍ତି ନେବେ ବୋଲି କହନ୍ତି କଙ୍ଗନା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଗୁରୁବାର, ଏପ୍ରିଲ ୨୮/୨୦୨୨ Rayagada, Thursday, April 28/ 2022



ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ବୁଧବାର ୭ମ ବାଟାଲିୟନ ଗ୍ରାଉଣ୍ଡରେ ଓଡ଼ିଶା ସ୍ପୋର୍ଟ୍ସ ଓ ସିର୍ଭୋଡେମ୍ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଟ୍ରେନିଂକୁ ଫେରିଲେ ମାର୍ଶ, ସିଫର୍ଟ

**ମୁମ୍ବାଇ,୨୭।୪(ପିଟି):** ଦିଲ୍ଲୀ କ୍ୟାପିଟାଲ୍ସ ଅଲରାଉଣ୍ଡର ମିଚେଲ ମାର୍ଶ ଓ ଉଇକେଟକିପର ବ୍ୟାଟର ଟିମ୍ ସିଫର୍ଟ କରୋନାରୁ ସୁସ୍ଥ ହେଇ ଟ୍ରେନିଂକୁ ଫେରିଛନ୍ତି। ଏ ନେଇ ବୁଧବାର ଆଇପିଏଲ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ ଦୁଇ କ୍ରିକେଟର କୋଭିଡ୍-୧୯ରେ ସଂକ୍ରମିତ ହୋଇଥିଲେ। ଏଥିଯୋଗୁ ସେମାନଙ୍କୁ ବାଧ୍ୟତାମୂଳକ କ୍ୱାରେଣ୍ଟାଇନରେ ରଖାଯାଇଥିଲା। କ୍ୱାରେଣ୍ଟାଇନ ପିରିୟଡ୍ ଶେଷ ହେବା ପରେ ସେମାନଙ୍କୁ ଟ୍ରେନିଂରେ ଯୋଗଦେବାକୁ ଅନୁମତି ପ୍ରଦାନ କରାଯାଇଛି। ମାର୍ଶ ଓ ସିଫର୍ଟ ଦିଲ୍ଲୀର କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ ମ୍ୟାଚ୍ ଲାଗି ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ଟ୍ରେନିଂ କରୁଥିବା ଦେଖିବାକୁ ମିଳିଛି। ଅଷ୍ଟ୍ରେଲିଆନ ଅଲରାଉଣ୍ଡର ମାର୍ଶ କୋଭିଡ ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ ସୋମବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହାର ଦୁଇ ଦିନ ପରେ ସିଫର୍ଟଙ୍କ ରିପୋର୍ଟ ମଧ୍ୟ ପଜିଟିଭ ଆସିଥିଲା। ଫଳରେ ଦୁହିଁଙ୍କୁ ଆଇସୋଲେଟେଡ୍ ରଖାଯାଇଥିଲା।ପ୍ରକାଶ ଯୋଗ୍ୟ ଯେ, ଚଳିତ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ମ୍ୟାଚ ଖେଳି ସାରିଥିବାବେଳେ ୩ଟିରେ ବିଜୟୀ ହୋଇଛି ଏବଂ ୪ ମ୍ୟାଚରେ ପରାଜିତ ହୋଇ ମାତ୍ର ୬ ପଏଣ୍ଟ ପାଇଛି।

# ଅଭିଷେକ, ମାରକ୍ରାମଙ୍କ ଅର୍ଦ୍ଧଶତକ

**ମୁମ୍ବାଇ, ୨୭।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା ଓ ଏଡେନ ମାରକ୍ରାମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଫଳରେ ସନ୍‌ରାଇଜର୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୯୫ ରନ ସ୍କୋର କରିଛି। ରିପୋର୍ଟ ଲେଖା ହେବା ବେଳକୁ ଗୁଜରାଟ ଟାଇଟାନ୍ସ ୧୨ ଓଭରରେ ୨ ଉଇକେଟ ହରାଇ ୧୦୯ ରନ ସଂଗ୍ରହ କରିଥିଲା। ଶୁବମନ ଗିଲ୍ ଓ ରିଦ୍ଧିମାନ ଶାହା ଦଳକୁ ଭଲ ଆରମ୍ଭ ଦେଇଥିଲେ। ପୂର୍ବରୁ ଗୁଜରାଟ ୭ ମ୍ୟାଚରୁ ୬ ବିଜୟ ହାସଲ କରିଥିବାବେଳେ ସନ୍‌ରାଇଜର୍ସ ୭ ମ୍ୟାଚରୁ ୫ମ ବିଜୟ ସ୍ୱାଦ ଚାଖିଥିଲା। ଗୁଜରାଟ କ୍ରମାଗତ ୩ ଓ ସନ୍‌ରାଇଜର୍ସ ୫ ବିଜୟ ହାସଲ କରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା ସନ୍‌ରାଇଜର୍ସ। ଦଳ ମାତ୍ର ୨୫ ରନରେ ଅଧିନାୟକ କେନ୍ ୱିଲିୟମସନ (୫) ଓ ୪୪ ରନରେ ରାହୁଲ ତ୍ରିପାଠୀ (୧୬ରନ, ୨ ଚୌକା, ୧ ଛକା)ଙ୍କ ଉଇକେଟରେ ହରାଇଥିଲା। ତେବେ ଫର୍ମରେ ଥିବା ଅଭିଷେକ ଶର୍ମା ଓ ଏଡେନ ମାରକ୍ରାମ ତୃତୀୟ ଉଇକେଟରେ ୬୧ ବଲ୍‌ରୁ ୯୬ ରନ ଯୋଗକରି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ଅଭିଷେକ ୪୨ ବଲ୍‌ରୁ ୬ ଚୌକା ଓ ୩ ଛକା ସହାୟତାରେ ୬୫ ରନକରି ଆଲଜାରି ଜୋସେଫଙ୍କ ବଲ୍‌ରେ ବୋଲ୍ଡ ହେବାରୁ ଯୋଡ଼ି ଭାଙ୍ଗିଥିଲା।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୬ | ୨ | ୧୨ | +୦.୫୬୧ |
| ଗୁଜରାଟ ଟାଇଟାନ୍ସ | ୭ | ୬ | ୧ | ୧୨ | +୦.୩୯୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୬୯୧ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୮ | ୫ | ୩ | ୧୦ | +୦.୩୩୪ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୯ | ୫ | ୪ | ୧୦ | -୦.୫୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୪୧୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | +୦.୭୧୫ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୦୮୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୦.୫୩୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୦ | ୮ | ୦ | -୧.୦୦୦ |



ଶଟ୍ ଖେଳିବା ଅବସରରେ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଭିଷେକ ଶର୍ମା।

ମାରକ୍ରାମ ପ୍ରତିପକ୍ଷ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୪୦ ବଲ୍‌ରୁ ୨ ଚୌକା ଓ ୩ ଛକା ସହାୟତାରେ ୫୬ ରନ କରିଥିଲେ। ନିକୋଲସ ପୁରନ ଓ ୱାଶିଂଟନ ସୁନ୍ଦର ୩ ରନ ଲେଖାଏ କରି ଆଉଟ ହେବାରୁ ହାଇଦ୍ରାବାଦ ରନ୍ ହାରରେ ଅଙ୍କୁଶ ଲାଗିଥିଲା। ମାତ୍ର ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଶଶାଙ୍କ ସିଂ ଶେଷ ୩ ବଲ୍‌ରେ ହ୍ୟାଟ୍ରିକ ଛକା ମାରିବା ସହ ମାତ୍ର ୬ ବଲ୍‌ରୁ ୨୫ (୧ ଚୌକା, ୩ ଛକା) ରନ ସଂଗ୍ରହ କରିବାରୁ ସନ୍‌ରାଇଜର୍ସ ସ୍କୋର ୧୯୫ରେ ପହଞ୍ଚି ଯାଇଥିଲା। ଗୁଜରାଟ ବୋଲରମାନେ ଅତିରିକ୍ତ ଭାବେ ୧୪ ରନ ବ୍ୟୟ କରିଥିଲେ। ରଶିଦ ଖାଁ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇ ୪ ଓଭରରେ ୪୫ ରନ ଦେଇଥିବାବେଳେ ମହମ୍ମଦ ଶାମି ୩ଟି ଏବଂ ୟାଶ୍ ଦୟାଲ ଓ ଆଲଜାରି ଜୋସେଫ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଆଇପିଏଲ୍-୧୫**
**ଆଜିର ମ୍ୟାଚ**
ଦିଲ୍ଲୀ କ୍ୟାପିଟାଲ୍ସ ବନାମ କୋଲକାତା ନାଇଟ ରାଇଡର୍ସ
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୯୫/୬ (ଅଭିଷେକ ଶର୍ମା-୬୫, ଏଡେନ ମାରକ୍ରାମ-୫୬, ଶଶାଙ୍କ ସିଂ-୨୫*, ମହମ୍ମଦ ଶାମି-୩/୩୯, ୟାଶ୍ ଦୟାଲ-୧/୨୪, ଆଲଜାରି ଜୋସେଫ-୧/୩୫)।

# ସ୍ପୋର୍ଟ୍ସ ଓଡ଼ିଶା ୯-୧ ଗୋଲରେ ବିଜୟୀ

**ଭୁବନେଶ୍ୱର, ୨୭।୪**
**(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୯-୧ ଗୋଲରେ ଗୋଆର ସିର୍ଭୋଡେମ୍ ସ୍ପୋର୍ଟ୍ସ କ୍ଲବକୁ ପରାସ୍ତ କରିଛି। ୭ମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶାର ଅଭିଜ୍ଞ ଖେଳାଳି ପ୍ୟାରୀ ଖାଖା ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସେ ୨୮, ୫୮ ଓ ୯୦+୪ ମିନିଟରେ ଗୋଲ ସ୍କୋର କରିଥିଲେ। ମ୍ୟାଚର ୨ୟ ମିନିଟରେ ସତ୍ୟବତୀ ଖାଡ଼ିଆ ଏକ ଗୋଲ ଦେଇ ସ୍ପୋର୍ଟ୍ସ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ୧୪ତମ ମିନିଟରେ ସେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ୨୮ତମ ମିନିଟରେ ପ୍ୟାରୀ ଖାଖା ଏବଂ ୩୬ତମ ମିନିଟରେ ଜବାମଣି ଟୁଡୁ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳର ଅଗ୍ରଣୀ ବ୍ୟବଧାନକୁ ୪-୦ରେ ପହଞ୍ଚାଇଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ସହ ପ୍ୟାରୀ ଖାଖା।

**ଇଣ୍ଡିଆନ ଓମେନ୍ସ ଲିଗ୍**
**ପ୍ୟାରୀ ଖାଖାଙ୍କ ହ୍ୟାଟ୍ରିକ**

ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ସମୟ ପରେ ଅର୍ଥାତ୍ ୫୩ତମ ମିନିଟରେ ସିର୍ଭୋଡେମ ଦଳର ଏର୍ନେଷ୍ଟିନା ଟିଥେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ମାତ୍ର ୫୮ତମ ମିନିଟରେ ପ୍ୟାରୀ ବ୍ୟକ୍ତିଗତ ଦ୍ୱିତୀୟ ଓ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ୫ମ ଗୋଲ ସ୍କୋର କରିଥିଲେ। ୫୯ତମ ମିନିଟରେ ଯଶୋଦା ମୁଣ୍ଡା, ୬୧ତମ ମିନିଟରେ ଦୀପା ନାୟକ, ୬୩ତମ ମିନିଟରେ ଯଶୋଦା ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୮ମ ଗୋଲ ଦେଇଥିଲେ। ଇଞ୍ଜୁରି ଟାଇମ୍ ୯୦+୪ ମିନିଟରେ ଗୋଲଦେଇ ହ୍ୟାଟ୍ରିକ ପୂରଣ କରିଥିଲେ ପ୍ୟାରୀ। ସେଥିପାଇଁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଓଡ଼ିଶା ପୋଲିସ ୦-୪ ଗୋଲରେ ଇଣ୍ଡିଆନ ଆରୋଜ ନିକଟରୁ ହାରିଯାଇଛି। ବିଜୟୀ ଦଳ ପକ୍ଷରୁ ୧୩, ୧୯ ଓ ୭୬ତମ ମିନିଟରେ ଅପୂର୍ଣ୍ଣା ନାର୍ଜାରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ କରିଥିବାବେଳେ ୩୬ତମ ମିନିଟରେ ସୁନୀତା ମୁଣ୍ଡା ଗୋଟିଏ ଗୋଲ ସ୍କୋର କରିଥିଲେ। ଅପୂର୍ଣ୍ଣାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।

# ଭାରତ ପ୍ରଥମେ ପାକିସ୍ତାନକୁ ଭେଟିବ

**ଜାକର୍ତ୍ତା, ୨୭।୪ (ପି.ଟି.)**

ଏସିଆ କପ୍ ପୁରୁଷ ହକି ମେ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବ। ଗତଥରର ଚାମ୍ପିୟନ ଭାରତ ଏହାର ପ୍ରଥମ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିବ। ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଭାରତ ପୁଲ୍ 'ଏ'ରେ ଜାପାନ, ପାକିସ୍ତାନ ଓ ଇଣ୍ଡୋନେସିଆ ସହିତ ସ୍ଥାନ ପାଇଛି। ପୁଲ୍ 'ବି'ରେ ଅଛନ୍ତି ମାଲେସିଆ, କୋରିଆ, ଓମାନ ଓ ବାଂଲାଦେଶ। ପାକିସ୍ତାନ ବିପକ୍ଷ ମ୍ୟାଚ ପରେ ଭାରତ ୨୪ରେ ଜାପାନ ଓ ୨୬ରେ ଇଣ୍ଡୋନେସିଆକୁ ଭେଟିବ। ଟୁର୍ନାମେଣ୍ଟ ସୁପର୪ ପୁଲ୍ ଫର୍ମାଟରେ ଖେଳାଯିବ। ପ୍ରତି ଗ୍ରୁପ୍‌ର ୨ ଶ୍ରେଷ୍ଠ ଦଳ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିବେ। ଭାରତ ଓ ପାକିସ୍ତାନ ୩ ଥର ଲେଖାଏ ଏସିଆ କପ୍ ଜିତିଛନ୍ତି। ସଫଳ ଦଳଭାବେ ଦକ୍ଷିଣ କୋରିଆ ୪ ଥର ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ଭାରତ ୨୦୦୩ରେ କୁଆଲାଲମ୍ପୁର, ୨୦୦୭ରେ ଚେନ୍ନାଇ ଓ ୨୦୧୭ରେ ଢାକାରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଟାଇଟଲ ବିଜୟୀ ହୋଇଥିଲା।

# ମୁମ୍ବାଇ ଜିତିଲା ସିକେ ନାଇଡୁ ଟ୍ରଫି

**ଅହମଦାବାଦ, ୨୭।୪ (ପି.ଟି.):** ବାମହାତୀ ସ୍ପିନର ଶାମ୍ସ ମୁଲାନୀଙ୍କ ୭ ଉଇକେଟ ସଫଳତା ବଳରେ ମୁମ୍ବାଇ ୨୫ ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫି ବିଜୟୀ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ମୁମ୍ବାଇ ୭୫ ରନରେ ବିଦର୍ଭକୁ ପରାସ୍ତ କରିଛି। ଏହି ମ୍ୟାଚରେ ମୁମ୍ବାଇ ପ୍ରଥମ ଇନିଂସରେ ୪୬୮ ରନ କରିଥିଲା। ଜବାବରେ ବିଦର୍ଭ ପ୍ରଥମ ଇନିଂସରେ ୩୮୫ ରନ କରିଥିଲା। ଦ୍ୱିତୀୟ ଇନିଂସରେ ମୁମ୍ବାଇ ୧୧୩ ରନରେ ଅଲ୍‌ଆଉଟ ହୋଇଥିବାବେଳେ ବିଦର୍ଭ ୧୨୧ ରନରେ ସମସ୍ତ ଉଇକେଟ ହରାଇଥିଲା।

# ଭୁବନେଶ୍ୱରରେ ପ୍ରଥମ ଟାଇବକ୍ସ ପ୍ରତିଯୋଗିତା

**ଭୁବନେଶ୍ୱର, ୨୭।୪ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱରରେ ପ୍ରଥମ ରାଜ୍ୟସ୍ତରୀୟ ଟାଇ ବକ୍ସ ପ୍ରତିଯୋଗିତା ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବ। ବୁଦ୍ଧେଶ୍ୱରୀ କଲୋନୀ କମ୍ପ୍ଲେକ୍ସ ସେଣ୍ଟରରେ ଏହା ଆୟୋଜନ ହେବ। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ୩୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବା ପାଇଁ ସମ୍ମତି ଜଣାଇଛନ୍ତି। ଟାଇବକ୍ସ ଏକ ସାମରିକ କ୍ରୀଡା। ଏହି ଖେଳର ଜାତୀୟ ସ୍ତରର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ। ଅନ୍ତର୍ଜାତୀୟ କିକ୍ ବକ୍ସର ବିଭୂତି ଭୂଷଣ ବେହେରା ଏହି ସଂଘର ସଭାପତି ଏବଂ ପ୍ରକାଶ ବେହେରା କାର୍ଯ୍ୟକାରୀ ସମ୍ପାଦକ ଅଛନ୍ତି। ମା' ମଙ୍ଗଳା କ୍ଲବର ସଦସ୍ୟଙ୍କ ସାହାଯ୍ୟ ଓ ସହଯୋଗ କ୍ରମେ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବାକୁ ଉଦ୍ୟମ କରାଯାଉଛି ବୋଲି ସଭାପତି ବିଭୂତି ପ୍ରକାଶ କରିଛନ୍ତି।

# ସାଇନା, ସିନ୍ଧୁଙ୍କ ବିଜୟ ଅଭିଯାନ ଆରମ୍ଭ

**ମାନିଲା,୨୭।୪:** ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ପି ଭି ସିନ୍ଧୁ ଓ ସାଇନା ନେହ୍ୱାଲ ଚଳିତ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ମହିଳା ସିଙ୍ଗଲ୍ସ ବର୍ଗରେ ବିଜୟ ସହ ଆରମ୍ଭ କରିଛନ୍ତି। ଆହତ ସମସ୍ୟାରୁ ଫେରିଥିବା ସାଇନା ୨୧-୧୫, ୧୭-୨୧, ୨୧-୧୩ ଗେମ୍‌ରେ ଦକ୍ଷିଣ କୋରିଆର ସିମ ୟୁଜିନଙ୍କୁ ହରାଇ ଦେଇଛନ୍ତି। ସେହିଭଳି ସିନ୍ଧୁ ୧୮-୨୧, ୨୭-୨୫, ୨୧-୯ ଗେମ୍‌ରେ ଚାଇନିଜ ତାଇପେର ପାଇ ୟୁ ପୋଙ୍କୁ ପରାସ୍ତ କରିଛନ୍ତି। କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ୍‌କୁ ଜିତିବା ଲାଗି ସିନ୍ଧୁଙ୍କୁ ଏକ ଘଣ୍ଟା ୧୭ ମିନିଟ୍ ଧରି ଲାଗିଥିଲା। କିନ୍ତୁ ଲକ୍ଷ୍ୟ ସେନ ଓ ବି ସାଇ ପ୍ରଣୀଥ ପରାଜୟ ସହ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।

ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ସେନଙ୍କୁ ଚାଇନାର ଅଣସିଡ୍ ଲି ଶି ଫେଙ୍ଗ ଚକିତ କରି ଦେଇଥିଲେ। ୫ମ ସିଡ୍ ଭାରତୀୟ ୨୧-୧୨, ୧୦-୨୧, ୧୯-୨୧ ଗେମ୍‌ରେ ପରାସ୍ତ ହୋଇଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱର ୧୯ତମ ମାନ୍ୟତାପ୍ରାପ୍ତ ପ୍ରଣୀଥ ସିଧାସଳଖ ଗେମ୍‌ରେ ଇଣ୍ଡୋନେସିଆର ଜୋନାଟାନ କ୍ରିଷ୍ଟିଙ୍କଠାରୁ ପରାସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଅଶ୍ୱିନୀ ଭଟ କେ ଓ ଶିକଗା ଗୌତମ, ସିମରନ ସିଂ-ରିତିକା ଠାକେରଙ୍କ ପରାଜୟ ସହ ଟୁର୍ନାମେଣ୍ଟର ମହିଳା ଡବଲ୍ସ ବର୍ଗରେ ଭାରତର ପ୍ରତିଦ୍ୱନ୍ଦ୍ୱିତା ଶେଷ ହୋଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ